
'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-62 ◆TUESDAY ◆26 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୨ ◆ମଙ୍ଗଳବାର ◆୨୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲଘୁଚାପ ଆଣୁଛି ବଡ଼ ବର୍ଷା

# ବଢୁଛି ବନ୍ୟା ଭୟ

### ସତର୍କ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ ■ ଆସନ୍ତା ୨-୩ ବେଳକୁ ପୁଣି ଏକ ଲଘୁଚାପ

■ **ଭୁବନେଶ୍ୱର, ୨୫।୮ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ଏହି ସମୟରେ ବଙ୍ଗୋପସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ

### ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ

ବିଭାଗ ପୂର୍ବାନୁମାନ କରିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏହି ଲଘୁଚାପ ଯୋଗୁଁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ମହାନଦୀ ସମେତ ଉତ୍ତର ଓଡ଼ିଶାର ବୈତରଣୀ ଓ ସୁବର୍ଣ୍ଣରେଖାରେ ଜଳସ୍ତର ଅଧିକ ରହିଥିବାରୁ ଏହି ଲଘୁଚାପ ଜନିତ ବର୍ଷା ବନ୍ୟାସ୍ଥିତିକୁ ଆହୁରି ଗମ୍ଭୀର କରିବାର ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଥମେ ଓଡ଼ିଶା ଓ ପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବର୍ଷା କରାଇବ। ଫଳରେ ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକୁ ଉପମୁଣ୍ଡରୁ ପ୍ରବଳ ପାଣି ଆସିବ; ତେଣୁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଏହି ଲଘୁଚାପର ପ୍ରଭାବ ଶେଷ ହେଉ ହେଉ ଆସନ୍ତା ମାସ ୨-୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରିଛି। ▶ପୃଷ୍ଠା-୭



## କାଣୀ ନଦୀରେ ୧୦୦ ଫୁଟ୍‌ର ଘାଇ

■ **ଯାଜପୁର, ୨୫।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବୈତରଣୀର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତ ବଙ୍ଗାଳାବାଡ଼ିଠାରେ ଗତକାଲି ବିଳମ୍ବିତ ରାତିରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ଏହି ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୪ଟି ପଞ୍ଚାୟତର ୧୮ ହଜାର ୪୩୩ ଲୋକ ଜଳବନ୍ଦୀ ହୋଇଛନ୍ତି। ସେଥିମଧ୍ୟରୁ ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ବନ୍ୟାଜଳରେ କଟିକଟା ପଞ୍ଚାୟତ ମାଝୀସାହିର ଭାଗବତ ମାଝୀ (୭୦) ନାମକ ବରିଷ୍ଠ ନାଗରିକ ଭାସି ପ୍ରାଣ ହରାଇଛନ୍ତି। ଘାଇ ଯୋଗୁଁ ଅନେକ ଘରେ ▶ପୃଷ୍ଠା-୭

**ବନ୍ୟାଜଳରେ ଭାସି ବୃଦ୍ଧ ମୃତ**

## ନବୀନଙ୍କୁ ଭେଟିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୨୫।୮ (ସମିସ):** ସୋମବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ସୁସ୍ଥ ଜୀବନ

### ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କଲେ

କାମନା କରିଛନ୍ତି। ସାକ୍ଷାତ ସମୟରେ ଉଭୟେ ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ▶ପୃଷ୍ଠା-୭



## ଓଡ଼ିଶା ହେବ ଦେଶର ଇଲେକ୍ଟ୍ରୋନିକ୍ସ ହବ୍



### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ଅନୁମୋଦନ

### ଆଇଟି କ୍ଷେତ୍ରରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

■ **ଭୁବନେଶ୍ୱର, ୨୫।୮ (ସମିସ):** ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଓଡ଼ିଶାର ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଆଇଟି ନୀତି-୨୦୨୫କୁ ଅନୁମୋଦନ ଦେଇଛନ୍ତି। ସେହିପରି ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ର ଆରମ୍ଭ କରିଛନ୍ତି। ବୈଠକରେ ୩ଟି ବିଭାଗର ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ▶ପୃଷ୍ଠା-୭





| MODEL | 125 CF | NS 125 | 150 SD | N160 TD SC | NS 160 |
|---|---|---|---|---|---|
| ଏକ୍ସ-ଶୋରୁମ୍ ମୂଲ୍ୟ | ₹94 234/-* | ₹99 994/-* | ₹1 14 387/-* | ₹1 22 720/-* | ₹1 31 699/-* |
| ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ | ₹7 500/-* | ₹6 000/-* | ₹7 500/-* | ₹10 000/-* | ₹10 000/-* |

*ଅଫର୍ ସମସ୍ତ ପଲ୍‌ସର୍ ମଡେଲ ସକାଶେ ଉପଲବ୍ଧ
ଲୋ ଡାଉନ୍ ପେମେଣ୍ଟ ଆରମ୍ଭ ₹4 999/-** ରୁ
ଅତିରିକ୍ତ ଅଫର Flipkart ଏବଂ amazon.in ରେ ଉପଲବ୍ଧ।

72198 21111

BAJAJ SECURE • AMC • ROAD SIDE ASSISTANCE | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି କ୍ୟାଶ୍‌ବ୍ୟାକ୍, ନିଲ୍ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ । ଫାଇନାନ୍‌ସର୍ / ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ନିଲ୍ ପିଏଫ୍ ଆଉ ଇନ୍‌ସ୍ୟୋରାନ୍ସ ଭିନ୍ନ ହୋଇପାରେ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଯଥୋଚିତ ମଡେଲଙ୍କ ବେସ୍ ଭାରିଆଣ୍ଟ ସକାଶେ । **ଡାଉନ୍-ପେମେଣ୍ଟ ହେଉଛି ପଲ୍‌ସର୍ 125 Neon ପାଇଁ ମାର୍ଜିନ୍ ମନୀ । ମାର୍ଜିନ୍ ମନୀ ରେ ଡିସିସି ଚାର୍ଜେସ୍, ପ୍ରୋସେସିଙ୍ଗ ଫୀଜ୍, ଅନ୍ୟାନ୍ୟ ଚାର୍ଜ ମିଶିନାହିଁ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ସର୍ତ୍ତ ଓ ନିୟମାବଳୀ ଲାଗିବ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ। ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili** MSB BAJAJ 7077735755 • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.




ସକାଳ
www.sakalaepaper.com

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଜେଡ୍ ସିକ୍ୟୁରିଟି ହଟାଗଲା

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ ସିକ୍ୟୁରିଟି ବ୍ୟବସ୍ଥାକୁ ସୋମବାର ହଟାଇ ଦିଆଯାଇଛି । ୪ ଦିନ ତଳେ ତାଙ୍କ ଉପରେ ଆକ୍ରମଣ ହେବା ପରେ ଏହି ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା । ତେବେ ଏହାକୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି । ଫଳରେ ପୁଣି ଥରେ ତାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସକୁ ଦାୟିତ୍ୱ ଦିଆଯାଇଛି । ସେପଟେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ରବିବାର ଜଣେ ଦ୍ୱିତୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜେଶ ସାକାରିୟାଙ୍କୁ ଗିରଫର କରାଯାଇଥିଲା । ଏବେ ତାର ସହଯୋଗୀ ତହସିନ ସୟଦଙ୍କୁ ଗିରଫ କରାଯାଇଛି । ଅଗଷ୍ଟ ୨୦ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ରେଖାଙ୍କ ଉପରେ ଆକ୍ରମଣ ହୋଇଥିଲା । ନିଜର ଅଭିଯୋଗ ଶୁଣାଇବାକୁ ଆସିବା ବାହାନରେ ରାଜେଶ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତକୁ ଟାଣି ଚାପୁଡା ମାରିଥିଲା । ଏହି ମାମଲାରେ ପୁଲିସ ନଜରରେ ଆହୁରି ୧୦ଜଣ ଲୋକ ରହିଛନ୍ତି । ଆକ୍ରମଣ ଗୋଟିଏ ଦିନ ପୂର୍ବରୁ ରାଜେଶ ରେଖାଙ୍କ ବାସଭବନ ଆଗରେ ରେକି କରିଥିଲା ବୋଲି ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା ।

## ରାଜନୈତିକ ବିଶ୍ଳେଷକଙ୍କ ବିରୋଧରେ ଏତଲା ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନିର୍ବାଚନ ବିଶେଷଜ୍ଞ ଓ ଲୋକନୀତି- ସିଏସ୍‌ଡିଏସ୍‌ର ସହ ନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି । ୨୦୨୪ ମହାରାଷ୍ଟ୍ର ନିର୍ବାଚନରେ ଭୋଟରଙ୍କୁ ନେଇ ସୃଷ୍ଟି ହୋଇଥିବା ଅସଂଗତି ଉପରେ ଟୁଇଟ୍ କରିଥିଲେ । ଏହି ଟୁଇଟ୍‌ଗୁଡିକୁ ସେ ଡିଲିଟ କରିଛନ୍ତି । ଫଳରେ ବିରୋଧୀ ଦଳଗୁଡିକ ଏହାକୁ ସମାଲୋଚନା କରିଛନ୍ତି ଓ ସେ ବିଜେପି ସହିତ ମିଶିଥିବା ଅଭିଯୋଗ ଆଣିବା ସହ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ସମାଲୋଚନା କରିଛନ୍ତି । ଇତିମଧ୍ୟରେ ଟୁଇଟ୍ ଡିଲିଟ କରିବା ନେଇ ମଧ୍ୟ ସଞ୍ଜୟ ସ୍ପଷ୍ଟିକରଣ ଦେଇଛନ୍ତି । ତଥ୍ୟଗତ ତ୍ରୁଟି ଥିବାରୁ ଏହାକୁ ଉଡାଇବାକୁ ହେଲା ବୋଲି ସେ କହିଛନ୍ତି । ମହାରାଷ୍ଟ୍ର ନିର୍ବାଚନ ନେଇ କରିଥିବା ଟୁଇଟ୍ ନେଇ ହୃଦୟରୁ କ୍ଷମା ମାଗୁଛି ବୋଲି ସଞ୍ଜୟ ଉଲ୍ଲେଖ କରିଛନ୍ତି । ୨୦୨୪ ଲୋକସଭା ଓ ୨୦୨୪ ବିଧାନସଭା ନିର୍ବାଚନର ଡାଟା ତଥା ତଥ୍ୟ ତୁଳନା କରିବା ବେଳେ ତ୍ରୁଟି ହୋଇଥିଲା । ଆମ ଡାଟା ଟିମ୍ ଦ୍ୱାରା ଏହା ଭୁଲ ପଢ଼ାଯାଇଥିଲା । ତେଣୁ ଟୁଇଟ୍‌ଗୁଡିକୁ ହଟାଇବାକୁ ପଡ଼ିଥିଲା । କୌଣସି ପ୍ରକାର ଭୁଲ ସୂଚନା ପ୍ରଚାର କରିବା ମୋର ଲକ୍ଷ୍ୟ ନଥିଲା ବୋଲି ସେ କହିଛନ୍ତି । ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟାରେ ଅବନତୀ ହୋଇଥିବା କଥା ସେ ହଟାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରିଥିଲେ । ସଞ୍ଜୟ ଏହି ଟୁଇଟ୍ ଡିଲିଟ କରିଛନ୍ତି ଓ ଏବେ ଏ ନେଇ ସାର୍ବଜନୀନ ଭାବେ କ୍ଷମା ମାଗିଛନ୍ତି । ତେଣୁ ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଉଚିତ ନୁହଁ ବୋଲି ସଞ୍ଜୟଙ୍କ ଓକିଲ ଆଜିର ଶୁଣାଣିରେ କହିଥିଲେ । ତେଣୁ ଏହି ମାମଲାର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ବିରୋଧରେ ଦାଏର କରାଯାଇଥିବା ଏଫ୍‌ଆଇଆର ଉପରେ ରୋକ ଲଗାଇଛନ୍ତି ।

## ସଡ଼କ ଦୁର୍ଘଟଣାରେ ୯ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୪୫ ଆହତ

ବୁଲନ୍ଦସହର, ୨୫ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ରବିବାର ବିଳମ୍ବିତ ରାତି ଏକ ସଡକ ଦୁର୍ଘଟଣାରେ ୯ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରାକ୍ଟରକୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ପଛରୁ ଧକ୍କା ଦେବା ଫଳରେ ଟ୍ରାକ୍ଟର ପଲଟି ଯାଇଥିଲା । ମୃତକଙ୍କ ମଧ୍ୟରେ ମା ଓ ପୁଅ ସାମିଲ ଅଛନ୍ତି । ଏଥିରେ ୪୫ ଜଣ ଲୋକ ଆହତ ହୋଇଛନ୍ତି । ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷର ପିଲା, ୫ ପୁରୁଷ ଓ ୩ ଜଣ ମହିଳା ସାମିଲ ରହିଛନ୍ତି । ରବିବାର ରାତି ୨ଟାରେ ଜାତୀୟ ରାଜପଥ ୩୪ରେ ଅରନିଆ ଅଞ୍ଚଳର ଘଟଲ ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିଲା । ଶ୍ରଦ୍ଧାଳୁମାନେ କାସଗଞ୍ଜରୁ ଜହାରବୀର (ଗୋଗାଜୀ) ଦର୍ଶନ ପାଇଁ ରାଜସ୍ଥାନର ଗୋଗାମେଡି ଯାଉଥିଲେ । ଟ୍ରାକ୍ଟରରେ ୬୧ ଜଣ ଶ୍ରଦ୍ଧାଳୁ ବସିଥିଲେ । ପୁଲିସ ଆହତଙ୍କୁ ଆମ୍ବୁଲାନ୍ସ ଜରିଆରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା । ମୃତଦେହଗୁଡିକର ପୋଷ୍ଟମର୍ଟମ ପାଇଁ ପୁଲିସ ବ୍ୟବସ୍ଥା କରିଛି । ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଓ ଆହତଙ୍କୁ ୫୦ ହଜାର ଲେଖାଏ ଟଙ୍କା ଦେବାକୁ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି । ସବୁ ମୃତକଙ୍କ ଘର କାସଗଞ୍ଜ ବୋଲି ପୁଲିସ କହିଛି । ଦୁଘଟଣାରେ ପୀଡିତଙ୍କୁ ଉଦ୍ଧାର କରିବା ପ୍ରକ୍ରିୟାରେ ସ୍ଥାନୀୟ ଲୋକ ସହଯୋଗ କରିଥିଲେ ।

## ଏଲ୍‌ଭିଶ ଯାଦବଙ୍କ ଘରକୁ ଗୁଳି ମାରିବା ମାମଲାରେ ୨ ଗିରଫ

ଗୁରୁଗ୍ରାମ, ୨୫ ।୮ (ଏଜେନ୍ସି): ଗୁରୁଗ୍ରାମରେ ଜଣାଶୁଣା ୟୁଟ୍ୟୁବର ଏଲିଭିଶ ଯାଦବଙ୍କ ଘର ଉପରକୁ ଗୁଳିମାଡ ଘଟଣାରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଟିମ୍ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ସୁଟରଙ୍କୁ ଗିରଫ କରିଛି । ଏମାନେ ହେଲେ ଫରିଦାବାଦର ଗୌରବ ଓ ଆଦିତ୍ୟ । ଏମାନେ ଦିଲ୍ଲୀର ଶାହାବାଦ ଅଞ୍ଚଳରେ ଲୁଚି ରହିଥିଲେ । ଏହି ଦୁଇ ସୁଟର କୁଖ୍ୟାତ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ପାଇଁ କାର୍ଯ୍ୟ କରୁଥିଲେ । ଆମେରିକାର ରହି ଭାଉ ଏକ ସିଗ୍‌ନାଲ ଆପ୍ ମାଧ୍ୟମରେ ଏହି ଦୁଇ ସୁଟରଙ୍କ ସମ୍ପର୍କରେ ଆସିଥିଲା । ଅଗଷ୍ଟ ୧୭ରେ ଏଲଭିସ୍‌ଙ୍କ ଘର ଉପରକୁ ୨୪ ରାଉଣ୍ଡ ଫାୟରିଂ ହୋଇଥିଲା । ଫଳରେ ଘରର କବାଟ, ଝରକା, ଛାତର ସିଲିଂରେ ଗୁଳିର ଚିହ୍ନ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟ କରିବାକୁ ଗୌରବ ଓ ଆଦିତ୍ୟଙ୍କୁ ୫୦ ହଜାର ଲେଖାଏ ଟଙ୍କା ମିଳିଥିଲା ।



## ଗାଜା ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣ

**● ୪ ସାମ୍ବାଦିକଙ୍କ ସମେତ ୨୦ ମୃତ**
**● ଏପର୍ଯ୍ୟନ୍ତ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି**

ଗାଜା, ୨୫ ।୮ (ଏଜେନ୍ସି): ଗାଜା ଉପରେ ଇସ୍ରାଏଲ ପୁଣି ଆକ୍ରମଣ କରିଛି । ସୋମବାର ଗାଜାର ନାସେର ହସ୍ପିଟାଲ ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ଆକ୍ରମଣ କରିବାରୁ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୪ ଜଣ ସାମ୍ବାଦିକ ମଧ୍ୟ ସାମିଲ ରହିଛନ୍ତି ବୋଲି ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି । ଆସୋସିଏଟ ପ୍ରେସର ଜଣେ ଫ୍ରିଲାନ୍ସର ମଧ୍ୟ ମୃତ୍ୟୁବରଣ କରିଛନ୍ତି ।

ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଏହି ୨୨ ମାସର ଲଢ଼େଇରେ ଏପର୍ଯ୍ୟନ୍ତ ମୋଟ ୧୯୨ ସାମ୍ବାଦିକ ପ୍ରାଣ ହରାଇଲେଣି । ସେହିପରି ରୁଷିଆ- ୟୁକ୍ରେନ ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି । ଏହି ଆକ୍ରମଣ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ କିଛି କହିବାକୁ ମନା କରିଦେଇଛି । ଏହାପୂର୍ବରୁ ସାହଯ୍ୟ ପାଇଁ ୪ ଜଣ ପାଲେଷ୍ଟାଇନ୍ ନାଗରିକ ରବିବାର ଗାଜା ସିଟିର ଦକ୍ଷିଣରେ ଥିବା ମିଲିଟାରୀ ଜୋନ ଦେଇ ଯାଉଥିବା ବେଳେ ଇସ୍ରାଏଲ ସେନା ଗୁଳିରେ ପ୍ରାଣ ହରାଇଥିଲେ । ଏହି ଯୁଦ୍ଧ କାରଣରୁ ଗାଜାରେ ଜାତିସଂଘ ଦୁର୍ଭିକ୍ଷ ଘୋଷଣା କରିଛି । ଯୁଦ୍ଧରେ ଏପର୍ଯ୍ୟନ୍ତ ୬୨, ୬୮୬ ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି । ଏପର୍ଯ୍ୟନ୍ତ କେବଳ ଖାଦ୍ୟ ଅଭାବରୁ ଅର୍ଥାତ ଅନାହରରେ ୨୮୯ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୧୧୫ ଜଣ ପିଲା ସାମିଲ ରହିଛନ୍ତି ।

# ମେଡିକାଲ କଲେଜ ନାମଲେଖାରେ ଜାଲିଆତି

**ନକଲି ଦସ୍ତାବିଜ, ନକଲି ପରିବାର**
**ନକଲି ଏନ୍‌ଆରଆଇ ପ୍ରମାଣପତ୍ର**
**୧୮ ହଜାର ସିଟ୍‌ରେ ଆଡ୍‌ମିସନ**

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମଲେଖାରେ ବଡ଼ ଧରଣର ଜାଲିଆତି ହୋଇଛି । ଜାଲ ଦସ୍ତାବିଜ୍, ଜାଲ ପରିବାର ଓ ଜାଲ ପ୍ରମାଣପତ୍ର । ଏମ୍‌ବିବିଏସ୍ ଏବଂ ପିଜି ମେଡିକାଲ କଲେଜ ଆଡମିସନରେ ଏଭଳି ଜାଲିଆତି ହୋଇଥିବାର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ମେଡିକାଲ କଲେଜଗୁଡିକରେ ଚଢ଼ଉ ବେ ।।ଳେ ଇଡି ଯାଞ୍ଚ୍ ବେଳେ ଅନେକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି । ବିଶେଷ କରି ଏନ୍‌ଆର୍‌ଆଇ କୋଟାରେ ନାମଲେଖା ବେଳେ ଏଭଳି ଜାଲିଆତି ହୋଇଛି । ଏଥିରେ ଦଲାଲଙ୍କ ସହିତ ମେଡିକାଲ କଲେଜ କର୍ତ୍ତୃପକ୍ଷ ମଧ୍ୟ ସାମିଲ ଅଛନ୍ତି । ଇଡି ସୂଚନା ଅନୁଯାୟୀ ନକଲି ପ୍ରବାସୀ ଭାରତୀୟ ବା ଏନ୍‌ଆରଆଇ କାଗଜପତ୍ର ଦେଇ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏମ୍‌ବିବିଏସ୍ ସିଟ୍‌ରେ ନାମ ଲେଖାଇଛନ୍ତି । ଘରୋଇ ମେଡିକାଲ କଲେଜଗୁଡିକରେ ନକଲି ଏନ୍‌ଆରଆଇ ପ୍ରମାଣପତ୍ର ସହ ୧୮ ହଜାର ସିଟ୍‌ରେ ନାମଲେଖା ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ଓ ଭାରତୀୟ ଦୂତାବାସର ସହଯୋଗରେ ଇଡି ଏହିସବୁ ତଥ୍ୟ ହାସଲ କରିଛି । ଏଜେଣ୍ଟମାନଙ୍କୁ ପଇସା ଦେଇ ଅନେକ ଘରୋଇ କଲେଜ ନିକଲି ଏନ୍‌ଆରଆଇ ପ୍ରମାଣପତ୍ର ପ୍ରସ୍ତୁତ କରିଛନ୍ତି । ଦୂତାବାସ ସହିତ ଜଡିତ ନକଲି ଏନ୍‌ଆରଆଇ କାଗଜପତ୍ର ଓ ପରିବାର ସମ୍ପର୍କରେ ନକଲି କାଗଜ ପ୍ରସ୍ତୁତ କରାଯାଇଛି । ଏପରିକି ନାମଲେଖା ବେଳେ ଭିନ୍ନ ଭିନ୍ନ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୋଟିଏ ପ୍ରକାର ପ୍ରମାଣପତ୍ର ମଧ୍ୟ ବ୍ୟବହାର କରାଯାଇଛି ।

ଇଡି ପକ୍ଷରୁ କୁହାଯାଇଛି ଯେ କିଛି ଦିନ ତଳେ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟର ଅନେକ ମେଡିକାଲ କଲେଜରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ହଜାର ହଜାର ଏନ୍‌ଆର୍‌ଆଇ ସାର୍ଟିଫିକେଟ ଜବତ କରାଯାଇଥିଲା । ଏହାର ଯାଞ୍ଚ ପାଇଁ ଭାରତୀୟ ଦୂତାବାସକୁ ପଠାଯାଇଥିଲା । ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଅଧିକାଂଶ ଏନ୍‌ଆର୍‌ଆଇ ସାର୍ଟିଫିକେଟ୍ ଜାଲ୍ । ଏହିସବୁ ସାର୍ଟିଫିକେଟରେ ଲାଗିଥିବା ଆମେରିକୀୟ ନୋଟାରୀ ଅଧିକାରୀଙ୍କ ଷ୍ଟାମ୍ପ ମଧ୍ୟ ନକଲି ବୋଲି ସ୍ପଷ୍ଟ ହୋଇଛି । ନିୟମ ଅନୁସାରେ ଏନ୍‌ଆରଆଇ କୋଟାରେ ନାମଲେଖାଇଥିବା ଛାତ୍ରଙ୍କର ଫିସ୍ ତାଙ୍କ ଏନ୍‌ଆରଆଇ ସମ୍ପର୍କୀୟ ଦେଇଥାନ୍ତି । କିନ୍ତୁ ଏହି ଫିସ୍ ଏନ୍‌ଆରଆଇଙ୍କ ପରିବାର ନୁ ।।ହେଁ, ବରଂ ଏନଆରଆଇଙ୍କ ପକ୍ଷରୁ ପଇଠ କରାଯାଇଛି । ଏହି ମାମଲାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଜଣାପଡ଼ିଛି । ଦୁର୍ନୀତିରେ ସାମିଲ ଥିବା କଲେଜ ବିରୋଧରେ କର୍ଯ୍ୟାନୁଷ୍ଠାନ ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି ।




## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସି ବିଧାୟକ ଗିରଫ

**ପାଚେରି ଡେଇଁ ପଳାଉଥିଲେ; ଧରିଲା ଇଡି**

କୋଲକାତା, ୨୫ ।୮ (ଏଜେନ୍ସି): ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ବିଧାୟକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗରିଫ କରିଛି । ମୁର୍ଶିଦାବାଦ ଜିଲ୍ଲାର ବୁରୱାନ ନିର୍ବାଚନମଣ୍ଡଳୀର ଏହି ବିଧାୟକ ଜୀବନ କ୍ରିଷ୍ଣା ଶାହାଙ୍କୁ ଏସ୍‌ଏସ୍‌ସି ସହାୟକ ଶିକ୍ଷକ ନିଯୁକ୍ତି ମାମଲାରେ ଇଡି ତାଙ୍କ ବାସଭବନରୁ ଗିରଫ କରିଛି । ଇଡି ପହଞ୍ଚିବା ପୂର୍ବରୁ ତାଙ୍କୁ ଖବର ମିଳିଯାଇଥିଲା । ତେଣୁ ସେ ପାଚେରୀ ଡେଇଁ ପଳାଇବାକୁ ପ୍ରୟାସ କରିଥିଲେ । ଇଡି କର୍ମଚାରୀ ତାଙ୍କୁ ଗୋଡ଼ାଇ ଧରିଥିଲେ । ସେ ନିଜ ମୋବାଇଲ ଫୋନ୍ ନାଳରେ ପକାଇଦେଇଥିଲେ ।। ଇଡି ଏହାକୁ ଜବତ କରିଛି ।

ମନି ଲଣ୍ଡ୍ରିଂ ମାମଲାରେ ଶାହା, ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆସିଛି । ଏବେ ତାଙ୍କୁ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବ ଓ ତଦନ୍ତ ପାଇଁ ହାଜତକୁ ଆଣିବା ପାଇଁ ଅପିଲ କରାଯିବ ।। ଶିକ୍ଷକ ନିଯୁକ୍ତି ମାମଲାରେ ବୀରଭୁମ୍‌ର ଜଣେ ବ୍ୟକ୍ତିଙ୍କ ସହ ଶାହା ଅର୍ଥ ନେଣଦେଣ କରିବାର ସୂଚନା ପାଇବା ପରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇଡି ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କ ବୀରଭୁମ୍‌ସ୍ଥିତ ଘରେ ଚଢ଼ାଉ କରିଥିଲା । ଏହା ପୂର୍ବରୁ ଇଡି ଶାହାଙ୍କ ପତ୍ନୀଙ୍କୁ ମଧ୍ୟ ପଚରାଉଚରା କରିଥିଲା । ଉଲ୍ଲେଖଥାଉ କି ୨୦୨୩ରେ ଶାହାଙ୍କୁ ଏହି ମାମଲାରେ ସିବିଆଇ ଗିରଫ କରିଥିଲା । କିନ୍ତୁ ତାଙ୍କୁ ପରେ ଛାଡି ଦିଆଯାଇଥିଲା । ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସହାୟକ ଓ ପ୍ରାଥମମିକ ଶିକ୍ଷକ ନିଯୁକ୍ତି ମାମଲାରେ ଯାଞ୍ଚ୍ କରିବାକୁ କୋଲକାତା ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଇଡି ପଶ୍ଚିମବଙ୍ଗ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ ଓ ଅନ୍ୟତମ ଟିଏମ୍‌ସି ବିଧାୟକ ପଶ୍ଚିମବଙ୍ଗ ପ୍ରାଥମିକ ଶିକ୍ଷା ବୋର୍ଡର ପୂର୍ବତନ ଅଧକ୍ଷ ମାଣିକ ଭଟାଚାର୍ଯ୍ୟଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା ।



## ଧନଖଡ଼ଙ୍କ ସଂପର୍କରେ ମୁହଁ ଖୋଲିଲେ ଅମିତ ଶାହ

ନୂଆଦିଲ୍ଲୀ, ୨୫ ।୮: ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ନେଇ ମୁହଁ ଖୋଲିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ସେ କହିଛନ୍ତି ଯେ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି । ଇସ୍ତଫା ପରେ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି ବୋଲି ବିରୋଧୀ ଦଳ ଯାହା ଅଭିଯୋଗ କରୁଛନ୍ତି, ତାହା ସଂପୂର୍ଣ୍ଣ ମିଛ । ଏଥିରେ ଟିକିଏ ମାତ୍ର ସତ୍ୟତା ନାହିଁ । ଏଏନ୍‌ଆଇକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହିତ କହିଛନ୍ତି ଯେ ଧନଖଡ଼ଙ୍କୁ ନେଇ ବିରୋଧୀ ଦଳ ଅଯଥାରେ ବିବାଦ ସୃଷ୍ଟି କରୁଛନ୍ତି । ନିଜ ଇସ୍ତଫାପତ୍ରରେ ଧନଖଡ଼ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି, ତାଙ୍କର ସ୍ୱାସ୍ଥ୍ୟ ଠିକ୍ ନୁହେଁ । ପୁଣି ଏହି ପତ୍ରରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କୁ ନେଇ ବିରୋଧୀ ଦଳମାନେ ଯାହା ପ୍ରଚାର କରୁଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ ।

ଲୋକସଭାରେ ଆଗତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏହାକୁ ନେଇ କାହିଁକି ବିବାଦ ସୃଷ୍ଟି କରାଯାଉଛି ତାହା ସେ ବୁଝି ପାରୁ ନାହାନ୍ତି । ରାଜନୀତିରେ ନୈତିକ ମୂଲ୍ୟବୋଧର ସ୍ତର ବୃଦ୍ଧି କରିବା ଲାଗି ଏହା ଉଦ୍ଦିଷ୍ଟ । ଦୁର୍ନୀତି ଓ ଅନ୍ୟ ଅପରାଧ ଅଭିଯୋଗରେ ଗିରଫ ହୋଇ ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କି ଅନ୍ୟ କେଉଁ ମନ୍ତ୍ରୀ ସେମାନେ ପଦ ହରାଇବେ । ଏଥିରେ ଅସୁବିଧା କଣ? ଜେଲରୁ ରହି ସରକାର ଚଳାଇବା ଠିକ୍ ନୁହେଁ । ଏହା ଗଣତନ୍ତ୍ର ପ୍ରତି ଅପମାନ । ନିଜର ଉଦାହରଣ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ, ୨୦୧୦ରେ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ଏକ ମିଥ୍ୟା ମାମଲାରେ ତାଙ୍କୁ ଫସାଯାଇଥିଲା । ଏହି ମାମଲାରେ ସିବିଆଇ ସମନ୍ ପାଇବା କ୍ଷଣି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । କେବଳ ଏତିକି ନୁହେଁ, ଏହି ମାମଲାରେ ଦୋଷମୁକ୍ତ ନ ।।ହେବା ପର୍ଯ୍ୟନ୍ତ ସେ କୌଣସି ସାମ୍ବିଧାନିକ ଦାୟିତ୍ୱ ଗ୍ରହଣ କରିନଥିଲେ । ସେ କଂ ।।ଗ୍ରେସ ନେତା ଗାନ୍ଧୀଙ୍କର ଉଦାହରଣ ଦେଇ କହିଲେ ଯେ ଅପରାଧୀଙ୍କୁ ଅଯୋଗ୍ୟ ଘୋଷିତ କରିବା ଲାଗି ମନମୋହନ ସରକାର ଏକ ଅଧ୍ୟାଦେଶ ଆଣିଥିଲେ । ଏହି ଅଧ୍ୟାଦେଶକୁ ରାହୁଲ ଗାନ୍ଧୀ ବିରୋଧ କରିବା ସହିତ ଏହାର କପିକୁ ଚିରି ଦେଇଥିଲେ । ଏବେ ଏଭଳି ବିଲକୁ ସେ କାହିଁକି ବିରୋଧ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଅମିତ ଶାହ ।

## ୩ବର୍ଷର ଶିଶୁ ସହ ଜଳିଗଲେ ଅଧ୍ୟାପିକା



ଯୋଧପୁର, ୨୫।୮: ନୋଏଡ଼ାରେ ଯୌତୁକ ପାଇଁ ସ୍ୱାମୀ ଓ ଶାଶୂ ଜଣେ ମହିଳାଙ୍କୁ ନିଆଁ ଲଗାଇ ହତ୍ୟା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏଭଳି ଆଉ ଏକ ଅଭାବନୀୟ ଘଟଣା ଘଟିଛି ରାଜସ୍ଥାନର ଯୋଧପୁରରେ । ଯୌତୁକ ନିର୍ଯାତନାର ଶିକାର ଜଣେ ଅଧ୍ୟାପିକା ନିଜ ୩ ବର୍ଷର ଶିଶୁକନ୍ୟା ସହିତ ନିଆଁ ଲଗାଇ ଆତ୍ମଦାହ କରିଛନ୍ତି । ସେ ଛାଡ଼ିଯାଇଥିବା ସୁଇସାଇଡ୍ ନୋଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ଦେଉଥିବା ନିର୍ଯାତନା ଅସହ୍ୟ ହୋଇପଡ଼ିବାରୁ ସେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ ସଂଜୁ ବିଷ୍ଣୋଇ ନାମକ ଏହି ମହିଳା ଜଣକ ଏକ କଲେଜରେ ଅଧ୍ୟାପିକା ଥିଲେ । ଗତ ଶୁକ୍ରବାର ଦିନ ସେ କଲେଜରୁ ଫେରିଥିଲେ । ଏହାପରେ ନିଜ ଶିଶୁ କନ୍ୟାକୁ ଧରି ଏକ ଚୌକିରେ ବସିପଡ଼ିଲେ । ନିଜ ଓ ଶିଶୁ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ । ଏହି ସମୟରେ ଘରେ କେହି ନଥିଲେ । ଘରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଂଚିଲା ବେଳକୁ ଝିଅର ମୃତ୍ୟୁ ଘଟିଥିଲା । ସଂଜୁଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗତ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି । ଶାଶୂ ଘର ଲୋକଙ୍କ ବିରୋଧରେ ସଞ୍ଜୁଙ୍କ ପିତା ମଧ୍ୟ ଥାନାରେ ଏତଲା ଦେଇଛନ୍ତି । ତେବେ ତଦନ୍ତ ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀ କହିଛନ୍ତି ।

## ଏକଜଷ୍ଟ ପଙ୍ଖା କଣାରୁ ଭିଡିଓ ରେକର୍ଡିଂ କରାଯାଇଥିଲା

**କୋଲକାତା ଲ' କଲେଜ ଦୁଷ୍କର୍ମ ମାମଲା**
**୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ**

କୋଲକାତା, ୨୫ ।୮ (ଏଜେନ୍ସି): ବହୁ ଚର୍ଚ୍ଚିତ କୋଲକାତା ଲ' କଲେଜ ଛାତ୍ରୀ ଦୁଷ୍କର୍ମ ମାମଲାରେ ୬୫୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ଦୁଷ୍କର୍ମର ଏକାଧିକ ଭିଡିଓ ଉତ୍ତୋଳନ କରି ଛାତ୍ରୀଙ୍କୁ ବ୍ଲାକମେଲ କରାଯାଉଥିଲା ବୋଲି ଉଲ୍ଲେଖ କରାଯାଇଛି । ପୀଡ଼ିତା ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ମେଡିକାଲ ପରୀକ୍ଷାରେ ନିଶ୍ଚିତ ହୋଇଛି । ଅଭିଯୁକ୍ତର ଡିଏନ୍‌ଏ ଫରେନସିକ ସାମ୍ପୁଲ ସହ ମେଳ ଖାଉଛି ବୋଲି ପୁଲିସକୁ ପ୍ରମାଣ ମିଳିଛି । ଗତ ଜୁନ୍ ୨୫ରେ ଦକ୍ଷିଣ କୋଲକାତା ଲ କଲେଜ କ୍ୟାମ୍ପସରେ ମନୋଜିତ ମିଶ୍ରା ନାମକ ଜଣେ ଛାତ୍ରନେତା ଓ ତା'ର ୨ ଜଣ ସହଯୋଗୀ ଜେବ ଅହମ୍ମଦ, ପ୍ରମିତ ମୁଖାର୍ଜୀ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ । ଏହି ମାମଲାରେ ପିନାକି ବାନାର୍ଜୀ ନାମକ ଜଣେ ସିକ୍ୟୁରିଟି ଗାର୍ଡ ମଧ୍ୟ ସାମିଲ ରହିଥିଲା ।। ଚାର୍ଜସିଟ୍‌ରେ ଏହି ୪ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି । ଅଭିଯୁକ୍ତମାନେ ପୀଡିତାଙ୍କୁ ଘୋଷାଡି ବନ୍ଧକ ରଖୁଥିବାର ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ମୋବାଇଲ୍‌ରେ ପୀଡିତାଙ୍କ ବହୁ ଆପତ୍ତିଜନକ ଭିଡିଓ ଜବତ କରାଯାଇଛି । କାନ୍ଥରେ ଲାଗିଥିବା ଏକ୍‌ଜଷ୍ଟ ପଙ୍ଖାର କଣାରେ କ୍ୟାମେରା ଲଗାଇ ଅଭିଯୁକ୍ତମାନେ ଭିଡିଓ ଉତ୍ତୋଳନ କରିଥିଲେ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ କରାଯାଇଛି । ଭିଡିଓରେ ଥିବା ଅଭିଯୁକ୍ତିମାନଙ୍କ ସ୍ୱର ସହ ନମୁନା ମେଳଖାଉଛି । ଘଟଣାସ୍ଥଳରେ ହିଁ ଅଭିଯୁକ୍ତର ମୋବାଇଲ ଫୋନ ଲୋକେସନ ରହିଥିଲା । ସିକ୍ୟୁରିଟି ଗାର୍ଡଜଣକ ଏହି ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେବା ବଦଳରେ ଗାର୍ଡ ରୁମ୍‌ରେ ଚାବି ପକାଇଥିଲେ । ତେଣୁ ଚାର୍ଜସିଟ୍‌ରେ ତାର ନାମ ରହିଛି । ଉଲ୍ଲେଖଥାଉ କି, ଏହି ଘଟଣା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରା ବିଭିନ୍ନ ମାମଲାରେ ୮ଥର ଗିରଫ ହୋଇଥିଲେ ମଧ୍ୟ ତାକୁ ବନ୍ଧୁମାନେ ଜାମିନରେ ବାହର କରିଥିଲେ । ମନୋଜିତ ଏହି ଲ କଲେଜର ପୂର୍ବତନ ଛାତ୍ର ଓ ସେ ଚୁକ୍ତିଭିତ୍ତିରେ କଲେଜରେ କାମ କରୁଥିଲା । ସେ ୨୦୧୨ରେ ଲ କଲେଜ ଛାତ୍ରସଂଘର ସାଧାରଣ ସମ୍ପାଦକ ରହିଥିଲା । ସେ ମଧ୍ୟ ତୃଣମୂଳ କଂଗ୍ରେସର ଦକ୍ଷିଣ କୋଲକାତା ସଂଘର ସମ୍ପାଦକ ଥିଲା । ।

## ମହଙ୍ଗା ହେଲା ଦିଲ୍ଲୀ ମେଟ୍ରୋ ଯାତ୍ରା

ନୂଆଦିଲ୍ଲୀ, ୨୫ ।୮ (ଏଜେନ୍ସି): ଦିଲ୍ଲୀ ମେଟ୍ରୋର ଯାତ୍ର ସୋମବାରଠାରୁ ମହଙ୍ଗା ହୋଇଛି । ଦିଲ୍ଲୀ ମୋଟ୍ରୋ ରେଲ୍ କର୍ପୋରେସନ (ଡିଏମ୍‌ଆରସି) ଅଗଷ୍ଟ ୨୫ରୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ଟିକଟ ମୂଲ୍ୟରେ ବୃଦ୍ଧି କରିଛି । ସାଧାରଣ ରୁଟ୍‌ରେ ଭଡା ୧ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ୩୨ କିମିରୁ ଊର୍ଦ୍ଧ୍ୱ ପଥ ଯାତ୍ରା ପାଇଁ ଭଡାରୁ ୬୦ରୁ ୬୪ ଟଙ୍କା କରାଯାଇଛି । ୮ ବର୍ଷ ପରେ ମେଟ୍ରୋ ରେଲ୍‌ରେ ଭଡା ବୃଦ୍ଧି କରାଯାଇଛି । ଦୂରତା ଅନୁସାରେ ଭଡା ବୃଦ୍ଧି ହୋଇଛି । ସବୁଠାରୁ ଦୀର୍ଘ ପଥ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୬୪ ଓ ୨ କିମି ପର୍ଯ୍ୟନ୍ତ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କୁ ୧୧ ଟଙ୍କା ଦେବାକୁ ହେବ ।

## ଲକ୍ଷ୍ନୌରେ ଶୁଭାଂଶୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲକ୍ଷ୍ନୌ, ୨୫ ।୮ (ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତରୀକ୍ଷରୁ ଫେରିବା ପରେ ୪୧ ଦିନ ପରେ ଲକ୍ଷ୍ନୌରେ ପହଞ୍ଚିଛନ୍ତି । ତାଙ୍କ ସହ ପତ୍ନୀ କାମନା ଓ ୬ ବର୍ଷର ପୁଅ କିଆଂଶ ମଧ୍ୟ ସାଥିରେ ଥିଲେ । ବିମାନ ବନ୍ଦରରେ ମହକାଶଚାରୀ ପୋଷାକ ପିନ୍ଧି ପିଲାମାନେ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ । ଉପ- ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଶୁଭାଂଶୁଙ୍କୁ ସ୍ୱାଗତ କରିଥିଲେ । ହଜାର ହଜାର ଲୋକ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲେ । ଢ଼ୋଲ ଓ ବାଜା ବଜାଇବା ସହ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ 'ଭାରତ ମାତାକି ଜୟ' ଧ୍ୱନୀରେ ବିମାନ ବନ୍ଦରରେ ପ୍ରକମ୍ପିତ ହୋଇଥିଲା ।

■ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ପୁଣି ୨ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୨୫।୮(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ଜିତନ ମହାରଣା ଓ ପ୍ରଶାନ୍ତ ଖମାରୀଙ୍କ ଜାମିନ ଆବେଦନ ଖାରଜ ହୋଇଛି। କଟକ ତୃତୀୟ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିବା ସହ ଏହାକୁ ଖାରଜ କରିଛନ୍ତି। ପୂର୍ବରୁ ଅନ୍ୟ ୪ଜଣ ତଥା ସନାତନ ବିଶୋୟୀ ,ରାମଜୀ ପ୍ରସାଦ ଗୁପ୍ତା, ଜୟନ୍ତ ରାଉତ ଓ ବିଜୟ କୁମାର ମିଶ୍ରଙ୍କ ଜାମିନ ଖାରଜ ହୋଇଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, କଟକ ଜେଏମ୍ଏଫ୍ସି-୩ ଅଦାଲତରେ ଜାମିନ ଖାରଜ ହେବା ପରେ ଅଭିଯୁକ୍ତ ମାନେ ଦୌରା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ଅସନ୍ତାକାଲି ହେବ ବୋଲି ଧାର୍ଯ୍ୟ କରାଯାଇଛି।

## ବଜ୍ରପାତରେ ବାପ ମୃତ; ଅଳ୍ପକେ ବର୍ତ୍ତିଲେ ପୁଅ

ବଡ଼ଚଣା, ୨୫।୮(ସମିସ): ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ଗ୍ରାମର କୈଳାସ ଚନ୍ଦ୍ର ନାୟକ (୭୨) ଓ ତାଙ୍କ ପୁଅ ପ୍ରଶାନ୍ତ କୁମାର ନାୟକ(୪୨) ଆଜି ଦିନ ପ୍ରାୟ ୨ଟାରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଆଘାତ ପାଇ କୈଳାସ ତଳେ ପଡ଼ି ଛଟପଟ ହେଉଥିବା ବେଳେ ପ୍ରଶାନ୍ତ ଲୋକମାନଙ୍କୁ ଡାକ ପକାଇଥିଲେ। ଗୁରୁତର କୈଳାଶଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ବଡ଼ଚଣା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ କୈଳାଶଙ୍କ ଶବ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀ ସମ୍ମିଳନୀ

# ପୁରୀ ବିମାନବନ୍ଦର ହେବ ବିଶ୍ୱର ଆଧ୍ୟାତ୍ମିକ ଦ୍ୱାରପଥ




ଭୁବନେଶ୍ୱର,୨୫।୮(ସମିସ): ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି। ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ରକ୍ଷଣାବେକ୍ଷଣ ଉତ୍କର୍ଷ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ ବୋଲି କହିଛନ୍ତି। ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ 'ପ୍ରୋଗ୍ରେସେଭି ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି' ଆଣିବାପାଇଁ ଯାଉଛନ୍ତି। ଏହି ନୀତି ଅନୁସାରେ ରାଜ୍ୟ ବିମାନ ବନ୍ଦରମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟରେ ଅବ୍ୟବହୃତ ଅବସ୍ଥାରେ ଥିବା ବିମାନପଥଗୁଡ଼ିକୁ ବିମାନବନ୍ଦର ରୂପେ ବିକଶିତ କରାଯିବ। ଏହି ଆଧାରରେ ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ କ୍ୟାଡେଟ୍ ପାଇଲଟ ପ୍ରୋଗ୍ରାମ ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରୋଗ୍ରାମ ଅଧିନରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ। ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍ଆରଓ ସେବାଦାତା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ବଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆରଓ ସୁବିଧା ସ୍ଥାପିତ ହେବ। ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କ୍ସ ସହିତ ମଧ୍ୟ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

**ଓଡ଼ିଆ ଆଦିବାସୀ ଝିଅଙ୍କୁ ପାଇଲଟ୍ ହେବାକୁ ଦିଆଯିବ ତାଲିମ୍**

ଏହି କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖିଥିଲେ।

### ବେଣ୍ଟକାର ସ୍କୁଲରେ ଛାତ୍ରଛାତ୍ରୀଙ୍କୁ କାନ ଧରି ଆଣ୍ଠେଇବା ଘଟଣା

# ତଦନ୍ତ ଆରମ୍ଭ, ପ୍ରଧାନଶିକ୍ଷୟିତ୍ରୀଙ୍କ ପାଇଁ ବଢ଼ିଲା ଅଡୁଆ

ଫୁଲନଖରା, ୨୫।୮ (ସମିସ): କଟକ ସଦର ବ୍ଲକ୍ ୪୨ମୌଜା ଅନ୍ତର୍ଗତ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ କାନ ଧରି ଆଣ୍ଠେଇବା ଘଟଣା ଏବେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଇଁ ଅଡୁଆ ବଢ଼ାଇଛି। ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦିଆଯିବା ଘଟଣାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

**ପରିଚାଳନା କମିଟି ଆଣିଲା ସଙ୍ଗୀନ ଅଭିଯୋଗ**

ଛାତ୍ରଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଏଭଳି ଦଣ୍ଡ ଭୋଗିଥିବାର ସଙ୍ଗୀନ ଅଭିଯୋଗ ଉଠିଛି। କାନ ଧରି ଛାତ୍ରଛାତ୍ରୀଙ୍କୁ ଆଣ୍ଠେଇବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଏହି ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କର ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ, ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ପୃଥକ ଭାବରେ ଆଲୋଚନା କରିଛନ୍ତି। ତେବେ ଗତ ଶନିବାର ଛାତ୍ରଛାତ୍ରୀଙ୍କୁ ଯୋଗ, ପ୍ରାଣାୟାମ ଓ ଡ୍ରିଲ୍ କରାଯାଉଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସଫେଇ ଦେଇଛନ୍ତି। ପୁନଶ୍ଚ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା ବିଷୟରେ କେତେକ ଶିକ୍ଷକ/ଶିକ୍ଷୟିତ୍ରୀ ଅଭିଯୋଗ ଉଠାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।



ସୂଚନାନୁଯାୟୀ, ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ଶନିବାର ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଶତାଧିକ ଛାତ୍ରଛାତ୍ରୀଙ୍କୁ କାନ ଧରି ଆଣ୍ଠେଇଥିବାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଛାତ୍ରଛାତ୍ରୀମାନେ ସାମୂହିକ ପ୍ରାର୍ଥନା କରିସାରିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଖଣ୍ଡେଇ ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ନୀତିବାଣୀ ଉପରେ ପ୍ରଶ୍ନ କରିଥିଲେ। ପିଲାମାନେ ଉତ୍ତର ଦେଇ ପାରି ନଥିବା ବେଳେ ହିନ୍ଦୀ ବିଷୟ ରଖି ପଢୁଥିବା ଛାତ୍ରଛାତ୍ରୀମାନେ ସଂସ୍କୃତ ବିଷୟର ପ୍ରଶ୍ନର ଉତ୍ତର ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କ କଥାକୁ କର୍ଣ୍ଣପାତ ନ କରି ସମସ୍ତଙ୍କୁ ପ୍ରାୟ ୨୦ ମିନିଟ୍ରୁ ଉର୍ଦ୍ଧ୍ୱ ସମୟ ଢ଼ଳେଇ ପକ୍କା ଉପରେ କାନ ଧରି ଆଣ୍ଠେଇ ଦେଇଥିଲେ। ଏ ସଂପର୍କରେ ଶ୍ରୀମତୀ ଖଣ୍ଡେଇଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟାଳୟରେ ଶାରୀରିକ ଶିକ୍ଷକ ନ ଥିବାରୁ ସେ ନିଜେ ପିଲାମାନଙ୍କୁ ବ୍ୟାୟାମ ବା ଯୋଗାଭ୍ୟାସ କରୁଥିବାର କହିଥିଲେ। ହେଲେ ଛାତ୍ରଛାତ୍ରୀମାନଙ୍କୁ ସେଦିନ କୌଣସି ଯୋଗ ଶିକ୍ଷା ଦିଆଯାଉନଥିଲା ବୋଲି ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଆଜି ବିଦ୍ୟାଳୟ ଖୋଲିବା ପରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ/ଅଭିଭାବିକାମାନେ ଆସି ପିଲାମାନଙ୍କୁ କାହିଁକି ଦଣ୍ଡ ଦିଆଗଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାସହ ବିଦ୍ୟାଳୟକୁ ଆସିବାର କାରଣ ଲିଖିତ ଭାବେ ଜଣାଇବାକୁ କହିଥିଲେ। ଏହି ପ୍ରସଙ୍ଗକୁ ନେଇ ପରିଚାଳନା କମିଟିର କର୍ମକର୍ତ୍ତା ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପରେ ଏ ବିଷୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କହିଛନ୍ତି, ସେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କରଙ୍କୁ ଘଟଣାର ତଦନ୍ତ କରିବା ପାଇଁ ପଠାଇଥିବା କହିଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅପରପକ୍ଷେ, ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଶ୍ରୀମତୀ ଖଣ୍ଡେଇଙ୍କ ବିରୁଦ୍ଧରେ ମଧ୍ୟ ସଂଗୀନ ଅଭିଯୋଗ ଆଣିଛନ୍ତି। ଶ୍ରୀମତୀ ଖଣ୍ଡେଇଙ୍କ ଅଶୋଭନୀୟ, ଅନୁପଯୁକ୍ତ, ଅସମ୍ମାନଜନକ ଆଚରଣ ଉକ୍ତ ବିଦ୍ୟାଳୟର ଶିକ୍ଷାକର୍ମୀଙ୍କର କେବଳ ମନୋବଳ ଭାଙ୍ଗିଦେଇଛି ବୋଲି କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଛୁଟିରେ ଥିବା ରାଜସ୍ୱ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୮(ସମିସ): ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୪ ଦିନରେ ପହଞ୍ଚିବା ପରେ କଠୋର ହୋଇଛି ରାଜସ୍ୱ ବିଭାଗ। ଯେଉଁମାନେ ଏହି ଆନ୍ଦୋଳନକୁ ସମର୍ଥନ କରି ସମୂହ ଛୁଟିରେ ଅଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଡାକରାକୁ ସମର୍ଥନ କରି ଯେଉଁମାନେ ୧୧ ତାରିଖରୁ ସମୂହ ଛୁଟିରେ ଅଛନ୍ତି, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ତାରିଖରେ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଇତି ମଧ୍ୟରେ ୧୦ ଦିନ ବିତିଯାଇଥିବାରୁ ରାଜ୍ୟର ସାଧାରଣ ଲୋକେ ନାହିଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେବା ନ ପାଇ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବେଆଇନ୍ ଭାବେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଏକ ବିସ୍ତୃତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରସ୍ତୁତ କରି ତୁରନ୍ତ ବିଭାଗକୁ ପଠାଇବା ପାଇଁ କୁହାଯାଇଛି।

ସୂଚନା ଥାଉ କି, ରାଜ୍ୟରେ ୧୦ ଦଫା ଦାବି ନେଇ ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଚାଲିଯାଇଥିବାରୁ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଠପ୍ ହୋଇଯାଇଛି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ଏକାଧିକବାର ଅନୁରୋଧ ଓ ଚେତାବନୀ ଦେବା ସତ୍ତ୍ୱେ ଅମଲା ସଂଘ ପଛକୁ ହଟିବାରେ ନାଁ ଧରୁନି। ଏମିତି କି ୧୨ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ଲିଖିତ ନିର୍ଦ୍ଦେଶନାମା ମାଧ୍ୟମରେ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେବା ସତ୍ତ୍ୱେ ମଧ୍ୟ ସଂଘ ଆନ୍ଦୋଳ ଜାରି ରଖିଛି।

## ଝିଆରୀକୁ ବଞ୍ଚାଇବାକୁ ଯାଇ ବଡ଼ବାପା ମୃତ

ତୁରୁମୁଙ୍ଗା, ୨୫।୮(ସମିସ): ଲୁଗା ଶୁଖାଇବା ବେଳେ ଅଘଟଣ। ଝିଆରୀକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ବଡ଼ବାପାଙ୍କ ମୃତ୍ୟୁ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଚିନାମାଳିପଶି ଗ୍ରାମର ତଣ୍ଡିଆ ସାହିରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଦୁର୍ଯ୍ୟୋଧନ ବେହେରା। ଆଜି ସକାଳେ ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ଘର ବାହାରେ ଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ତାରଟି କୌଣସି କାରଣରୁ ଘରକୁ ଆସିଥିବା ମେନ୍-ଲାଇନ୍ ସଂସ୍ପର୍ଶରେ ଆସିଥିଲା। ଅଞ୍ଜଳି ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ଦେଖି ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଦୁଃଶାସନ ତାକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିବା ବେଳେ ଅଞ୍ଜଳି ଓ ଦୁଃଶାସନ ଗୁରୁତର ଆହତ ହୋଇଥିଲେ।

## ସୋମବାର ସୁଦ୍ଧା ୧୮ .୫ ଲକ୍ଷ ଚାଷୀ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୨୫।୮(ସମିସ): ଆସନ୍ତା ଖରିଫ ଋତୁ ପାଇଁ ସୋମବାର ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀ ପଞ୍ଜୀକରଣରେ ରାଜ୍ୟରେ ଏହା ସର୍ବକାଳୀନ ରେକର୍ଡ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଛି। ଏହାକୁ ବିଚାରକୁ ନେଲେ ଆଜି ଆହୁରି ଲକ୍ଷେରୁ ଦେଢ଼ଲକ୍ଷ ଚାଷୀ ପଞ୍ଜୀକରଣ ସମ୍ଭାବନା ରହିଛି। ଗତବର୍ଷ ରାଜ୍ୟରେ ମୋଟ ୧୭ଲକ୍ଷ ୫୦ହଜାର ୪୭୨ଚାଷୀ ପଞ୍ଜୀକରଣ କରିଥିଲେ ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି। ଧାନବିକ୍ରିରେ ମିଡଲ୍ମ୍ୟାନ୍ ଫାଇଦା ନ ନେବାକୁ ଏବର୍ଷ ଇ-କେୱାଇସି ବ୍ୟବସ୍ଥା କରାଯାଇଥିଲା। ତେବେ ପଞ୍ଜୀକରଣ ବେଳେ ସମସ୍ୟା ଉପୁଜିବାରୁ ଆମେ ସେଲଫ୍ ଡିକ୍ଲାରେସନ୍ ବ୍ୟବସ୍ଥା କଲୁ। ଯେଉଁଥିପାଇଁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଖରିଫ୍ ପଞ୍ଜୀକରଣ ପାଇଁ ସରକାର ଚଳିତଥର ଆପଣାଇଥିବା ବ୍ୟବସ୍ଥାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଚାଷୀମାନଙ୍କ ପ୍ରବଳ ବିରୋଧ ଯୋଗୁଁ ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବାକୁ ବାଧ୍ୟ ହୋଇଥିଲେ।

### ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

# ସେପ୍ଟେମ୍ବର ଶେଷ ସୁଦ୍ଧା ଜିଲ୍ଲା ସଭାପତି ଚୟନ




ଭୁବନେଶ୍ୱର,୨୫।୮(ସମିସ): ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଜିଲ୍ଲା କଂଗ୍ରେସ କମିଟିକୁ ମିଳିବ ନୂତନ ସଭାପତି। ରାଜ୍ୟରେ କଂଗ୍ରେସକୁ ଆଗକୁ ନେବା ପାଇଁ ଏଆଇସିସି ଜୋରଦାର ଉଦ୍ୟମ କରୁଛି। ତେଣୁ ଦକ୍ଷ ଲୋକଙ୍କୁ ଚୟନ କରି ସେମାନଙ୍କ ହାତରେ ଜିଲ୍ଲା କଂଗ୍ରେସ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି। ଏହି ଆଧାରରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସ ଓ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେ ଓ କଂଗ୍ରେସ ସଂଗଠନ ସମ୍ପାଦକ କେ.ସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଅଂଶଗ୍ରହଣ କରି ରାଜ୍ୟ କଂଗ୍ରେସର ସଂଗଠନକୁ ନେଇ ମାନସମନ୍ଥନ କରିଛନ୍ତି।

ରାଜ୍ୟର ୩୫ଟି ସଂଗଠନିକ ଜିଲ୍ଲାର ସଭାପତି ନିଯୁକ୍ତ ପାଇଁ କଂଗ୍ରେସର ପକ୍ଷରୁ 'ସଂଗଠନ ସୃଜନ' ନାମକ ଏକ ଅଭିନବ ପନ୍ଥା ଗ୍ରହଣ କରାଯାଇଛି। ଏହି ଆଧାରରେ ବିଭିନ୍ନ ରାଜ୍ୟରୁ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ପ୍ରତି ଜିଲ୍ଲା ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ନବନିଯୁକ୍ତ ପର୍ଯ୍ୟବେକ୍ଷକ ଓ ରାଜ୍ୟ କଂଗ୍ରେସର ପିସିସି ସଭାପତି, ପ୍ରଭାରୀ ଓ ବିଧାୟକ ଦଳ ନେତା ବୈଠକରେ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସଂଗଠନ ସୃଜନ ସମ୍ପର୍କରେ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ହୋଇଥିଲା। ଏଆଇସିସି ସଭାପତି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ନେଇ ଉତ୍ସାହୀ ଅଛନ୍ତି। ସେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ ଉପରେ ଗୁରୁତ୍ୱ ଦେଇଛନ୍ତି।

## ସରକାରଙ୍କ ବିଫଳତା ଲୁଚାଇବାକୁ ବିଜେପି ବିଧାୟକଙ୍କ ଅବାଞ୍ଛିତ ମନ୍ତବ୍ୟ: ବିଜେଡି

ଭୁବନେଶ୍ୱର,୨୫।୮(ସମିସ): ବିଜେପି ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ପ୍ରତି ଦେଇଥିବା ଅରୁଚିକର ଓ ଅଶାଳୀନ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ସରକାରଙ୍କ ବିଫଳତା ଲୁଚାଇବାକୁ ସେ ଅବାଞ୍ଛିତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଡ. ଲେନିନ୍ ମହାନ୍ତି କହିଛନ୍ତି। ବିଜେପିର ଏଭଳି କୁତ୍ସିତ ଉଦ୍ୟମକୁ ରାଜ୍ୟବାସୀ କେବେ ବି ଗ୍ରହଣ କରିବେ ନାହିଁ। ୨୦୨୭ ମସିହାରେ



ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଓ ୨୦୨୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ସଫଳତା ହାସଲ କରିବ ବୋଲି ଉଭୟେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟେ ଆସ୍କା ବିଧାୟକ ସରୋଜ ପାଢ଼ୀ ଓ ବିଜେପି ଉପରେ ବର୍ଷିଥିଲେ।

ଶ୍ରୀ ପଣ୍ଡା କହିଥିଲେ ଯେ ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆଖେଳ ଭଳି ଘୃଣ୍ୟ କାମରେ ଲିପ୍ତ ଥିବା ରେକର୍ଡ ରହିଛି। ୨୦୨୨ ମସିହାରେ ଶ୍ରୀ ପାଢ଼ୀ ଜୁଆଖେଳରେ ସମ୍ପୃକ୍ତି ପରେ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ତାଙ୍କ ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଥିଲେ। କିଛି ଦିନ ପରେ ସେ ରାମେଶ୍ୱରରୁ ଉଦ୍ଧାର ହୋଇଥିଲେ। ସେତେବେଳେ ନିଜର ମାନସିକ ସ୍ଥିତି ଠିକ୍ ନଥିବା ସେ ଗଣମାଧ୍ୟମକୁ କହିଥିଲେ। ବିଧାୟକ ହେବା ପରେ ବାଲି ମାଫିଆଙ୍କଠାରୁ ଜୋରଜବରଦସ୍ତି ଚାନ୍ଦା ମାଗୁଥିବାର ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଆସିକା ନିର୍ବାଚନମଣ୍ଡଳୀରେ ବିଟ୍ ରାସ୍ତାରେ ବି ସେ ପିସି ମାଗିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି, ଯେଉଁଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ହେଉଥିବା ଦୁର୍ନୀତିରେ ସେ ସିଧାସଳଖ ସମ୍ପୃକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡି ଓ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ବିଜେପି ଏଭଳି ଜଣେ ବ୍ୟକ୍ତିଙ୍କୁ ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ।

ଡ. ମହାନ୍ତି କହିଥିଲେ, ଗତ ୧୪ ମାସରେ ରାଜ୍ୟରେ ବିଜେପି ଶାସନରେ ସମସ୍ତ କ୍ଷେତ୍ରରେ ବିଫଳତା ଶିଖର ଛୁଇଁଛି। ବିଜେପି ଶାସନ ସମୟରେ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ ୧୮.୧୯ ପ୍ରତିଶତ କମିଛି। ନାରୀ

**■ ୨୦୨୭ ପଞ୍ଚାୟତ ଓ ୨୦୨୯ ସାଧାରଣ ନିର୍ବାଚନରେ ସଫଳତା ନେଇ ବିଜେଡିର ଦୃଢ଼ୋକ୍ତି**
**■ ଡବଲ ଇଞ୍ଜିନ ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି**

ନିର୍ଯାତନାକୁ ନେଇ ଓଡ଼ିଶା ସମଗ୍ର ଦେଶ ଓ ବିଶ୍ୱରେ ନିନ୍ଦିତ ହୋଇଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ। ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ବିଜେପି ନେତାଙ୍କ ସମ୍ପୃକ୍ତି ଲାଗି ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଖସି ଆସିଛି। ବିଜେପିର ଆଭ୍ୟନ୍ତରୀଣ କନ୍ଦଳ ଓ ସରକାର ଚଳାଇବାରେ ଅପାରଗତା ଜଳଜଳ ହୋଇ ଦିଶୁଛି। ରାଜ୍ୟର ଶାସନ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ନାହିଁ। ଦୀର୍ଘ ୧୫ ଦିନ ହେଲା ଅମଲା ଆନ୍ଦୋଳନ ଯୋଗୁଁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ରାଜସ୍ୱ ମନ୍ତ୍ରୀ ଏଥିରେ ବିଜେଡିର ସମ୍ପୃକ୍ତି ଅଭିଯୋଗ କରିଛନ୍ତି, ଯାହା ତାଙ୍କ ହତାଶାଭାବର ପରିଚୟ ଦେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ପକ୍ଷରୁ ବାରମ୍ବାର ଭି.କେ ପାଣ୍ଡିଆନଙ୍କୁ ନେଇ ବିଭିନ୍ନ ବିଭ୍ରାନ୍ତିକର ଓ କଟୁ ମନ୍ତବ୍ୟ ଦିଆଯାଉଛି। ଓଡ଼ିଶାବାସୀ ଭଲ ଭାବେ ଜାଣନ୍ତି ଯେ ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନୁହଁ। ତେଣୁ ତାଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ବୋଲି ସେ କହିଛନ୍ତି।

**ଧରପଗଡ଼ କି ସଚେତନତା ନାହିଁ**

# ବିକ୍ରି ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ଜୀବ

ପୁରୀ,୨୫।୮(ସମିସ): ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। ହେଲେ ଏ କ୍ଷେତ୍ରରେ ସଚେତନତାର ଅଭାବ ରହିଛି। ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣିନଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି, ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମି ହେଉଛି ସେଥିମଧ୍ୟରୁ ଅନ୍ୟତମ। ଏଠାରେ ଏକାଧିକ ବ୍ୟବସାୟୀ କୋରାଲ ବିକ୍ରି କରୁଛନ୍ତି। ବନ ବିଭାଗର ନିଷ୍କ୍ରିୟତା ଯୋଗୁ ପୁରୀରେ କୋରାଲ ବ୍ୟବସାୟ ବୃଦ୍ଧି ପାଉଛି।

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ, ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛି ବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ର ତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର, ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି



କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନକାନୁନ ରହିଛି, ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉନଥିବାରୁ ଶଙ୍ଖ, ଶାମୁକା ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେଧୀରେ ହଜିଯିବାକୁ ବସିଲେଣି।

ବିଶେଷକରି ଘର ସଜାଇବା ପାଇଁ ଅନେକ ପର୍ଯ୍ୟଟକ କୋରାଲ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ କିଛି ବ୍ୟବସାୟୀ ଅଧିକ ଲାଭ ଆଶାରେ ବେଆଇନ ଭାବେ ଏହି ସିଡ୍ୟୁଲ-୧ ସାମୁଦ୍ରିକ ଜୀବଙ୍କୁ ବିକ୍ରି କରୁଛନ୍ତି। ପୁରୀ ବେଳାଭୂମିରେ ଅନେକ ଶଙ୍ଖ ଏବଂ ଶାମୁକା ବିକ୍ରି ଦୋକାନ ରହିଛି। ଏହି ବ୍ୟବସାୟୀମାନେ କୋରାଲ ବିକ୍ରି କରୁଛନ୍ତି। ଏହାର ଆକାର ଅନୁସାରେ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି ବ୍ୟବସାୟୀ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କୋରାଲ ପୁରୀକୁ ଆସୁଛି କେମିତି ? ଏହାକୁ ସମ୍ପୃକ୍ତ ବ୍ୟବସାୟୀମାନେ ପାଉଛନ୍ତି କିପରି?

ବିଶେଷଜ୍ଞଙ୍କ ମତରେ ସମୁଦ୍ର ଗର୍ଭରେ କୋରାଲ ରିପ୍ ରହିଛି। ସେଥିରେ ବିଭିନ୍ନ ପ୍ରକାର କୋରାଲ ରହିଥା'ନ୍ତି। ଏହାକୁ ଲାଇଭ୍ ଷ୍ଟୋନ କୁହାଯାଏ। ଏହାର ବିକ୍ରି ପଛରେ ଏକ ରାକେଟ୍ କାମ କରୁଛି। ଯେହେତୁ ଘର ସଜାଇବା ପାଇଁ ଅନେକ ଏହାକୁ ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି, ତେଣୁ କିଛି ମୁନାଫାଖୋର୍ ଏହି ବେଆଇନ କାରବାର ଚଳାଇଛନ୍ତି। ଓଡ଼ିଶାକୁ କୋଲକାତାରୁ ଚୋରାରେ ଏହା ଅଣାଯାଉଛି। ଏହି ବେଆଇନ କାରବାର ଯୋଗୁ ସମୁଦ୍ରରେ କୋରାଲ ରିପ୍ ପରିସୀମା କମି କମି ଯାଉଛି। କୋରାଲ ରିପ୍ ସମୁଦ୍ର ପାଇଁ ବଡ଼ ଉପଯୋଗୀ। ଏହା ଅଙ୍ଗାରକ୍ଲାମ ଶୋଷି ନେଇଥାଏ। ଫଳରେ ସମୁଦ୍ରରେ ସନ୍ତୁଳନ ରକ୍ଷାରେ ବଡ଼ ସାହାଯ୍ୟ କରେ। ଯେଉଁ ସମୁଦ୍ରରେ କୋରାଲ ରିପ୍ ରହିଛି, ତାହାର ଜୈବ ବିବିଧତା ସନ୍ତୁଳିତ ରହିଥାଏ। କିନ୍ତୁ ସଚେତନତା ଅଭାବରୁ ଏହାକୁ ଧରି ବିକ୍ରି କରାଯାଉଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

# ରଥ ଚକ ଯୋଗାଇଦେବା ପାଇଁ ସାମ୍ବାଦିକ ସଙ୍ଘର ଦାବି



ଅସ୍ତରଙ୍ଗ,୨୫।୮ (ସମିସ): ସୋମବାର ଅସ୍ତରଙ୍ଗ ବ୍ଲକ୍‌ରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଡିଓ ସସ୍ମିତା ବେହେରା, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ ଉପସ୍ଥିତ ରହିବା ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମୁଦାୟ ୧୦୨ଟି ଅଭିଯୋଗ ଗ୍ରହଣ କରାଯାଇ ଜନଶୁଣାଣି ଶିବିରରେ ତୁରନ୍ତ ସମାଧାନ କରାଯିବା ସହ ଆଉ କିଛି ଅଭିଯୋଗକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଛି ସମାଧାନ କରିବାକୁ। ଏହି ଜନ ଶୁଣାଣି ଶିବିରରେ ପଞ୍ଜିକୃତ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରୁ ୫ଟି ରଥ ଚକ କାକଟପୁର ମା' ମଙ୍ଗଳା ମନ୍ଦିର, ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅନ୍ତୁଡ଼ିଶାଳ ପ୍ରାଚୀ ତଟ ଦେଉଳି ମଠ ଓ ୧୯୯୬ ମସିହାରେ ଅସ୍ତରଙ୍ଗ ମାଳଦା ଗ୍ରାମରୁ ଯାଇଥିବା ଦେବୀ ସୁଭଦ୍ରା ଦାରୁସ୍ଥଳୀକୁ ଦେବା ପାଇଁ ଏକ ଅଭିଯୋଗ ପତ୍ର ସଙ୍ଘ ତରଫରୁ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ମଧ୍ୟ ସଙ୍ଘ ତରଫରୁ ଅବଗତ କରାଯାଇଛି ଯେ ଚଳିତ ବର୍ଷ ଜାନୁଆରୀ ୭ ତାରିଖରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ପ୍ରତିନିଧିମାନେ ପୁରୀ ଗସ୍ତ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ନିତି ଆୟୋଗଙ୍କୁ ସାକ୍ଷାତ୍ କରିବା ସହ ଆଲୋଚନା ମଧ୍ୟ କରିଥିଲେ। ଆଲୋଚନା ପରେ ଚଳିତ ବର୍ଷ ରଥଯାତ୍ରା ପରେ ଏ ପ୍ରସଙ୍ଗରେ ସେ ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନକୁ ଅବଗତ କରାଇବେ ବୋଲି କହିଥିଲେ। ମାତ୍ର ଯାହା ଅଦ୍ୟବଧି ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ମାତ୍ର ନୂତନ ଜିଲ୍ଲାପାଳ ଏ ପ୍ରସଙ୍ଗରେ ଆଲୋଚନା କରି ଅସ୍ତରଙ୍ଗ, କାକଟପୁରକୁ ୫ଟି ରଥ ଚକ କିପରି ଆସିବ ତା' ପାଇଁ ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ, ସମ୍ପାଦକ ଲୋକନାଥ ସ୍ୱାଇଁ, କୋଷାଧ୍ୟକ୍ଷ ସମୀର କର, ଉପଦେଷ୍ଟା ନିରଞ୍ଜନ ଦାସ, ଉପସଭାପତି ସମୀର ବେହୁରା, ସାଂସ୍କୃତିକ ସମ୍ପାଦକ ମନୋଜ ବିଶ୍ୱାଳ, ବରିଷ୍ଠ ସଦସ୍ୟ ଦୁଃଶାସନ ନାୟକ, ପ୍ରଶାନ୍ତ ବାରିକ, ସୁଧୀର କର, ଆର୍ତ୍ତତ୍ରାଣ ମହାନ୍ତି, ଆଦିତ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ଡାକ୍ତରକୁ ପୁଲିସ ଜିମାଦେଲେ ଗ୍ରାମବାସୀ



ଗୋପ,୨୫।୮ (ସମିସ): ରବିବାର ରାତିରେ ଗୋପ ପୁଲିସ୍ ଜଣେ ନକଲି ଡାକ୍ତରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ କୋଲକାତା ଅଞ୍ଚଳର ଏବଂ ସେ କୋଣାର୍କସ୍ଥିତ ମାଉସୀ ମା' ସାହିରେ ନିଜ ଶଶୁର ଘରେ ଗତ କିଛିଦିନ ଧରି ରହି ଆସୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ମୁତାବକ, ପୁରୀ ସଦର ଥାନା ଉତ୍ତରକଣା ଅଞ୍ଚଳର ଅଂଶୁମାନ ପ୍ରଧାନଙ୍କ ଅର୍ଶ ରୋଗ ହୋଇଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା କରିବା ପରେ ମଧ୍ୟ ରୋଗ ଭଲ ହୋଇ ନ ଥିଲା। ପରେ ବିଭିନ୍ନ ସ୍ଥାନରେ ଅର୍ଶ ଆରୋଗ୍ୟ ନିମନ୍ତେ ଲାଗିଥିବା ପୋଷ୍ଟରରୁ ଅଂଶୁମାନ ଫୋନ୍ ନମ୍ବର ସଂଗ୍ରହ କରି ଯୋଗାଯୋଗ କରିବା ପରେ ନିଜକୁ ଡାକ୍ତର ଡାକ୍ତର ଶକ୍ତିକାନ୍ତ ମଣ୍ଡଳ ବୋଲି ପରିଚୟ ଦେଇଥିଲା ସମ୍ପୃକ୍ତ ଯୁବକ ଜଣକ। ବିଭିନ୍ନ ପର୍ଯ୍ୟାୟରେ ନକଲି ଡାକ୍ତର ଜଣକ ଅଂଶୁମାନଙ୍କଠାରୁ ୧ ଲକ୍ଷ ଟଙ୍କା ନେଇଥିବାବେଳେ ଗତ କିଛିଦିନ ପୂର୍ବେ ଅଂଶୁମାନଙ୍କ ଶଶୁର ଘର ଗୋପ ଥାନା ଅଧୀନ ଏରବଙ୍ଗ ଡିହସାହିରେ ନକଲି ଡାକ୍ତର ଅସ୍ତ୍ରୋପଚାର କରିଥିଲା। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ହୋଇ ଯାଇଥିଲା। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏବେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ରବିବାର ଗ୍ରାମର କିଛି ଯୁବକ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ବାହାନା କରି ଡାକିଥିଲେ। ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଅଟକ ରଖିଥିଲେ। ଡାକ୍ତରୀ ସାର୍ଟିଫିକେଟ୍ ମାଗିଥିଲେ। ହେଲେ ଯୁବକ ଜଣକ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ସ୍ଥାନୀୟ ଲୋକେ ପୁଲିସ ଜିମା ଦେଇଥିଲେ। ମୋ ବାପା ଓ ଜେଜେବାପା ଅର୍ଶ ରୋଗର ଅସ୍ତ୍ରୋପଚାର କରୁଥିଲେ। ମୁଁ ସମାନଙ୍କଠାରୁ ଏହି ବିଦ୍ୟା ଜାଣିଛି। ଗ୍ରାମାଞ୍ଚଳରେ ବୁଲି ଲୋକଙ୍କ ଅସ୍ତ୍ରୋପଚାର କରେ ବୋଲି କହିଥିବାବେଳେ ପୁଲିସ ସୋମବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମ୍ପୃକ୍ତ ଯୁବକକୁ ଜେଲ୍ ହାଜତକୁ ପଠାଯାଇଥିବା ଜଣାପଡ଼ିଛି।

> ଡାକ୍ତର ପରିଚୟ ଦେଇ କରୁଥିଲା ଅର୍ଶ ଅସ୍ତ୍ରୋପଚାର
> କୋଲକାତାରୁ ଆସି ଓଡ଼ିଶାରେ କରୁଥିଲା ଚିକିତ୍ସା

## ■ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପୁଲିସର ପରାମର୍ଶ

# ବେଆଇନ ଚାନ୍ଦା, ଡିଜେ, ଆତସବାଜି ଉପରେ କଟକଣା



ଚାରିଛକ,୨୫।୮ (ସମିସ): ଚଳିତ ବର୍ଷ ଚାରିଛକ ଥାନା ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ସମସ୍ତ ପୂଜା ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ସହ ସୋମବାର ଏକ ବୈଠକ କରି ପରାମର୍ଶ ଦେଇଛନ୍ତି। ବିଶେଷକରି କୌଣସି ପୂଜା ପାଇଁ ବେଆଇନ ଚାନ୍ଦା ଆଦାୟ କରିବା, ଡିଜେ ନ ବଜାଇବା ଓ ଆତସବାଜି ନ ଫୁଟାଇବାକୁ ଥାନା ପକ୍ଷରୁ କଟକଣା କରାଯାଇଛି। ଯଦି କୌଣସି ଅନୁଷ୍ଠାନରେ ମାଇକ୍ ବାଜିବ ତେବେ ଉପଜିଲ୍ଲାପାଳଙ୍କଠାରୁ ଅନୁମତି ନେବାକୁ କହିଛନ୍ତି ଥାନା ଅଧିକାରୀ। ବିଶେଷକରି ଭସାଣି ସମୟରେ ଯେପରି କୌଣସି ସ୍ଥାନରେ ଟ୍ରାଫିକ୍ ସମସ୍ୟା ନ ଉପୁଜେ କିମ୍ବା ଆତସବାଜି ନ ଫୁଟେ ସେଥିପ୍ରତି ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ଧ୍ୟାନ ଦେବାକୁ ଦୁହାଯାଇଛି। ଏଥିସହ ଭସାଣ ସମୟରେ ଯଦି କୌଣସି ବ୍ୟକ୍ତି ନିଶାଦ୍ରବ୍ୟ ସେବନ କରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ୩ ତାରିଖ ସୁଦ୍ଧା ସମସ୍ତ ଭସାଣ ଉତ୍ସବ ରାତି ୧୦ଟା ପୂର୍ବରୁ ସମାପନ କରିବାକୁ ଥାନା ଅଧିକାରୀ ସମସ୍ତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦେଇଛନ୍ତି। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ, ପୂଜା କମିଟିର ସଭାପତି ଓ ସମ୍ପାଦକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

ଡେଲାଙ୍ଗ,୨୫।୮ (ସମିସ): ଡେଲାଙ୍ଗ ହାଟ ବଜାରସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ପ୍ରକୋଷ୍ଠରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ସଭାପତି ପ୍ରହଲ୍ଲାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଅଭିନାନନ୍ଦ ପ୍ରଧାନ, ଗୋଲକ ବିହାରୀ ବରାଳ, ମିଟୁ କିଶୋର ପ୍ରଧାନ, ପ୍ରଦୀପ ସ୍ୱାଇଁ, ଦୁର୍ଯ୍ୟୋଧନ ସାହୁ, ନିରଞ୍ଜନ ସାହୁ, ରମେଶ ପ୍ରଧାନ, ପ୍ରାକ୍ତନ ବିଇଓ ଯୁଧିଷ୍ଠିର ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ସମ୍ପାଦକ ପ୍ରଶାନ୍ତ ଦାସ, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷା ସମ୍ବନ୍ଧୀୟ ମୂଲ୍ୟବୋଧଭିତ୍ତିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଅନନ୍ତ ଚରଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ସବୁ ସରକାରୀ ଶିକ୍ଷକ- ଶିକ୍ଷୟିତ୍ରୀଙ୍କୁ ପେନ୍‌ସନ୍‌ଭୁକ୍ତ କରିବା, ନିୟମାନୁସାରେ ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ସବୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଓଟିଇଟି ପରୀକ୍ଷା ବାତିଲ୍ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସ୍କିମାଟିକ୍ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା ପାଇଁ ଘୋଷଣା କରାଯାଇଥିବାରୁ ଓ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ ପ୍ରଶଂସା କରାଯାଇଥିଲା। ଗୋପାଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ରମେଶ ଚନ୍ଦ୍ର ବଳବନ୍ତରାୟ, ହରେକୃଷ୍ଣ ପାତ୍ର, ପ୍ରଦୀପ ସେଠୀ ସହଯୋଗ କରିଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ

ବଳଙ୍ଗା,୨୫।୮ (ସମିସ): ଅଧିକ ଯୌତୁକ ଦାବିରେ ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର ଗ୍ରାମର ମହିଳାଙ୍କୁ ନିର୍ଯାତନା ଓ ହତ୍ୟା ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ୧୮୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗଡ଼ଚାନ୍ଦପୁର ଗ୍ରାମର ଦିପାଳୀ ରାୟଙ୍କ ଅଭିଯୋଗ ଅନୁଯାୟୀ, ଜୈତିରଞ୍ଜନ ଜେନାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ରହିଥିଲା। ବର୍ଷେ ତଳେ ତାଙ୍କୁ ଘରୁ ନେଇ ଆସି କୋଣାର୍କଠାରେ ଥିବା ଜଗନ୍ନାଥ ମନ୍ଦିରରେ ବିବାହ କରି ଘରକୁ ଆଣିଥିଲେ। ପରିବାର ଲୋକେ ଏହାକୁ ନାପସନ୍ଦ କରିବା ସହ ପୁଣି ବନ୍ଧୁବାନ୍ଧବଙ୍କ ସହିତ ସମସ୍ତେ ମିଶି ଆଉଥରେ ବିବାହ କରାଇଥିଲେ। ଦାମ୍ପତ୍ୟ ଜୀବନ କିଛିଦିନ ସୁରୁଖୁରୁରେ କଟିଲା ପରେ ତାଙ୍କ ସ୍ୱାମୀ, ଶାଶୂ ସରସ୍ୱତୀ ଜେନା, ନଣନ୍ଦ ବର୍ଷା ଜେନା ବାପଘରୁ ୫ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଦାବି କରିଥିଲେ। କିନ୍ତୁ ଦିପାଳୀ ଏତେ ଟଙ୍କା ବାପଘରୁ ଆଣିବା ପାଇଁ ମନାକରିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଦେଲେ। କୌଣସି କାରଣ ନ ଥାଇ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିବାରୁ କୌଶଳକ୍ରମେ ସେ ଖସି ଆସି କୋଣାର୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୋଣାର୍କ ଥାନାରେ ଉଭୟ ପରିବାର ମଧ୍ୟରେ ଆପୋଷ ବୁଝାମଣା ହେବାପରେ କିଛିଦିନ ଦିପାଳୀ ବାପଘରେ ଯାଇ ରହିଥିଲେ। ଘଟଣାର ୩ ମାସ ପରେ ଜୈତିରଞ୍ଜନ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିବା ଖବର ପାଇ ଚୁପ୍ ରହିଥିଲେ। ସଠିକ୍ ଖବର ଜଣାପଡ଼ିବା ପରେ ସେ ବଳଙ୍ଗା ଥାନାର ଆଶ୍ରୟ ନେଇଥିଲେ। ଏହାପରେ ସ୍ୱାମୀ ଜୈତରଞ୍ଜନ ତାଙ୍କୁ ସବୁବେଳେ ଫୋନ୍ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୋ ବିରୁଦ୍ଧରେ ଯଦି ଆଇନ ଅଦାଲତରେ ଆଶ୍ରୟ ନେବୁ ତା'ହେଲେ ତୋର ଓ ମୋ ଭିତରେ ଥିବା ସମ୍ପର୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବା ସହ ଜୀବନରେ ଶାନ୍ତିରେ ବଞ୍ଚିବାକୁ ଦେବିନାହିଁ ବୋଲି ଧମକଚମକ ଦେଇଥିବା ଦିପାଳୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ନିଶା ନିବାରଣ ସମ୍ପର୍କିତ ଆଲୋଚନାଚକ୍ର


ସାକ୍ଷୀଗୋପାଳ,୨୫।୮ (ସମିସ): ଶନିବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିଶା ନିବାରଣ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଦର୍ଶ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ମୃତିଶେଖର ସାହୁ, ଚିତ୍ତରୂପା ଷଡ଼ଙ୍ଗୀ, ସୁଶ୍ରୀ ହରପ୍ରିୟା କର, ସତ୍ୟବାଦୀ ଦାଶ, ବିଜୟ ପରିଡ଼ା, ନବଘନ ଶତପଥୀ, ଜ୍ୟୋତିରଞ୍ଜନ ସାହୁ, ମନୋରଞ୍ଜନ ମିଶ୍ର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ସତ୍ୟବାଦୀ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ଶିଶିର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚକ୍ରଧର ମହାରଣା ଉପସ୍ଥିତ ଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିତା ଦେବୀ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନିଶା ଶରୀରର ବିଭିନ୍ନ ଅଙ୍ଗ ତଥା ମନକୁ କିପରି ରୋଗାକ୍ରାନ୍ତ କରେ ତାହା ବିଜ୍ଞାନ ଆଧାରରେ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ଆଲୋଚନାଚକ୍ର ଆଧାରରେ ଜଣାଅଜଣା ପ୍ରଶ୍ନୋତ୍ତର କରାଯାଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍କଳମଣି ତଥା ପଞ୍ଚସଖାଙ୍କ ତପସ୍ୟା ମାଟିରେ ଗଢ଼ି ଉଠିଥିବା ବିଦ୍ୟାଳୟର ପବିତ୍ର ପରିବେଶରେ ବିଦ୍ୟାର୍ଥୀଗଣ ସମୂହ ଶପଥପାଠ କରି ନିଶାକୁ ନା କହି ନିଶାମୁକ୍ତ ବିଦ୍ୟାର୍ଥୀ ହେବାପାଇଁ ଶପଥ ନେଇଥିଲେ।

# ବାଇକ୍ ଧକ୍କାରେ ୪ ଆହତ

ଗୋପ,୨୫।୮ (ସମିସ): ସୋମବାର ସନ୍ଧ୍ୟାରେ ଏକ ବାଇକ୍‌କୁ ପଛରୁ ଧକ୍କା ଦେଇ ୩ ଜଣ ଯୁବକ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିହାର ମାନିକପୁର ଅଞ୍ଚଳର କିଛି ଯୁବକ କଟକ ଜିଲ୍ଲା ନିଆଳୀ ଅଞ୍ଚଳରେ ରହି ଟାଇଲ୍ ମିସ୍ତ୍ରି ଭାବେ କାମ କରନ୍ତି। ସୋମବାର ଜଣେ ସାଙ୍ଗକୁ ପୁରୀ ରେଳ ଷ୍ଟେସନରେ ଛାଡ଼ି ଏକ ବାଇକ୍ ଯୋଗେ ସନ୍ତୋଷ କୁମାର, ରାମ କୁମାର, ସିକନ୍ଦର କୁମାର ନିଆଳୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ଗୋପ ଆଖଣ୍ଡଳେଶ୍ୱର ଶୈବପୀଠ ନିକଟରେ ବାଇକ୍ ଧରି ଠିଆ ହୋଇଥିବା ବଢ଼େଇସାହି ଗ୍ରାମର ମୁନୁ ଖରଡ଼ା ବାଇକ୍‌କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ସମସ୍ତ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ● ଦିନକ ପରେ ଗଜାନନଙ୍କ ପୂଜା

# ମୂର୍ତ୍ତି ଶେଷ ପର୍ଯ୍ୟାୟରେ ବର୍ଷା ସାଜିଛି ବାଧକ



କଣାସ,୨୫।୮ (ସମିସ): ଦିନକ ପରେ ଗଜାନନଙ୍କ ପୂଜା ଉତ୍ସବ ଏଥିପାଇଁ ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ଚାଲିଛି ମୂର୍ତ୍ତି ତିଆରି। ପ୍ରତ୍ୟେକ ସ୍ଥାନରେ ୫ରୁ ୧୦ ଜଣ କାରିଗର କାମ କରୁଥିବା ଦେଖିବାକୁ ମିଳିଛି। ଏହା ସହ ପ୍ରତ୍ୟେକ ବିଦ୍ୟାଳୟ ଏବଂ ପୂଜାମଣ୍ଡପରେ କର୍ମକର୍ତ୍ତାମାନେ ପୂଜା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ଲଘୁଚାପଜନିତ ବର୍ଷା କେତେକାଂଶରେ ବାଧା ସୃଷ୍ଟି କରିଛି। ମୂର୍ତ୍ତି କାରିଗରମାନେ ଦୀର୍ଘ ୨ ମାସ ଆଗରୁ ମାଟି, ଛଣ, କାଠ, ସୂତା ସଂଗ୍ରହ କରି ମୂର୍ତ୍ତି ଗଢ଼ିବାରେ ଲାଗିପଡ଼ିଛନ୍ତି। ଆଉ ମାତ୍ର ଦିନକ ପରେ ଗଜାନନଙ୍କ ପୂଜା ଉତ୍ସବ ଥିବାରୁ ମୂର୍ତ୍ତି କାରିଗରଙ୍କୁ ଫୁରସତ୍ ନାହିଁ। ଅନେକ ସ୍ଥାନରେ କାରିଗରମାନେ ମୂର୍ତ୍ତିର ଶେଷ ପର୍ଯ୍ୟାୟରେ ରଙ୍ଗ ଦେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ମୂର୍ତ୍ତି ନିର୍ମାଣ ସ୍ଥାନରେ ୫୦ରୁ ୨୦୦ ପର୍ଯ୍ୟନ୍ତ ମୂର୍ତ୍ତି ବରାଦ ଅନୁସାରେ କାରିଗରମାନେ ନିର୍ମାଣ କରିଛନ୍ତି। କଣାସ ବଜାରର ବାଲିଘାଇ ଛକଠାରେ ଅକ୍ଷୟ ସେଠୀ ମୂର୍ତ୍ତି ନିର୍ମାଣରେ ୮ ଜଣ ସହଯୋଗୀଙ୍କୁ ଧରି ଦୀର୍ଘ ୨ମାସ ହେଲା ବରାଦ ମୁତାବକ ବଡ଼ବଡ଼ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ସେପଟେ ଲଗାଣ ବର୍ଷା ଯୋଗୁଁ ମୂର୍ତ୍ତି ଶୁଖିବାରେ ବିଳମ୍ବ ଯୋଗୁଁ ଦୁଇଦିନ ହେଲା ରଙ୍ଗ ଦେବାପାଇଁ ରାତି ଅନିଦ୍ରା ହେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି।

# ୪୧ ୟୁନିଟ୍ ରକ୍ତ ସଂଗ୍ରହ

କଣାସ,୨୫।୮ (ସମିସ): କଣାସଠାରେ ପ୍ରତିଷ୍ଠିତ ପ୍ରଜାପିତା ବ୍ରହ୍ମାକୁମାରୀ କାର୍ଯ୍ୟାଳୟ ପକ୍ଷରୁ ସୋମବାର କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଜନମଙ୍ଗଳ କ୍ଲବ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପୁରୀର ଆଚାର୍ଯ୍ୟ ହରିହର ରକ୍ତ ସଂଗ୍ରହ କେନ୍ଦ୍ରର ଡାକ୍ତରମାନେ ଏଥିରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀ ଓ ଭାଇମାନେ ଶିବିର ପରିଚାଳନା କରିଥିଲେ।

## ● ରୁଦ୍ରାଭିଷେକ ପରିଷଦର ସମୀକ୍ଷା ବୈଠକ

# 'ଅଳଗୁମ ଗତିଶ୍ୱର ଦେବ ପୀଠକୁ ଗ୍ରାମୀଣ ପର୍ଯ୍ୟସ୍ଥଳୀ ମାନ୍ୟତା ମିଳୁ'



ଭୁବନେଶ୍ୱର,୨୫।୮ (ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅଳଗୁମର ପୁରାତନ ଶୈବପୀଠ ପ୍ରଭୁ ଶ୍ରୀଗତିଶ୍ୱର ଦେବଙ୍କ ମନ୍ଦିର ନିକଟରେ ରୁଦ୍ରାଭିଷେକ ପରିଷଦର ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦର୍ପନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷର ବାର୍ଷିକ ବିବରଣୀ ପାଠ ପରେ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏଥିସହ ୧୨ଶ ଖ୍ରୀଷ୍ଟାବ୍ଦର ଏହି ପୁରାତନ ମନ୍ଦିରର ଉନ୍ନତିକରଣ ସହ ଏହାକୁ ଗ୍ରାମୀଣ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପୁରୀ ସାଂସଦ, ସ୍ଥାନୀୟ ବିଧାୟକ ପ୍ରମୁଖଙ୍କୁ ଦାବିପତ୍ର ଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା କାର୍ତ୍ତିକ ମେଳା ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା 'ଶିଳାଲେଖ' ପାଇଁ ଯଥେଷ୍ଟ ପୂର୍ବରୁ ଲେଖା ପଠାଇବାକୁ ସଭ୍ୟମାନଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ମନ୍ଦିରବେଢ଼ା ପରିସରରେ ବୃକ୍ଷରୋପଣ, ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଉପେନ୍ଦ୍ର ପଣ୍ଡା, ପ୍ରଶାନ୍ତ ବିଶ୍ୱାଳ, ନିତିଶ ମହାନ୍ତି, ଯୋଗେନ୍ଦ୍ର ନାୟକ, ପାଣ୍ଡବ ମହାରଣା, କାମଦେବ ଜେନା, ସର୍ବେଶ୍ୱର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ବନମାଳୀ ପ୍ରଧାନ, ରବୀନ୍ଦ୍ର ସାହୁ, ବିପିନ ପ୍ରଧାନ, ମାନସ ବାରିକ, ଲକ୍ଷ୍ମୀଧର ପଣ୍ଡା, କମ୍ବୁ ବିଶ୍ୱାଳ, ବିହାରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ନିମାପଡ଼ା ବ୍ଲକ୍ ସରପଞ୍ଚ ସଂଘର ସାଂଗଠନିକ ବୈଠକ



ନିମାପଡ଼ା,୨୫।୮ (ସମିସ): ନିମାପଡ଼ା ବ୍ଲକ୍ ସରପଞ୍ଚ ସଂଘର ଏକ ଜରୁରୀ ବୈଠକ ବିଶିମାତ୍ରୀ ଛକ ନିକଟରେ ଥିବା ଶ୍ରୀରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଶ୍ୱନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିମାପଡ଼ା ବ୍ଲକ୍‌ର ୨୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଯୋଗଦେଇଥିଲେ। ଉକ୍ତ ବୈଠକରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପ୍ରକଳ୍ପ କାର୍ଯ୍ୟ ସବୁର ଅଗ୍ରଗତି ଉପରେ ସମୀକ୍ଷା କରାଯିବା ସହିତ କେଉଁ ପଞ୍ଚାୟତରେ କେତେ କାମ ହୋଇଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ଏକ ବର୍ଷ ହେବ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ହିତାଧିକାରୀମାନେ ନ ପାଇବା ଫଳରେ ସେ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ତାହାର କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଅନେକ ପଞ୍ଚାୟତରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ସବୁ ଅଚଳ ହୋଇଥିଲେ ହେଁ ସେଗୁଡ଼ିକ ମରାମତି ହୋଇପାରୁନାହିଁ। ଯାହା ଫଳରେ ଆମ୍ଭେମାନେ ଜନସାଧାରଣଙ୍କ ରୋଷର ଶିକାର ହେଉଛୁ। ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଦୃଷ୍ଟି ଦେବାକୁ ବୈଠକରେ ଦାବି କରାଯାଇଛି। ଉକ୍ତ ବୈଠକକୁ ଭୋଦର ପଞ୍ଚାୟତ ସରପଞ୍ଚ ଚାରୁଲତା ବେହେରା ଓ ତମ୍ପାଲୋ ପଞ୍ଚାୟତ ସରପଞ୍ଚ ସସ୍ମିତା ଖଟୋଇ ସଂଯୋଜନା କରିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ସରପଞ୍ଚ ସହଯୋଗ କରିଥିଲେ।

# ସମ୍ପାଦକଙ୍କ ଘରେ ଚାଲିଛି କୁଣ୍ଢେଇ ସମବାୟ ସମିତି




କୁଣ୍ଢେଇ,୨୫।୮ (ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ ହାଟ ଭିତରେ ରହିଛି କୁଣ୍ଢେଇ ସମବାୟ ସମିତି କାର୍ଯ୍ୟାଳୟ। ସମ୍ପାଦକ ଅଲେଖ ଚନ୍ଦ୍ର ନାୟକ ସମବାୟ ସମିତି କାର୍ଯ୍ୟାଳୟକୁ ନ ଆସି ନିଜ ଘରେ କାମ କରୁଥିବାବେଳେ କୁଣ୍ଢେଇ ହାଟରେ ଥିବା ସମବାୟ କାର୍ଯ୍ୟାଳୟକୁ ୧୦ଟାରୁ ୪ଟା ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଷ୍ଣୁ ସାହୁ ଜଗି ବସୁଛନ୍ତି। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ଧାନ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କଠାରୁ କିଣୁଛନ୍ତି।

ପ୍ରକାଶ ଯେ, କାକଟପୁର ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ ହାଟ ପରିସରରେ ରହିଛି କୁଣ୍ଢେଇ ସେବା ସମବାୟ ସମିତି କାର୍ଯ୍ୟାଳୟ। ଉକ୍ତ କାର୍ଯ୍ୟାଳୟର ନିଜସ୍ୱ ଗୃହ ରହିଛି, ସୂଚନାଫଳକ ଝୁଲୁଛି, ଏହା ସହିତ ବିଦ୍ୟୁତ୍ ସଂଯୋଗ ଅଛି, ଟେବୁଲ୍ ଚୌକି ପଡ଼ିଛି, ଅଫିସ କାର୍ଯ୍ୟ ପାଇଁ ସମସ୍ତ ଆସବାବପତ୍ର ରହିଛି। ହେଲେ ଏଠାରେ କାର୍ଯ୍ୟରତ ସମ୍ପାଦକ ଶ୍ରୀ ନାୟକ ସମସ୍ତ କାଗଜପତ୍ର ନେଇ ନିଜ ଘରେ ଅଫିସ କରି କାମ କରୁଛନ୍ତି। କେହି ଚାଷୀ ସମିତି କାର୍ଯ୍ୟାଳୟକୁ କୌଣସି ସମସ୍ୟା ନେଇ ଆସିଲେ ଅଫିସରେ ସମ୍ପାଦକଙ୍କୁ ନ ପାଇ ଫେରିଯାଉଛନ୍ତି। ତେଣୁ ଚାଷୀମାନେ ସମବାୟ ସମିତିକୁ ଆସୁଥିବା ସୁବିଧା ପାଇପାରୁ ନାହାନ୍ତି। ସମ୍ପାଦକ ଶ୍ରୀ ନାୟକ ନିଜ ସମ୍ପର୍କୀୟମାନଙ୍କୁ ସରକାରୀ ଯୋଜନାର ସୁବିଧା ଯୋଗାଉଥିବାବେଳେ ପ୍ରକୃତ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଛି। ସେହିପରି ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବା ପରେ ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କ ମୋବାଇଲ୍ ଫୋନ୍‌କୁ ସରକାରଙ୍କ ପକ୍ଷରୁ ମେସେଜ୍ ଜରିଆରେ ଟୋକନ ହୋଇଥିଲା। ଅନ୍ୟପଟେ ସମବାୟ ସମ୍ପାଦକ ମନମୁଖୀ କାର୍ଯ୍ୟକରି ନିଜର ପରିଚିତ ଲୋକମାନଙ୍କ ଧାନ ଆଗେ ଉଠାଇବା, ଟୋକନର କ୍ରମିକ ନମ୍ବରରେ ହେର୍‌ଫେର୍ କରିବା ଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି ଚାଷୀମାନେ। ଏହି କାରଣ ଯୋଗୁଁ ପ୍ରକୃତ ଚାଷୀଙ୍କ ଧାନ ଉଠୁନାହିଁ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିରୁ ଚାଷୀଙ୍କଠାରୁ ଟାର୍ଗେଟ୍ ଅନୁସାରେ ଧାନ କିଣା ଯାଉ ନ ଥିବାରୁ ଚାଷୀ ନିରାଶ ହେଉଥିବାବେଳେ ମିଲର ଗାଡ଼ି ପଠାଉ ନ ଥିବାରୁ ଚାଷୀମାନେ ନିଜେ ଗାଡ଼ି ଭଡ଼ାରେ ନେଇ ଧାନ ମିଲରକୁ ଦେଇଆସୁଛନ୍ତି। ବର୍ତ୍ତମାନ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲୁଛି। ଆଗକୁ ଚାଷୀଙ୍କଠାରୁ ସମବାୟ ସମିତି ମାଧ୍ୟମରେ ଧାନ କିଣା ଯିବାକୁ ଥିବାରୁ ଯେପରି ଛୋଟ ଚାଷୀମାନେ ସମବାୟ ସମିତିରେ ଧାନ ବିକ୍ରି କରିପାରିବେ ସମ୍ପାଦକ ଦମନଲୀଳା ନ ହେବ ସେଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସମ୍ପାଦକଙ୍କ ମନମାନୀ ଯୋଗୁଁ ବହୁ ଚାଷୀ ବାଧ୍ୟ ହୋଇ ଧାନ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ-ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୂ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂ ବନ୍ଧୁ ଓ ପରିବାର ବର୍ଗ ।

୨୫/୮/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୨୨,୧୦୦/- ସୁନା: ୦୧.୫୦୦ ଗ୍ରାମ୍ ରୁପା: ୧୧୩.୮୦୦ ଗ୍ରାମ୍



## ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ



ପୁରୀ,୨୫।୮ (ସମିସ): ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଗତ ଶୁକ୍ରବାରଠାରୁ ଭଙ୍ଗା ଆରମ୍ଭ ହୋଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଥିଲା। ରବିବାର ଦେବଦଳନ ରଥ ଭଙ୍ଗା ସମ୍ପୂର୍ଣ୍ଣ ହେବା ପରେ ସୋମବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୯ ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି। ଉପରଆଡୁ ରଥ ଭଙ୍ଗା ଯାଉଛି। ସୋମବାର ସୁଦ୍ଧା ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବ ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଦୁଆରବେଢ଼ା ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ତାଳଧ୍ୱଜ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ତାଳଧ୍ୱଜ ରଥ ଭଙ୍ଗାଯିବା ପରେ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ଼, ଗୁଜ ଓ ଚକକୁ ଷ୍ଟୋର୍ ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ

ପୁରୀ,୨୫।୮ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇ ଜଗମୋହନରେ ବିଜେ ହୋଇଥିଲେ। ସେଠାରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା। ହରଚଣ୍ଡୀ ସାହିବାସୀ ଏହି ଲୀଳା ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାପ୍ରଭୁ କୃଷ୍ଣ ଅବତାରରେ ଗୋପୀମାନଙ୍କ ସହିତ ଲୀଳା କରୁଥିଲେ। ସେତେବେଳେ ଗୋପୀମାନେ ନିକୁଞ୍ଜ ବା ଲତା କୁଞ୍ଜରେ ରାଧାକୃଷ୍ଣଙ୍କୁ ବସାଇ ବିଭିନ୍ନ ପ୍ରକାର ଫୁଲରେ ସଜାଇ ତାଙ୍କ ସହିତ ଲୀଳା କରୁଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବେଦ ସଂଗୋଷ୍ଠୀ

ପୁରୀ,୨୫।୮ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବେଦଶାସ୍ତ୍ରର ବ୍ୟାଖ୍ୟା ପରମ୍ପରାରେ ଆରଣ୍ୟକ ସାହିତ୍ୟର ଯୋଗଦାନ ବିଷୟରେ ଆୟୋଜିତ ଏହି ଜାତୀୟ ଆଲୋଚନାଚକ୍ରରେ ଭାରତର ବିଭିନ୍ନ ସ୍ଥାନରୁ ଓ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରଫେସର ଯୋଗଦେଇଥିଲେ। ଏହି ସଂଗୋଷ୍ଠୀକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରି ବେଦ ବିଦ୍ୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି, ମୁଖ୍ୟଅତିଥି ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର, ସମ୍ମାନିତ ଅତିଥି ବରିଷ୍ଠ ବିଦ୍ୱାନ ପ୍ରଫେସର ଗୋପାଳକୃଷ୍ଣ ଦାଶ, ମୁଖ୍ୟବକ୍ତା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରୟାଗରାଜଠାରେ ଥିବା ଗଙ୍ଗାନାଥ ଝା, ପରିସରର ବେଦ ବିଭାଗର ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ମିଶ୍ର, ସାରସ୍ୱତ ଅତିଥି ଭାବେ କୋଲକାତା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ଭଟ୍ଟାଚାର୍ଯ୍ୟ ବାନପ୍ରସ୍ଥ ଜୀବନରେ ଅନ୍ତିମ ଲକ୍ଷ୍ୟ ସିଦ୍ଧି ପାଇଁ ଆରଣ୍ୟକ ସାହିତ୍ୟ କିଭଳି ଉପଯୋଗୀ ତାହା ଚର୍ଚ୍ଚା କରିଥିଲେ। ବିଶିଷ୍ଟ ଅତିଥି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ସାରସ୍ୱତ ସଭାରେ ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବ ବିଭାଗ ଅଧ୍ୟକ୍ଷା ଓ ଆସୋସିଏଟ୍ ପ୍ରଫେସର ଡ. ପରାମ୍ବା ଶ୍ରୀଯୋଗମାୟା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଓ ଜାତୀୟ ଆଲୋଚନାଚକ୍ରର ସଂଯୋଜକ ଡ. ଚନ୍ଦନ କୁମାର ମିଶ୍ର ସଭା ସଞ୍ଚାଳନ କରିଥିଲେ। ବିଭାଗର ଅତିଥି ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ବେଦପାଠ କରିଥିଲେ।

ଉଦ୍‌ଘାଟନ ପରେ ଦୁଇଟି ଶୈକ୍ଷଣିକ ଅଧିବେଶନ ହୋଇଥିଲା। ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଷୟ ବିଶେଷଜ୍ଞ ଭବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦଭାଷ୍ୟ ବିଭାଗର ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର ଓ ଆଧାର ପୁରୁଷ ଭାବରେ ସ୍ନାତକୋତ୍ତର ବ୍ୟାକରଣ ବିଭାଗର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ଏହାକୁ ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶ୍ୱବିଦ୍ୟାଳୟର ପୂର୍ବ କୁଳସଚିବ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ପାଲି ପ୍ରାକୃତ ବିଭାଗର ପ୍ରଫେସର ଓ ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ଜେନା, ଆଧାର ପୁରୁଷ ଭାବରେ ପ୍ରଫେସର ହରେକୃଷ୍ଣ ମିଶ୍ର ଯୋଗଦେଇଥିଲେ। ଏହାକୁ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ନୀଳାମ୍ବର ବାଘ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ସ୍ନାତକୋତ୍ତର ବେଦ ବିଭାଗର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦେବାଶିଷ ତ୍ରିପାଠୀ ପରିଚାଳନା କରିଥିଲେ।

### ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ନିରାଶ

## ଏସ୍‌ପିଙ୍କ କାର୍ଯ୍ୟାଳୟରେ କିରାସିନି ଢାଳି ଆତ୍ମାହୁତି ଉଦ୍ୟମ

ପୁରୀ,୨୫।୮ (ସମିସ): ନ୍ୟାୟ ପାଇବା ପାଇଁ ସମସ୍ତଙ୍କୁ ଗୁହାରି କରିଛନ୍ତି। ହେଲେ ତାଙ୍କୁ ନ୍ୟାୟ ମିଳିଲାନି। ଏପରିକି ପୁଲିସ ମଧ୍ୟ ତାଙ୍କ କଥା ଶୁଣିଲାଣି। ସବୁଠୁ ନିରାଶ ହେବା ପରେ ଜୀବନ ହାରିବାକୁ ନିଷ୍ପତ୍ତି ନେଲେ ସତ୍ୟବାଦୀ ବ୍ଲକ୍ ଅଲୁଗୁମ୍‌ର ଲଲାଟ କିଶୋର ଜେନା। ସୋମବାର ସେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ କିରାସିନି ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ୭ ବର୍ଷ ହେବ ସେ ନ୍ୟାୟ ପାଇବା ପାଇଁ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ସବୁଠି ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଯେଉଁଥିପାଇଁ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ ବୋଲି କହିଛନ୍ତି ଲଲାଟ।

ତାଙ୍କ ଅଭିଯୋଗ ଅନୁଯାୟୀ, ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପ୍ରଭାତ ଲେନ୍‌ରେ ତାଙ୍କର ଏକ ଘର ରହିଛି। ଏହି ଘରର ସମସ୍ତ କାଗଜପତ୍ର ସହ ବିଲ୍ଡିଂ ପ୍ଲାନ୍, ଶ୍ରୀମନ୍ଦିର ପ୍ରଶାସନର ଏନ୍‌ଓସି ରହିଛି। ଏହା ସତ୍ତ୍ୱେ ସୁଧାକର ଭୋଳ ନାମକ ଜଣେ ବ୍ୟକ୍ତି ବିନା କୌଣସି କାଗଜପତ୍ରରେ ତାଙ୍କ ଘର ମାଡ଼ି ବସିଛନ୍ତି। ସେତେବେଳେ ସେ ଏ ନେଇ ଏତଲା ଦେଇଥିଲେ। ହେଲେ ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା। ଦୀର୍ଘ ୭ ବର୍ଷ ହେବ ସେ ବିଭିନ୍ନ ଲୋକଙ୍କ ପାଖକୁ ଯାଇ ତାଙ୍କ ଗୁହାରି ଜଣାଇଛନ୍ତି। ଜଣେ ବ୍ୟକ୍ତି କିପରି ତାଙ୍କ ଘରକୁ ଜୋର୍‌ବରଦସ୍ତ ମାଡ଼ିବସିଛନ୍ତି ସେ ବିଷୟରେ ଜଣାଇଛନ୍ତି। ଏପରି କି, ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ତାଙ୍କ ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଆସିଥିବା ସତ୍ତ୍ୱେ ପୁରୀ ପୁଲିସ ଏହାକୁ ଅବହେଳା କରିଛି। ଗତ ମେ' ମାସରେ ମଧ୍ୟ ସେ କୁମ୍ଭାରପଡ଼ା ଥାନାରେ ସମସ୍ତ ପ୍ରମାଣପତ୍ର ଦେଇ ଅଭିଯୋଗ କରିଥିଲେ। କିନ୍ତୁ ଗତ ଶନିବାର ରାତି ଅଧରେ ପୁଲିସ ଉପସ୍ଥିତିରେ ତାଙ୍କ ଘରେ ଛାତ ପକାଯାଇଛି। ସେହିଦିନ ରାତିରେ ସେ ପୁଲିସଠାରୁ ଆରମ୍ଭ କରି ସମସ୍ତଙ୍କ ସହ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ସେ ରହୁଥିବା ଭୁବନେଶ୍ୱର ବଡ଼ଗଡ଼ ଥାନାରେ ଜିରୋ ଏତଲା ଦେଇଥିଲେ। ଏହି ଜମିବାଡ଼ି ବିବାଦକୁ ନେଇ ସୋମବାର ସେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଆତ୍ମାହୁତି ଉଦ୍ୟମ କରିଥିଲେ। ନିଜେ ଆଣିଥିବା କିରାସିନି ଢାଳି ହୋଇ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ପୁଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ଲଲାଟଙ୍କୁ ପୁଲିସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ପୁଲିସ ଉପସ୍ଥିତିରେ ରାତିରେ କାମ ହେବା ଯେଉଁ ଅଭିଯୋଗ ଆସୁଛି ତାହାର ସତ୍ୟତା ନାହିଁ। ସେହି ଜାଗାରେ କାମ ବନ୍ଦ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତହସିଲ୍‌ଦାରଙ୍କୁ କୁହାଯାଇଥିଲା। ଶନିବାର କାମ ଚାଲିଥିବା ଖବର ପାଇବା ପରେ ପୁଲିସ କାମ ବନ୍ଦ ପାଇଁ ଯାଇଥିଲା। ପୁଲିସ ଉପସ୍ଥିତିରେ କାମ ହେଉଥିବା ମିଛ କଥା ବୋଲି ଶ୍ରୀ ସାହୁ କହିଛନ୍ତି।



## ମହାପ୍ରଭୁଙ୍କୁ ଦର୍ଶନକଲେ ନୂଆ ଏସ୍‌ପି ପ୍ରତୀକ ସିଂ



### ସିଂହଦ୍ୱାରରେ ମାରିଲେ ସାଷ୍ଟାଙ୍ଗ ମୁଣ୍ଡିଆ

ପୁରୀ,୨୫।୮ (ସମିସ): ପୁରୀର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ପ୍ରତୀକ ସିଂ। ବିଧିବଦ୍ଧ ଭାବେ ସେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। ହେଲେ ଏହା ପୂର୍ବରୁ ସୋମବାର ସକାଳେ ଶ୍ରୀ ସିଂ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ପୁରୀ ପୁଲିସ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ସିଂଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ତେବେ ମନ୍ଦିରକୁ ପ୍ରବେଶ ପୂର୍ବରୁ ସିଂହଦ୍ୱାରରେ ଥାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ମୁଣ୍ଡିଆ ମାରିଥିଲେ ପ୍ରତୀକ ସିଂ, ଯାହାକି ଏବେ ବେଶ୍ ଚର୍ଚ୍ଚାରେ। ତେବେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଫେରିବା ବେଳେ ସିଂହଦ୍ୱାରଠାରେ ଗଣମାଧ୍ୟମ ସମ୍ମୁଖରେ ତାଙ୍କ ପ୍ରତିକ୍ରିୟା ଦେଇଥିଲେ। ଶ୍ରୀ ସିଂ କହିଥିଲେ, ପୁରୀ ଜିଲ୍ଲାର ଏସ୍‌ପି ଭାବେ ଦାୟିତ୍ୱ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି। ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ତାଙ୍କ ଆଶୀର୍ବାଦ ନେଇ କାମ ଆରମ୍ଭ କରିବାକୁ ଯାଉଛି। ଜିଲ୍ଲାର ଯାହାସବୁ ଗୁରୁତ୍ୱପୂର୍ଣ୍ଣ କାମ ରହିଛି ତାହା କିପରି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ସେ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଶ୍ରୀମନ୍ଦିରର ସୁରକ୍ଷା, ମହାପ୍ରଭୁଙ୍କ ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପୁଲିସର ପ୍ରାଥମିକତା ରହିବ। ଏ ନେଇ ସେବାୟତଙ୍କ ସହିତ ଆଲୋଚନା କରାଯିବ। ଜିଲ୍ଲାରେ ପୁଲିସ ବିଭାଗ ସମ୍ପର୍କିତ ଯାହାସବୁ କାମ ରହିଛି, ବିଶେଷକରି ଜନସାଧାରଣଙ୍କୁ କିପରି ଉତ୍ତମ ସେବା ଏବଂ ନ୍ୟାୟ ପ୍ରଦାନ କରାଯିବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପୁରୀକୁ ବର୍ଷତମାମ ପର୍ଯ୍ୟଟକ ଆସିଥା'ନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଏବଂ ସେବା ପ୍ରଦାନ ଉପରେ ପୁଲିସ ଧ୍ୟାନ ଦେବ। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଇ କାମ କରାଯିବ ବୋଲି କହିଛନ୍ତି ନୂଆ ଏସ୍‌ପି ଶ୍ରୀ ସିଂ। ମଙ୍ଗଳବାର ସେ ବିଧିବଦ୍ଧ ଭାବେ ପୁରୀର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଶୃଙ୍ଖଳିତ ରଥଯାତ୍ରା, ସେବାୟତଙ୍କ ସହ ଉତ୍ତମ ସମନ୍ୱୟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତ ନିଶ୍ଚିତ ନୂଆ ଏସ୍‌ପିଙ୍କ ପାଇଁ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।

### ନେପାଳରେ ଚମକିଲେ ଓଡ଼ିଆ ପୁଅ

## ପାୱାର ଲିଫ୍ଟିଂରେ ଜିତିଲେ ୨ ସ୍ୱର୍ଣ୍ଣ

ପୁରୀ,୨୫।୮ (ସମିସ): ନେପାଳରେ ଚମକିଛନ୍ତି ଓଡ଼ିଆ ପୁଅ ତଥା ପୁରୀର ଦେବୀ ପ୍ରସାଦ ଦାସ। କାଠମାଣ୍ଡୁରେ ଜିତିଛନ୍ତ ୨ ସ୍ୱର୍ଣ୍ଣ ପଦକ। ଏସିଆନ୍ ପାୱାର ଲିଫ୍ଟିଂ ପ୍ରତିଯୋଗତାରେ ବାଜିମାତ୍ କରିଛନ୍ତି ଦେବୀପ୍ରସାଦ। ଏସିଆନ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଗତ ୧୫ରୁ ୧୭ ତାରିଖ କାଠମାଣ୍ଡୁରେ ଆୟୋଜିତ ଏସିଆନ ପାୱାର ଲିଫ୍ଟି ପ୍ରତିଯୋଗିତାରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁନିଅର ବିଭାଗର ୧୨୦ କେଜି ବର୍ଗ ଡେଡ୍ ଲିଫ୍ଟିଂରେ ସ୍ୱର୍ଣ୍ଣ ହାତେଇବା ସହ ସାମଗ୍ରିକ ଶକ୍ତି ଉତ୍ତୋଳନରେ ସ୍କ୍ୱାଟ୍, ବେଞ୍ଚ ପ୍ରେସ୍‌ରେ ସେ ହାତେଇଛନ୍ତି ଅନ୍ୟ ଏକ ସ୍ୱର୍ଣ୍ଣ, ଯାହାକି ଆମ ଦେଶ ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବ। ଉକ୍ତ ପ୍ରତିଯୋଗିତାରେ ଭାରତକୁ ମିଶାଇ ୭ଟି ଦେଶ ଅଂଶଗ୍ରହଣ କରିଥିଲେ। କଠିନ ପରିଶ୍ରମ ସହ ପିତାମାତାଙ୍କ ଆଶୀର୍ବାଦ ଯୋଗୁଁ ଦେବୀପ୍ରସାଦଙ୍କୁ ଏହି ସଫଳତା ମିଳିଛି। ସେଥିପାଇଁ ସେ ବହୁତ ଖୁସି ଅନୁଭବ କରୁଛନ୍ତି। ସରକାରଙ୍କ ପକ୍ଷରୁ ଯଦି ପ୍ରୋତ୍ସାହନ ମିଳେ ତେବେ ଆଗକୁ ଆହୁରି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବା ସହ ପଦକ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଦେବୀ।



## ଭାଇକୁ ମାଡ଼ମାରି ନାବାଳିକା ଭଉଣୀକୁ ଉଠାଇନେଲେ

ପୁରୀ,୨୫।୮ (ସମିସ): ପୁରୀ ସଦର ଥାନା ଗିରଳ ଅଞ୍ଚଳରୁ ଜଣେ ନାବାଳିକାକୁ ୩ ଦୁର୍ବୃତ୍ତ ଉଠାଇ ନେଇଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଚାରିଦିନ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇନାହିଁ। ଅଭିଯୋଗ ଅନୁଯାୟୀ, ଘରେ ଭାଇ, ଭଉଣୀ ଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସି ଘରେ ପଶି ଭାଇକୁ ମାଡ଼ ମାରିଥିଲେ। ଏହାପେର ୧୬ ବର୍ଷୀୟା ନାବାଳିକାକୁ ଉଠାଇ ନେଇ ପଳାଇଥିଲେ। ତାଙ୍କ ବାପା ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ବୁଝିଥିଲେ। ଏ ନେଇ ରବିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଖୋଜାଖୋଜି ଚଳାଇଛି ବୋଲି ଥାନାଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।

## କୁମାର ଉତ୍ସବ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ପୁରୀ,୨୫।୮ (ସମିସ): ପ୍ରମୁଖ ସାଂସ୍କୃତିକ ସଂଗଠନ 'କୁମାର ଉତ୍ସବ ସମିତି' ପକ୍ଷରୁ ଆଗାମୀ ଅକ୍ଟୋବର ୮, ୯ ଓ ୧୦ ତାରିଖ ତିନିଦିନ ବ୍ୟାପୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଯାଉଛି ୫୮ ତମ କୁମାର ଉତ୍ସବ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏବର୍ଷ ପ୍ରତିଯୋଗିତାକୁ ଦିବଂଗତ ପାର୍ବତୀ ପାଟଯୋଷୀ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଗୀତା ପାଠ, ଓଡ଼ିଆ ଭାଗବତ ପଠନ, ଶ୍ରୀକ୍ଷେତ୍ର କୁମାର, କୁମାରୀ, ଶ୍ରୀକ୍ଷେତ୍ର ଗୃହିଣୀ, ଯୋଗ, ସଙ୍ଗୀତ, କୌତୁକ ପୋଷାକ, ସଙ୍ଗୀତ, ବକ୍ତୃତା, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ସୁନ୍ଦର ପରିବେଶ ଯୋଗାଇଦେବା ପାଇଁ ଦୀର୍ଘ ବର୍ଷ ଧରି ଏହି ଅନୁଷ୍ଠାନ ପ୍ରୟାସ ଜାରି ରଖିଛି। ଏଥିରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପ୍ରତିଯୋଗିତା କମିଟି ଅଧ୍ୟକ୍ଷ ସୁକାନ୍ତ ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ମିଶ୍ର ଓ ଚକ୍ରଧର ମହାପାତ୍ର, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଭରତ ନାୟକ, ବିଦ୍ୟୁଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ରତନ କୁମାର ଦାସ, କଳ୍ପନା ମୁଦୁଲି, ସରସ୍ୱତୀ ପାତ୍ର, ଶ୍ୟାମ ପ୍ରକାଶ ସେନାପତି, ବିକାଶ ଦତ୍ତ, ଲକ୍ଷ୍ମୀଧର ପୂଜାପଣ୍ଡା, ରମାବଲ୍ଲଭ ମହାପାତ୍ରଙ୍କ ସମେତ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରକାଶଥାଉ କି, ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା କୁମାର ଉତ୍ସବ ମଞ୍ଚରେ ପୁରସ୍କୃତ କରାଯିବ ବୋଲି ସମିତିର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଜଣାଇଛନ୍ତି।

## ଗଣେଶ ପୂଜାରେ ମୁକ୍ତିଲାଭ କରିବ ଡେଲିଭରୀ ବୟ-୨

ପୁରୀ,୨୫।୮ (ସମିସ): ଆମେ ଓଡ଼ିଆ ଭାବରେ ଆମ ପରମ୍ପରା ପାଇଁ ଆମେ ଗର୍ବ କରୁ। ତେଣୁ ପ୍ରତିଟି ଶୁଭ କାର୍ଯ୍ୟ ଆରମ୍ଭରେ ଆମ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ସ୍ମରଣ କରିଥାଉ। ଗଣେଶ ପୂଜା ଉପଲକ୍ଷେ ମୁକ୍ତିଲାଭ କରିବ ଡେଲିଭରୀ ବୟ-୨। ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ଜଣାଇବା ତଥା ଆଶୀର୍ବାଦ ପାଇଁ ସିନେମାର ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ପ୍ରଯୋଜିକା ରୋଜାଲିନ ମହାନ୍ତି, ରେଭାନ୍ସ ମହାନ୍ତି, ପ୍ରଡକ୍ସନ ମ୍ୟାନେଜର ଶଙ୍କର ସେଠୀଙ୍କ ସମେତ ନାୟକ ଶୈଳେନ୍ଦ୍ର ସାମନ୍ତରାୟ, ଅଭିନେତା ସୁଶାନ୍ତ ଦାସ ମହାପାତ୍ର ଏବଂ ହାସ୍ୟ ଅଭିନେତା ସନ୍ତୁ ନିଜେ ଶ୍ରୀମନ୍ଦିରରେ ପହଞ୍ଚି ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରିଥିଲେ। ଡେଲିଭରୀ ବୟର ଅପୂର୍ବ ସଫଳତା ପରେ ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମିତ ଡେଲିଭରୀ ବୟ ୨ ଗଣେଶ ପୂଜା ବଜାରକୁ ହୁଲ୍‌ସ୍ଥୁଲ୍ କରିବାକୁ ପୂରା ପ୍ରସ୍ତୁତ ହୋଇ ଆସୁଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ଚିତ୍ର ଉତ୍ତୋଳନ ଈଶ୍ୱର ବାରିକ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ପ୍ରଚାରପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ। ଅର୍ଚ୍ଚିତା, ଶୈଳେନ୍ଦ୍ର, ବୁଦ୍ଧାଦିତ୍ୟ, ପ୍ରିୟମ୍ବଦା, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ନିଜେ, ପୁପିନ୍ଦର ସିଂହ ଚଳଚ୍ଚିତ୍ରରେ ଅଭିନୟ କରିଥିବାବେଳେ ଚୁଲ୍‌ବୁଲି ନାୟିକା ଭୂମିକା ଦାଶ ଲୋକାଲ ମାଧୁରୀ ପ୍ରମୋସନାଲ ଗୀତରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଛନ୍ତି। ଏବେ ଓଡ଼ିଆ ସିନେମା ପ୍ରତି ଓଡ଼ିଆ ଦର୍ଶକଙ୍କ ଭଲ ପାଇବା ଯଥେଷ୍ଟ ବଢ଼ିଛି। ଇତି ମଧ୍ୟରେ ଏକାଧିକ ଓଡ଼ିଆ ଚଳଚ୍ଚିତ୍ରକୁ ଦର୍ଶକ ବ୍ୟାବସାୟିକ ସଫଳତା ଦେଇଛନ୍ତି। ତେଣୁ ଡେଲିଭରୀ ବୟ-୨କୁ ମଧ୍ୟ ଯଥେଷ୍ଟ ଭଲ ପାଇବା ଦେବେ ବୋଲି ଆଶା ରହିଛି।



### ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ଜଣାଇଲା ଟିମ୍

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନବାଡ଼ି କର୍ମୀଙ୍କ ବିକ୍ଷୋଭ

ପୁରୀ,୨୫।୮ (ସମିସ): ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ରାଜ୍ୟ ସଂଘ ତରଫରୁ ବିଭିନ୍ନ ଦାବି ନେଇ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀକରଣ ନ ହେବା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ ୧୮ ହଜାର ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯ ହଜାର ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ ସହିତ ମାସିକ ପେନ୍‌ସନ ୫୦୦୦ ଓ ୩୦୦୦ ଟଙ୍କା ପ୍ରଦାନ, ବର୍ତ୍ତମାନ



### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ମୋବାଇଲ ଦ୍ୱାରା ଅନ୍‌ଲାଇନ୍ କରାଯାଉଥିବା କାର୍ଯ୍ୟକୁ ପୁନର୍ବାର ଅଫ୍‌ଲାଇନ୍‌ରେ କରିବା ବନ୍ଦ କରାଯାଉ, ଅଙ୍ଗନବାଡ଼ି କର୍ମଚାରୀଙ୍କୁ ୫୦% ସିଧାସଳଖ ପଦୋନ୍ନତି, ପିଏଫ୍, ଗ୍ରାଚ୍ୟୁଇଟି, ବରିଷ୍ଠତା ଭିତ୍ତିରେ ବେତନ ବୃଦ୍ଧି ସହିତ ଚିକିତ୍ସା ସୁବିଧା ପ୍ରଦାନ ଆଦି ଦାବି କରାଯାଇଛି। ପ୍ରତି ଶନିବାର କିଶୋରୀ ବାଳିକାମାନଙ୍କ ନିମନ୍ତେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ କିନ୍ତୁ ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଆକାଉଣ୍ଟରେ ପୂର୍ବରୁ କମା କରାଯାଉ, ସିଝା ଅଣ୍ଡା ନିମନ୍ତେ ଜାଳେଣି କେଉଁ ଅର୍ଥରୁ ଖର୍ଚ୍ଚ ହେବ ତାହା ସ୍ପଷ୍ଟ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

## ବିଶ୍ୱମ୍ଭର ବିଦ୍ୟାପୀଠରେ ବିଜ୍ଞାନ ପ୍ରଦର୍ଶନୀ

ପୁରୀ,୨୫।୮ (ସମିସ): ବିଶ୍ୱମ୍ଭର ବିଦ୍ୟାପୀଠରେ ଦିନିକିଆ ବିଜ୍ଞାନ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ବିଭିନ୍ନ ବିଷୟ ଉପରେ ସେମାନେ ତିଆରି କରିଥିବା ମଡେଲ, ପୋଷ୍ଟର ଓ ପ୍ରାୟୋଗିକ ପରୀକ୍ଷା ଦ୍ୱାରା ସେମାନେ ତାଙ୍କର ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା ପରିବେଶ ସୁରକ୍ଷା, ନବ ଉଦ୍ଭାବନ, ଗୃହ ବୈଦ୍ୟୁତିକ ଉପକରଣ, ଜଳ ସଞ୍ଚୟ, ଏବଂ ରୋବୋଟିକ୍ସ ଉପରେ ଆଧାରିତ ମଡେଲ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନେ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗିତ କରିଥିଲେ।



# ସମ୍ପାଦକୀୟ



ମହାକାଶ ଯାତ୍ରାର ସଫଳତା ତୁଳନାରେ ଲକ୍ଷ୍ୟ ହାସଲ ଅଧିକ ଗୁରୁତ୍ୱପୂର୍ଣ୍ଣ।
-କଳ୍ପନା ଚାୱାଲା

ସକାଳ THE SAKALA

## ନିଶା କବଳରେ ଓଡ଼ିଶା

ନିଶା ସେବନ ଯେ ମଣିଷକୁ ପଶୁରେ ପରିଣତ କରେ ତାହାର ଦୃଷ୍ଟାନ୍ତ ଅନେକ। ପାରିବାରିକ ଓ ସାମାଜିକ ଜୀବନରେ ଅପରାଧ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜଣେ ସାଧାରଣ ଲୋକ ସ୍ୱାଭାବିକ ଅବସ୍ଥାରେ ରହି ଯେଉଁ ଅପରାଧ କରିପାରିବ ନାହିଁ ନିଶାସକ୍ତ ଅବସ୍ଥାରେ ତାହା ନିର୍ବିଘ୍ନରେ ଭିଆଇ ପାରିବ। ଆମ ଜୀବନ ପ୍ରବାହରେ ସଂପର୍କ ଓ ସଂପ୍ରତି କ୍ରମେ ଦିଗହରା ହେଉଛି। ତେଣୁ ଅଚିନ୍ତନୀୟ ଓ ଅକଳନୀୟ ଅପରାଧ ସମ୍ମୁଖକୁ ଆସୁଛି। ଦିନକୁ ଦିନ ଅପରାଧ ବୃଦ୍ଧି ପାଇବା ପଛରେ ଏହି ନିଶାର କରାମତି ଅଧିକ। ବର୍ତ୍ତମାନର ନିଶା ଆଉ ମଦ, ଗଞ୍ଜେଇ ଓ ଭାଙ୍ଗରେ ସୀମିତ ନାହିଁ ଡ୍ରଗ୍ସ ପ୍ରତି ନିର୍ଭରଶୀଳତା ବୃଦ୍ଧି ପାଉଛି। ତଥାକଥିକ ଡ୍ରଗ୍ସ ବ୍ରାଉନ ସୁଗର, ହେରୋଇନ, କୋକେନ ଓ ମାରିଜୁଆନାର ମୂଲ୍ୟ ଆକାଶଛୁଆଁ ହେଇଥିଲେ ମଧ୍ୟ ତାହାର ପ୍ରସାର ଆମ ରାଜ୍ୟରେ ବଢ଼ି ଚାଲିଛି। ଏହି ଅର୍ଥ ପାଇଁ ତଥାକଥିତ ନିଶାଡ଼ି ଯେକୌଣସି ଅପରାଧ ଭିଆଇ ପାରିବ। ନିଶା ମୁକ୍ତି ପାଇଁ ପ୍ରଚଳିତ ବ୍ୟବସ୍ଥାର ସକ୍ରିୟତା ସତ୍ତ୍ୱେ କବଳିତଙ୍କୁ ବାଟକୁ ଫେରାଇ ଆଣାଯାଇ ପାରିନି। ବିଳାସପୂର୍ଣ୍ଣ ଜୀବନଧାରାକୁ ଆପଣାଇ ନେଇଥିବା ପରିବାରରେ ଏପ୍ରକାର ଡ୍ରଗ୍ସ ପ୍ରଥମେ କାୟାବିସ୍ତାର କରି ତାହା ଅନ୍ୟମାନଙ୍କୁ ସଂକ୍ରମିତ କରୁଛି। ଏକଥା ଉଲ୍ଲେଖ କରିବା ସକାଶେ ଆମ ରାଜ୍ୟରେ ଉପୁଜୁଥିବା କିଛି ଘଟଣାବଳୀ ବାଧ୍ୟବାଧକତା ସୃଷ୍ଟି କରିଛି। ନିର୍ବାଧାରେ ଗଞ୍ଜେଇ ଚାଷ ଓ ଚାଲଣ ମାଧ୍ୟମରେ ବିପୁଳ ଉପାର୍ଜନରେ ସୁଯୋଗ ସୃଷ୍ଟି ହୋଇଛି। ମାଓବାଦୀଙ୍କ ପାଇଁ ଏହା ପାଣ୍ଠି ସଂଗ୍ରହ ସୁଯୋଗ ସୃଷ୍ଟି କରିଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ମାରିଜୁଆନା ଚାଲାଣର କେନ୍ଦ୍ରସ୍ଥଳରେ ପରିଣତ ହେବା ଚିନ୍ତା ଓ ଉଦ୍‌ବେଗର ବିଷୟ।

ଭୁବନେଶ୍ୱର ବିମାନ ବନ୍ଦର ଦେଇ ଦକ୍ଷିଣପୂର୍ବ ଏସିଆରୁ ମାରିଜୁଆନା ଚାଲାଣ ହେଉଥିବା ବେଳେ ଗୁଜୁରାଟର ମୁଦ୍ରା ବନ୍ଦରକୁ ଇରାନ ଓ ଆଫଗାନିସ୍ତାନରୁ ଆସୁଥିବା ବ୍ରାଉନସୁଗର ଓ ହେରୋଇନ ସମସ୍ତଙ୍କୁ ଚକିତ କରିଛି। ଭୁବନେଶ୍ୱରରେ ଅପେକ୍ଷାକୃତ କମ କଟକଣା ଓ ଯାଞ୍ଚର ସୁଯୋଗ ନେଇ ବ୍ୟାଙ୍କକ୍ ଓ ସିଙ୍ଗାପୁରରୁ ମାରିଜୁଆନା ଆସିବା ବୃଦ୍ଧି ପାଇଛି। ଏହି ଚାଲାଣରେ ସଂପୃକ୍ତ ଥିବା ଅପରାଧ ଯେ ଓଡ଼ିଶାର ଏକଥା ନୁହେଁ। ଅନ୍ୟ ରାଜ୍ୟର ନିଶା ବେପାରୀ ଦକ୍ଷିଣ-ପୂର୍ବ ଏସିଆରୁ ଆଣୁଥିବା ମାରିଜୁଆନା ଭୁବନେଶ୍ୱର ବିମାନ ବନ୍ଦରକୁ କାହିଁକି ପସନ୍ଦ କରନ୍ତି? ତା'ର କାରଣ ହେଲା ବିନା ପ୍ରତିବନ୍ଧକରେ ଚାଲାଣର ସୁଯୋଗକୁ ନିଶାବେପାରୀ ଆପଣାଇ ନେଇଛନ୍ତି। ତେବେ ଗତ କିଛିମାସ ହେଲା କଠୋର କଟକଣା ଲାଗୁ ହୋଇଥିବାରୁ ଜଣକ ପରେ ଜଣେ ନିଶା ବେପାରୀ ଧରାପଡୁଛନ୍ତି। ହସ୍ତଗତ ହୋଇଥିବା ତଥ୍ୟରୁ ପ୍ରକାଶ ଯେ ଗତ ୬ ମାସ ମଧ୍ୟରେ ପ୍ରାୟ ୫୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଦକ୍ଷିଣ ପୂର୍ବ ଏସିଆରେ ବ୍ରାଉନ ସୁଗାର କିମ୍ବା ହିରୋଇନ ଚାଲାଣ କ୍ୱଚିତ ପରିଲକ୍ଷିତ ହୋଇଥାଏ। କାରଣ ଏହି ଡ୍ରଗ୍ସର ପେଣ୍ଠସ୍ଥଳ ହେଉଛି ଆଫଗାନିସ୍ତାନ। ତେଣୁ ସେସବୁ ଜଳପଥରେ ଭାରତ ଆସିଥାଏ। ଗତ ଶନିବାର ଦୁଇ ପଞ୍ଜାବୀ. ପ୍ରେମୀଯୁଗଳ ବ୍ୟାଙ୍କକରୁ ୪କୋଟି ଟଙ୍କାର ମାରିଜୁଆନା ନେଇ ଆସୁଥିବା ବେଳେ ବର୍ହିଶୁଳ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ବେଳେ ଧରା ପଡ଼ିଛନ୍ତି। ଗତ ଜୁଲାଇ ୨୯ ରେ ୨୫ କେଜି ମାରିଜୁଆନା ନେଇ ଆସୁଥିବା ୩ଜଣ ଯୁବକଙ୍କୁ ଏହି ବିମାନ ବନ୍ଦରରୁ ଏୟାରପୋର୍ଟ ପୁଲିସ ଜବତ କରିଥିଲା। ସେହି ଭଳି ଅଗଷ୍ଟ ୨ରେ ଦୁଇଟି ଧରପଗଡ଼ ହୋଇଥିଲା ଏବଂ ୮ କୋଟି ୧୦ କୋଟିଟଙ୍କାର ମାରିଜୁଆନା ଜବତ ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏଭଳି କ୍ରମାଗତ ଘଟଣାରୁ ସ୍ପଷ୍ଟ ହେଉଛି ଯେ କର୍ତ୍ତୃପକ୍ଷଙ୍କ ଅସାବଧାନତାର ସୁଯୋଗ ନେଇ କିଛି ଅପରାଧୀ ଖସିଯାଥିବାରୁ ତାହା ଏବେ ମଧ୍ୟ ଜାରି ରହିଛି।

ଏବେ ଆସିବା ଗୁଜୁରାଟର ମୁଦ୍ରା ବନ୍ଦର ପ୍ରସଙ୍ଗକୁ। ଦେଶର ପଶ୍ଚିମ ଉପକୂଳରେ ଏକାଧିକ ବନ୍ଦର ଥିବାବେଳେ ଡ୍ରଗ୍ସ ଚାଲାଣକାରୀ ମୁଦ୍ରା ବନ୍ଦରକୁ କାହିଁକି ପସନ୍ଦ କରନ୍ତି? କାରଣ ହେଲା, ସେହି ଏକା କଥା। ବିନା କଟକଣା ବା ଧରପଗଡ଼ରେ ଖସିଯିବାର ସୁଯୋଗ ରହୁଥିବାରୁ ଜାହାଜ କଣ୍ଟେନରରେ ଆସୁଛି ବିପୁଳ ପରିମାଣର ବ୍ରାଉନସୁଗାର ଓ ହେରୋଇନ। ଏପରିକି ଅଶୋଧିକ ଡ୍ରଗ୍ସ ମୁଦ୍ରା ବାଟ ଦେଇ ସ୍ଥଳପଥରେ ମୁମ୍ବାଇକୁ ଚାଲାଣ ହେଉଛି। ସେଠାରେ ଥିବା ବେଆଇନ କାରଖାନାରେ ଶୋଧନ କରାଯାଇ ଦେଶର ବିଭିନ୍ନ ଅଞ୍ଚଳକୁ ଚାହିଦା ଅନୁଯାୟୀ ପ୍ରେରଣ କରାଯାଉଛି। ଲୋକସଭାରେ ବିରୋଧୀଦଳ ନେତାଙ୍କ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ବନ୍ଦରରୁ ୧୯ଟି ମାମଲାରେ ୧୧,୩୧୧ କୋଟି ଟଙ୍କାର ଡ୍ରଗ୍ସ ଧରାପଡ଼ିଥିଲା। ଡ୍ରଗ୍ସ କରାବାରକୁ ନିୟନ୍ତ୍ରଣ କରିବା ସକାଶେ ରାଜ୍ୟ, କେନ୍ଦ୍ରୀୟ ଏଜେନ୍ସି ଓ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ଉପକୂଳ ବାହିନୀ ଓ ନୌସେନା ସହାୟତାରେ ନିୟମିତ ଚଢ଼ଉ ଜାରିରହିଛି। କିନ୍ତୁ ଲୋକସଭା ଉତ୍ତରରୁ ବାଦ ପଡିଥିବା ତଥ୍ୟ ହେଉଛି ୨୦୨୧ ରେ ମୁନ୍ଦଅର ବନ୍ଦରରୁ ୨୯୮୮ କିଲୋଗ୍ରାମ ହେରୋଇନ ଜବତ ହୋଇଥିଲା, ଯାହାର କି ମୂଲ୍ୟ ହେବ ୨୧,୦୦୦ କୋଟି ଟଙ୍କାରୁ ଅଧିକ। ଆଫଗାନିସ୍ତାନରୁ ଏହି ହିରୋଇନ ଇରାନ ବନ୍ଦର ଦେଇ ଭାରତକୁ ପଠାଯାଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇଛି। ଏନ୍‌ଆଇଏ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ଡ୍ରଗ୍ସ ଅର୍ଥ ବେଆଇନ ଘୋଷିତ ଲସ୍କର-ଇ-ତୋଇବାର ଅଗ୍ରଣୀ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବାର ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ପରବର୍ତ୍ତୀ ସମୟରେ ପହଲଗାମ ଆତଙ୍କବାଦୀ କାର୍ଯ୍ୟ ପଛରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇଥିଲା ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ଇଶାରେ ଗଞ୍ଜେଇ ଚାଲାଣ ବିରୋଧରେ ଜୋରଦାର ଧରପଗଡ଼ ଜାରି ରହିଛି। ଗଞ୍ଜେଇ ଚାଷକୁ ନିଷିଦ୍ଧ କରି ତୃଣମୂଳ ସ୍ତରରୁ ପଦକ୍ଷେପ ଗ୍ରହଣ କରାଗଲେ ଏହି ଧରପଗଡ଼ର କୌଣସି ଆବଶ୍ୟକତା ରହିବ ନାହିଁ। ଜଙ୍ଗଲ ଅବକାରୀ ଓ ପୁଲିସ ବିଭାଗର ସଲାସୁତୁରାରେ ଏହି ଗଞ୍ଜେଇ ଚାଷ ଏବଂ କୋଟି କୋଟି ଟଙ୍କାର କାରବାର ତଳୁ ଉପର ପର୍ଯ୍ୟନ୍ତ ଚାଲିଥିବାର ଅଭିଯୋଗ ହୁଏ। ଧରପଗଡ଼ କେବଳ ଧୂଆଁବାଣ। ଉପାନ୍ତ ଅଗମ୍ୟ ଅଞ୍ଚଳରେ ଅବଶ୍ୟ ମାଓବାଦୀଙ୍କ ପୁଞ୍ଜି ଆହରଣର ସୂତ୍ର ପାଲଟିଛି ଏହି ଗଞ୍ଜେଇଚାଷ। ଗଞ୍ଜେଇ ଉପରେ ଥିବା ନିଷେଧାଦେଶ ପ୍ରତ୍ୟାହାର ସକାଶେ ପାଶ୍ଚତ୍ୟ ରାଷ୍ଟ୍ରରେ ଜନମତ ସୃଷ୍ଟି ହେଲାଣି। ତାହାର ଔଷଧୀୟ ଗୁଣ ଓ ଅନ୍ୟାନ୍ୟ ଉପକାରିତା ପ୍ରତି ଏପର୍ଯ୍ୟନ୍ତ ସଠିକ ଧ୍ୟାନ ଦିଆଯାଇ ନାହିଁ। ଯେତେଦୂର ମନେହୁଏ ନିଷେଦ୍ଧାଦେଶ ପୃଷ୍ଠଭାଗରେ ବିପୁଳ କଳା ଅର୍ଥର କାରସାଦୀ ରହିଛି। ଏହା ଉଭୟ ଶାସନ ଓ କ୍ଷମତା କେନ୍ଦ୍ରକୁ ପ୍ରଭାବିତ କରି ରଖିଛି। ●

## ବ୍ୟାବସାୟିକ ବିବାଦରୁ ବିକଳ୍ପ ଶକ୍ତି ସମ୍ଭାବନା

**ଡ. ସନ୍ତୋଷ କୁମାର ସାହୁ**

ଅଖଣ୍ଡ ଭାରତ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ଟାରିଫ ପ୍ରହାର ଏକ ବ୍ୟାବସାୟିକ ବିବାଦ ରୂପେ ଆପାତତଃ ଜଣାପଡୁଥିଲେ ହେଁ ଏହା ସିଧାସଳଖ ଦେଶର ଶକ୍ତି ଉତ୍ସ ଉପରେ ପ୍ରହାର ଷଡ଼ଯନ୍ତ୍ର ଭାବେ ଅଭିହିତ କରାଯାଇପାରେ। ତେବେ ଭାରତର କୂଟନୀତି, ଯୋଜନାବଦ୍ଧ ରଣନୀତି, ଆତ୍ମନିର୍ଭରଶୀଳତା, ବିବିଧ ବ୍ୟବସାୟ, ଅନ୍ତର୍ଜାତୀୟ ବଜାରରେ ଭାରତର ପ୍ରମୁଖ ଭୂମିକା, ବିପୁଳ ବଜାର ଓ ଭୌଗୋଳିକ ସ୍ଥିତିକୁ ଅବଲୋକନ କଲେ ଭାରତର ସୁରକ୍ଷା ପ୍ରାଚୀର ଭେଦିବାକୁ ଆମେରିକାର ପ୍ରୟାସ ଯେ ପଣ୍ଡ ହେବ ଏଥିରେ ସନ୍ଦେହ ନାହିଁ।

୨୦୨୫, ଅଗଷ୍ଟ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ୨୫% ଶୁଳ୍କ ଲାଗୁ କଲେ। ମାତ୍ର ଛ' ଦିନ ପରେ ଆଉ ୨୫% ବଢ଼ାଇ, ମୋଟ ୫୦% ଶୁଳ୍କ ଲାଗୁ କରାଗଲା। ବାରଣ ସତ୍ତ୍ୱେ ଭାରତ ରୁଷରୁ ବିପୁଳ ପରିମାଣର ଇନ୍ଧନ କିଣୁଥିବାରୁ ଭାରତ ଉପରେ ଜୋରିମାନା ଆକାରରେ ଏହି ବର୍ଦ୍ଧିତ ଶୁଳ୍କ ଲାଗୁ କରାଯାଇଥିବା ଆମେରିକା ପକ୍ଷରୁ ସ୍ପଷ୍ଟୀକରଣରେ କୁହାଗଲା। କିନ୍ତୁ ଆମେରିକାର ଏହି ପଦକ୍ଷେପ ଭାରତ ଉପରେ କେବଳ ବ୍ୟାବସାୟିକ ଚାପ ନୁହେଁ, ଭାରତର ଶକ୍ତି ସୁରକ୍ଷାକୁ ଦୋହଲାଇ ଦେବା ପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ ପାଇଛି।

ସାମ୍ପ୍ରତିକ ସ୍ଥିତିରେ ଭାରତ ଏହାର ଅଶୋଧିତ ତୈଳ ଚାହିଦାର ୮୮.୨% ଏବଂ ପ୍ରାକୃତିକ ବାଷ୍ପର ୫୦.୮% ଆମଦାନୀ କରୁଛି। ରୁଷିଆର ଅଶୋଧିତ ତୈଳ ଉପରେ ଭାରତ ନିର୍ଭରଶୀଳତା ବୃଦ୍ଧିର ପଛରେ ତିନୋଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସାଉଦୀ ଆରବ ତୁଳନାରେ ରୁଷର ଅଶୋଧିତ ତୈଳ ଭାରତ ପାଇଁ ଶସ୍ତା ରହୁଛି। ୨୦୨୫ ମେ'ରେ ସାଉଦୀ ଆରବ ତୁଳନାରେ ରୁଷରୁ ଉତ୍ପାଦିତ ଅଶୋଧିତ ତୈଳ ବ୍ୟାରେଲ ପିଛା ୪.୫୦ଡଲାର କମ୍ ଥିଲା। ଦ୍ୱିତୀୟତଃ, ପାରମ୍ପରିକ ମଧ୍ୟପ୍ରାଚ୍ୟ ଯୋଗାଣକାରୀଠାରୁ ଦୂରେଇ ଏହାକୁ ବିବିଧିକରଣ କରିବା ଦ୍ୱାରା ୟୁରୋପୀୟ ଚାହିଦା ବିଶ୍ୱ ତୈଳ ପ୍ରବାହକୁ ପୁନଃଗଠନ କରିଛି। ଭାରତ ଅଶୋଧିତ ତୈଳ ଆମଦାନୀ କରି ଏବେ ବିଶୋଧିତ ତୈଳ ରପ୍ତାନି କରିବା ଦ୍ୱାରା ଏହା ନିଜସ୍ୱ ଚାହିଦା ମେଣ୍ଟାଇ ଶକ୍ତି ସୁରକ୍ଷା ଦିଗରେ ଏକ ବଡ଼ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୪୪.୩ ବିଲିୟନ ଡଲାର ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଜି୭ ଦେଶମାନଙ୍କୁ ଭାରତ ରପ୍ତାନି କରିଥିଲା। ତୃତୀୟ, ଭାରତର ମତରେ, ରୁଷିଆରୁ ତୈଳ କ୍ରୟ ଦ୍ୱାରା ବିଶ୍ୱ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୧୨୦/୧୩୦ ଡଲାର ଭିତରେ ସୀମିତ ରଖିଛି। ଫଳରେ ଏହାର ଦର ବୃଦ୍ଧି ହେଉନି ଏବଂ ବିଶ୍ୱ ବଜାରରେ ସ୍ଥିରତା ଆଣିଛି। ଏହି ପରିପ୍ରେକ୍ଷୀରେ ଭାରତ ରୁଷିଆର ଅଶୋଧିତ ତୈଳରୁ ଦୂରେଇବାର ଅର୍ଥ, ପ୍ରତିବର୍ଷ ୯ରୁ ୧୧ ବିଲିୟନ ଡଲାର ମୂଲ୍ୟର ଅତିରିକ୍ତ ବୋଝ ମୁଣ୍ଡାଇବା। ଏହାର ସିଧାସଳଖ ପ୍ରଭାବ ଭାରତର ବିଶୋଧନ ଶିଳ୍ପ ଉପରେ ପଡ଼ିବ।

ଅପରପକ୍ଷରେ ଆମେରିକାର ଶୁଳ୍କ ବୃଦ୍ଧି ଏବଂ ବ୍ୟବସାୟିକ ବିବାଦ ଯୋଗୁଁ ଭାରତର ଶକ୍ତି ଶିଳ୍ପ ପୁନଃ ନବୀକରଣର ଏକ ବଡ଼ ସୁଯୋଗ ଆଣିଛି। ଯୁକ୍ତରାଷ୍ଟ୍ର ସ୍ୱଚ୍ଛ ଶକ୍ତି ପ୍ରୋତ୍ସାହନ କମାଇଲେ, ୮୦ ବିଲିୟନ ଡଲାରର ବିଶ୍ୱ ବଜାର ଖୋଲିବାର ସମ୍ଭାବନା ସୃଷ୍ଟି ହେବ। ଫଳରେ ଭାରତୀୟ କମ୍ପାନିଗୁଡ଼ିକ ଏହି ସୁଯୋଗକୁ ହାତେଇପାରିବେ। ଏହାସହିତ, ୨୦୪୭ ସୁଦ୍ଧା ଭାରତର ପରମାଣୁ କ୍ଷମତାକୁ ୮.୨ ଜିଡବ୍ଲୁରୁ ୧୦୦ ଜିଡବ୍ଲୁକୁ ବଢ଼ାଇବାର ଯୋଜନା ଜୀବାଶ୍ମ ଇନ୍ଧନ ବିପଦ ବିରୋଧରେ ଏକ ରଣନୈତିକ ସୁରକ୍ଷା, ଯାହାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ଏବଂ କାର୍ବନମୁକ୍ତ ଯୋଜନାକୁ ସମର୍ଥନ ଦେବା। ସେହିପରି ଆମେରିକାର ଟାରିଫ୍ ବିବାଦ ବ୍ରିକ୍ସ ରାଷ୍ଟ୍ରମାନଙ୍କ ସହ ଭାରତର ସମ୍ପର୍କକୁ ଆହୁରି ମଜଭୁତ କରିଛି। ଏହି ରାଷ୍ଟ୍ରମାନେ ଆମେରିକାର ଟାରିଫକୁ ଡବ୍ଲୁଟିଓ ନିୟମ ଉଲ୍ଲଂଘନକାରୀ 'ଏକପାଖିଆ ଓ ବାଧ୍ୟତାମୂଳକ ପଦକ୍ଷେପ' ବୋଲି ବର୍ଣ୍ଣନା କରିଛନ୍ତି। ଏହା 'ବ୍ରିକ୍ସ ପେ' ଏବଂ ଚୀନର 'ସିଆଇପିଏସ' ପରି ବିକଳ୍ପ ଦେୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ସମ୍ଭାବନାକୁ ଉଜ୍ଜ୍ୱଳ କରିଛି।

ଏସବୁରୁ ସ୍ପଷ୍ଟ ଯେ, ସାମ୍ପ୍ରତିକ ସ୍ଥିତି ଭାରତକୁ ସ୍ୱଳ୍ପକାଳୀନ ଆର୍ଥିକ ବ୍ୟୟ ସହିତ ଦୀର୍ଘମିଆଦୀ କୌଶଳାତ୍ମକ ସ୍ୱାଧୀନତାର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଯୋଗାଣ ଶୃଙ୍ଖଳର ବିବିଧିକରଣ ଜରିଆରେ ଦେଶର ନିଜସ୍ୱ ଶକ୍ତି ଉତ୍ପାଦନରେ ବୃଦ୍ଧି ଘଟାଇବ ଏବ ପୁନଃନବୀକରଣ ଶକ୍ତିରେ ଦ୍ୱରିତ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏହି ପଦକ୍ଷେପ ଭବିଷ୍ୟତରେ ଭାରତକୁ ଶକ୍ତି ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭିତ୍ତି ସାବ୍ୟସ୍ତ ହେବ।

୨୦୨୫-୨୬ର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କଲେ ଉପରୋକ୍ତ ଯୋଜନାଭିତ୍ତିକ ଲକ୍ଷ୍ୟ ହାସଲ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିବ। ଯାହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଟାରିଫ୍ ପ୍ରଣାଳିକୁ ସରଳ କରିବା ଓ ଶୁଳ୍କ ସନ୍ତୁଳନ ରକ୍ଷା କରିବା। ଏହି ପରିବର୍ତ୍ତନ ଦେଶୀୟ ଉତ୍ପାଦ ବୃଦ୍ଧି ଓ ମୂଲ୍ୟ ସୃଷ୍ଟିକୁ ଉନ୍ନତ କରିବ, ରପ୍ତାନି ପ୍ରତିଯୋଗିତାକୁ ଗତିବାନ କରିବ, ବ୍ୟାବସାୟକୁ ସହଜ କରିବ ଓ ସାଧାରଣ ନାଗରିକଙ୍କୁ ସିଧାସଳଖ ଲାଭ ଦେବ। ୨୦୨୩-୨୪ ବଜେଟର ପଦଚିହ୍ନକୁ ଅନୁସରଣ କରି, ଶିଳ୍ପ ପଦାର୍ଥ ପାଇଁ ୭ଟି ଅତିରିକ୍ତ ଶୁଳ୍କ ହାରକୁ ବିଲୋପ କରାଯାଇଛି। ୨୦୨୫-୨୬ ବଜେଟର ଶୁଳ୍କ ନୀତିକୁ କେବଳ ଆୟ ସଂଗ୍ରହ କିମ୍ବା ସାଧାରଣ ସୁରକ୍ଷା ରୂପେ ନୁହେଁ, ବରଂ ଶିଳ୍ପ ଉନ୍ନତିର ପ୍ରୟୋଜନରେ ଏକ ସୁଦୃଢ଼ ଉପକରଣ ଭାବେ ବ୍ୟବହାର କରାଯାଇଛି, ଯାହାକି ଦେଶ ପାଇଁ ଏକ ଶୁଭ ସଙ୍କେତ।

ସେହିପରି ବୈଦ୍ୟୁତିକ ଯାନ((ଇଭି) ଗତିଶୀଳତା ଆଡ଼କୁ ଭାରତର ପରିବର୍ତ୍ତନକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ପୁଞ୍ଜିଗତ ସାମଗ୍ରୀ ଛାଡ଼ ତାଲିକାରେ ଏବେ ଇଭି ବ୍ୟାଟେରୀ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ ୩୫ଟି ଏବଂ ମୋବାଇଲ୍ ଫୋନ୍ ବ୍ୟାଟେରୀ ଉତ୍ପାଦନ ପାଇଁ ୨୮ଟି ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଘରୋଇ ଲିଥିୟମ-ଆୟନ ବ୍ୟାଟେରୀ ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି କରିବା, ଯାହା ଏହି ଦ୍ରୁତ ବିସ୍ତାରଶୀଳ ଶିଳ୍ପରେ ନିଯୁକ୍ତି ବୃଦ୍ଧିରେ ସହାୟକ ହେବ। କଞ୍ଚାମାଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର କୋବାଲ୍ଟ ପାଉଡର, ଲିଥିୟମ-ଆୟନ ବ୍ୟାଟେରୀ ଅପଚୟ ଏବଂ ସ୍କ୍ରାପ୍, ସୀସା, ଜିଙ୍କ୍ ଆଦି ୧୨ଟି ଅନ୍ୟାନ୍ୟ ପ୍ରମୁଖ ଖଣିଜ ପଦାର୍ଥ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି)କୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଏହା ଜୁଲାଇ ୨୦୨୪ରେ ୨୫ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ପୂର୍ବରୁ ଦିଆଯାଇଥିବା ଛାଡ଼ ଉପରେ ଆଧାରିତ। ଏହି ପଦକ୍ଷେପ ଘରୋଇ ଉତ୍ପାଦନ ପାଇଁ ଅତ୍ୟାବଶ୍ୟକୀୟ ସମ୍ବଳଗୁଡ଼ିକର ସ୍ଥିର ଯୋଗାଣକୁ ସୁନିଶ୍ଚିତ କରିବ। ଯ'ଦ୍ୱାରା ନିଯୁକ୍ତି ସୃଷ୍ଟି ସମ୍ଭାବନା ବୃଦ୍ଧି ପାଇବ।

୨୦୨୫-୨୬ କେନ୍ଦ୍ର ବଜେଟରେ ଆମଦାନୀ ଖର୍ଚ୍ଚ ଏବଂ ସରକାରୀ ରାଜସ୍ୱକୁ ବିସ୍ତାରିତ ଭାବରେ ପ୍ରଭାବିତ କରିବା ପାଇଁ ଏକ ଶୃଙ୍ଖଳିତ ଶୁଳ୍କ ସଂସ୍କାର ପ୍ରଚଳନ କରାଯାଇଛି। ଶିଳ୍ପ ଉତ୍ପାଦ, ଜୀବନ ରକ୍ଷାକାରୀ ଔଷଧ, ଇଭି ଓ ମୋବାଇଲ୍ ବ୍ୟାଟେରୀ ଉତ୍ପାଦନ ପାଇଁ ପୁଞ୍ଜି ସାମଗ୍ରୀ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବୟନ ଯନ୍ତ୍ରପାତି ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ଉପରେ ମୌଳିକ ସୀମା ଶୁଳ୍କ (ବିସିଡି) ହ୍ରାସ କିମ୍ବା ସମ୍ପୂର୍ଣ୍ଣ ଛାଡ଼ କରି ଆମଦାନୀ ଖର୍ଚ୍ଚ ହ୍ରାସ କରିବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅତ୍ୟାବଶ୍ୟକୀୟ ଇନପୁଟ୍‌ଗୁଡ଼ିକୁ ଅଧିକ ସୁଲଭ କରି ଘରୋଇ ଶିଳ୍ପଗୁଡ଼ିକୁ ସମର୍ଥନ କରିବ ଏବଂ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ କମ କରିବା ପାଇଁ ଏହାକୁ ବ୍ୟବସ୍ଥିତ କରାଯାଇଛି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଉତ୍ପାଦ ପାଇଁ ଏହା ସହାୟକ ହେବ।

ବର୍ତ୍ତମାନର ବର୍ଦ୍ଧିତ ଆମେରିକା ଶୁଳ୍କ ଦୃଶ୍ୟପଟରେ ଭାରତ ନିଜର ଆର୍ଥିକ ଭବିଷ୍ୟତ ପାଇଁ ଅନେକ ରଣନୈତିକ ପ୍ରାଥମିକତାକୁ ଗୁରୁତ୍ୱ ଦେଉଛି। ପ୍ରଥମତଃ, ଏକକ ବଜାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଦ୍ୱାରା ଏକ ସ୍ଥିର ବିଶ୍ୱ ଗଠନ କରିବା ପାଇଁ ବାଣିଜ୍ୟ ସହଭାଗିତାକୁ ବିବିଧ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ। ଦ୍ୱିତୀୟତଃ, ଏହା ବିଶ୍ୱ ପୁଞ୍ଜିକୁ ଆକର୍ଷିତ କରିବା ସହ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ସଂହତ କରିବା ପାଇଁ ଆଭ୍ୟନ୍ତରୀଣ ସଂସ୍କାର, ବିଶେଷକରି 'ଚୁକ୍ତି ପ୍ରବର୍ତ୍ତନ ଏବଂ ବିଦେଶୀ ନିବେଶ ଢାଞ୍ଚା'ର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି। 'ସ୍ୱଦେଶୀ' ଆତ୍ମନିର୍ଭରଶୀଳତା ପାଇଁ ଭାରତର ପ୍ରୟାସ, ନବସୃଜନ, ଗୁଣବତ୍ତା ଓ ପ୍ରତିଯୋଗିତା ଆଦି ଯୋଡ଼ି ହେଲେ ବାହ୍ୟ ଶୁଳ୍କ ଚାପକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ସ୍ପ୍ରିଙ୍ଗବୋର୍ଡରେ ପରିଣତ କରିପାରିବ। ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ବହୁପାକ୍ଷିକ ପ୍ରତିଷ୍ଠାନ ସହିତ ନିରନ୍ତର ସମ୍ପର୍କ, ଜାତୀୟ ସ୍ୱାର୍ଥକୁ ଦୃଢ଼ ଭାବରେ ରକ୍ଷା କରିବା ସହିତ ବାଣିଜ୍ୟ ବିବାଦ ପରିଚାଳନା ଏବଂ ଏକ ସ୍ଥିର ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାବଶ୍ୟକ ହେବ। ଶେଷରେ, ଦେଶର ଭୂରାଜନୈତିକ ବିଚାର ସମ୍ବଳ-ସମୃଦ୍ଧ ଅର୍ଥନୀତି, ଶକ୍ତି ଓ ସମ୍ପର୍କ, ବ୍ୟାପକ ଆର୍ଥିକ ଅଭିବୃଦ୍ଧିକୁ ବଳ ଦେବା ସହ ଏକ କ୍ରମବର୍ଦ୍ଧିଷ୍ଣୁ ଜଟିଳ ବିଶ୍ୱ ପରିବେଶରେ ଅବିଭାଜିତ ବୈଦେଶିକ ବାଣିଜ୍ୟ ରଣନୀତି ଗଠନ କରିବାରେ ଭାରତର ଭୂମିକା ଏକ ପ୍ରମୁଖ କାରଣ ହେବ। ●

(ସହାୟକ ପ୍ରାଧ୍ୟାପକ, ଅର୍ଥନୀତି, ଆଇଆଇଟି ମାଦ୍ରାସ)
ଚେନ୍ନାଇ, ମୋ: ୯୭୯୧୧୬୭୦୪୩୧

## ବହି ଖୋଲା ପରୀକ୍ଷା, ମନ ଖୋଲା ଲେଖା

**ଡ. ସୀତାକାନ୍ତ ତ୍ରିପାଠୀ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆସନ୍ତା ବର୍ଷ ନବମ ଶ୍ରେଣୀ ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ବହି ଖୋଲି ଉତ୍ତର ଲେଖିବେ ବୋଲି ନିଷ୍ପତ୍ତି ନେଇଛି। ଯାହାଫଳରେ ପିଲାମାନଙ୍କର ପରୀକ୍ଷା ପ୍ରତି ଥିବା ଭୟ ଦୂରେଇ ଯିବା ସହିତ ସେମାନଙ୍କର ବିଶ୍ଳେଷଣାତ୍ମକ, ପ୍ରୟୋଗାତ୍ମକ ତଥା ସୃଜନାତ୍ମକ ଗୁଣଗୁଡ଼ିକ ବିକଶିତ ହେବ ବୋଲି ବିଶ୍ୱାସ କରାଯାଉଛି। ସାଧାରଣତଃ ପିଲାମାନଙ୍କର ମନେ ରଖିବାର ଶକ୍ତି, ବ୍ୟାଖ୍ୟାକରଣ ସୃଜନାତ୍ମକ କଳା, କାର୍ଯ୍ୟକାରଣ ସମ୍ପର୍କର ପରିମାପ ଆଦିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ମାପଦଣ୍ଡରେ ଧାର୍ଯ୍ୟ କରିବା ହେଉଛି ପରୀକ୍ଷାର ମୂଳ ଲକ୍ଷ୍ୟ। ତେବେ ଜ୍ଞାନ ଆହରଣ କରିବାକୁ କେବଳ କାଗଜ କଲମରେ ସୀମିତ ନରଖି ତା'କୁ କେମିତି ଦୈନନ୍ଦିନ ଜୀବନ ତଥା ପରୀକ୍ଷାଗାରରେ ପ୍ରୟୋଗ କରାଯାଇ ପାରିବ ସେ ସମ୍ପର୍କିତ ଜ୍ଞାନ ଆହରଣ କରିବା ବିଶେଷ ଜରୁରୀ।

ଏସବୁକୁ ଲକ୍ଷ୍ୟ କରି ପିଲାମାନଙ୍କୁ ପରୀକ୍ଷା ସମୟରେ ବହି ଯୋଗାଇ ଦିଆଗଲେ ମଧ୍ୟ ସେଗୁଡ଼ିକରୁ ଉତ୍ତର ଖୋଜି ତା'କୁ ସଠିକ ଭାବେ ଲେଖିବା ମଧ୍ୟ ପରୀକ୍ଷାର ପ୍ରସଙ୍ଗ। ପୂର୍ବରୁ କେବଳ ଆଇନ ପରୀକ୍ଷାରେ ଏହିଭଳି ଢଙ୍ଗରେ ପରୀକ୍ଷା ହେବାର ବ୍ୟବସ୍ଥା ଥିଲେ ମଧ୍ୟ ବର୍ତ୍ତମାନ ତାହା ନବମ ଶ୍ରେଣୀରେ ପ୍ରଚଳନ ହେବା ଏକ ଆହ୍ୱାନ ବୋଲି ମନେ ହୁଏ। ପ୍ରକୃତରେ କେବଳ ମନେ ରଖିବା ବଡ଼ ନା ତତ୍ତ୍ୱ ଓ ତଥ୍ୟକୁ ବୁଝି ତା'କୁ ଠିକ୍ ସମୟରେ କାର୍ଯ୍ୟରେ ଲଗାଇବା ବଡ଼, ସେକଥା ନିର୍ଣ୍ଣୟ କରିବା କାଠିକର ପାଠ।

ଖୋଲାବହି ପରୀକ୍ଷାରେ ଅନେକ ସମସ୍ୟା ଥିବା ଭଳି ମନେହୁଏ। ପିଲାମାନେ ବହି ଦେଖିବାର ସୁଯୋଗ ଥିବାରୁ ସେମାନେ ଖାମଖିଆଲି ଭାବେ ପାଠ ପଢ଼ିବାର ଆଶଙ୍କା ରହିଛି। ବହି ଉପରେ ଭରସା କରିବା ଦ୍ୱାରା ନିଜର ମୂଲ୍ୟବାନ ସମୟ ଅପଚୟ ହେବା ସହିତ ସୃଜନଶୀଳତାକୁ ହରାଇ ବସିବାର ମଧ୍ୟ ଆଶଙ୍କା ରହିଛି। ଏହି ବ୍ୟବସ୍ଥାରେ ପିଲାମାନେ ସଠିକ ସମୟରେ ଉତ୍ତର ଲେଖି ସାରିବାର କଳା କୌଶଳକୁ ଠିକ୍ ଭାବେ ଜାଣି ନପାରନ୍ତି। ଗଣିତ, ଚିକିତ୍ସା ବିଜ୍ଞାନ, ଭାଷା, ସାହିତ୍ୟ ଆଦି ଅନେକ କ୍ଷେତ୍ରରେ ଖୋଲା ବହିର ଉପଯୋଗିତା ପ୍ରାୟତଃ ନଥାଏ। ସର୍ବୋପରି ପରୀକ୍ଷାର୍ଥୀ ଜଣକ ନିଜ ଭିତରେ ଥିବା ଧୀଶକ୍ତି ବା ମନେ ରଖିବାର କଳାକୁ ହରାଇ ଦେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କେବଳ କଳା ଓ ସାହିତ୍ୟକୁ ଛାଡ଼ିଦେଲେ ଅନ୍ୟକୌଣସି ବିଷୟରେ ମନଖୋଲା ଲେଖିବାର ସୁବିଧା ସୁଯୋଗ ନଥାଏ। କେବଳ ପୁସ୍ତକ ବିଦ୍ୟାକୁ କଣ୍ଠସ୍ଥ, କାଗଜ କଲମ କିମ୍ବା କମ୍ପ୍ୟୁଟର ମାଧ୍ୟମରେ ଉତ୍ତର ଲେଖିବା ଦ୍ୱାରା ପରୀକ୍ଷାର୍ଥୀ ମନରେ ଥିବା ଅନେକ ଉତ୍ତର, ଚିନ୍ତାଧାରା, ବିଶ୍ଳେଷଣ ଆଦି ଅବ୍ୟକ୍ତ ହୋଇ ରହିଯାଇଥାଏ।

ପ୍ରତ୍ୟେକ ମଣିଷ ମନରେ ପାଠପଢ଼ା ବ୍ୟତୀତ ଅସୁମାରୀ ଚିନ୍ତା, ଚେତନା ଓ ଭାବଧାରା ଥାଏ, ଯାହାକୁ ଆଧାର କରି ନୂତନତ୍ୱର ସନ୍ଧାନ ମିଳିପାରେ। ଚାପମୁକ୍ତ ନହୋଇ ମନ ଖୋଲା ରହିଲେ ଭୟ କମିଯାଏ ଏବଂ ପାଠ ଓ ପରୀକ୍ଷାକୁ ନିଜ ଜୀବନର ଅଙ୍ଗ ଭାବେ ଗଣନା କରିବାର ସୁଯୋଗ ମିଳିଥାଏ। ଅନ୍ୟ ପରୀକ୍ଷାର୍ଥୀମାନଙ୍କ ତୁଳନାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପିଲାଟି ବିଚାର କରିଥାଏ। ବିଦ୍ୟା କେବଳ ପରୀକ୍ଷା ଏବଂ ବହି ମଧ୍ୟରେ ସୀମିତ ନୁହେଁ ବୋଲି ପ୍ରମାଣ ମିଳିଥାଏ। ଏ ପ୍ରକାର ମାନସିକତାରୁ ନୂତନ ଚିନ୍ତା ଚେତନା ଜାଗ୍ରତ ହେବାର ଅବସର ମିଳିଥାଏ।

ସମସ୍ତେ ଜାଣନ୍ତି ସନ୍ଧ୍ୟା ହେଲେ ସୂର୍ଯ୍ୟ ଅସ୍ତ ହୁଅନ୍ତି। କିନ୍ତୁ ପୂର୍ବର ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇ ଯଦି କେହି ଜଣେ ସୂର୍ଯ୍ୟ ସ୍ଥିର, ପୃଥିବୀ ଘୁରୁଛି ବୋଲି ଚିନ୍ତା କରି କହି ନଥା'ନ୍ତେ କିମ୍ବା ଲେଖି ନଥା'ନ୍ତେ ତା'ହେଲେ ହୁଏତ ଆଜିପର୍ଯ୍ୟନ୍ତ ପୃଥିବୀ ସ୍ଥିର, ସୂର୍ଯ୍ୟ ଏହାର ଚାରିପଟେ ଘୁରୁଛି ବୋଲି ଆମେ ମାନି ନେଇଥା'ନ୍ତେ। ଚିରାଚରିତ ବିଧି, ବ୍ୟବସ୍ଥା, ଚିନ୍ତାଧାରା ଉପରେ ସମୀକ୍ଷା ଏବଂ ଏଥିରୁ ବାହାରିଯାଇ ଏକ ନୂଆ ଚେତନାର ଦିଗ୍‌ବଳୟରେ ପହଞ୍ଚିବାର ସୁବିଧା ସୁଯୋଗ ମନଖୋଲା ଲେଖାରୁ ଆରମ୍ଭ ହୁଏ। ରାଜନୀତି, ଅର୍ଥନୀତି, କଳା, ବିଜ୍ଞାନ, ଦର୍ଶନ, ତର୍କ, ଜ୍ୟୋତିଷ, ଆୟୁର୍ବେଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ମନଖୋଲା ଅନୁଭୂତିସମ୍ପନ୍ନ ଲେଖାର ଆବଶ୍ୟକତା ରହିଛି, ଯାହାକୁ ଭିତ୍ତି କରି ମଣିଷକୁ ଆଗକୁ ଯିବା ପାଇଁ ରାହା ମିଳିଥାଏ। ଆବିଷ୍କାର ଓ ଉଦ୍ଭାବନକୁ ଆହୁରି ଅଧିକ ମାତ୍ରାରେ କରିବା ପାଇଁ ମଣିଷକୁ ଏହା ଖୋରାକ ଯୋଗାଇଥାଏ।

ତେଣୁ କେତେବେଳେ ବହିଖୋଲା ପରୀକ୍ଷା ଆଉ କେତେବେଳେ ମନ ଖୋଲା ଲେଖା କରାଯାଇ ପରୀକ୍ଷାର୍ଥୀମାନଙ୍କର ମାନସିକ ଫଳାଫଳ ନିର୍ଦ୍ଧାରଣ କରାଯିବା ଦରକାର ସେ ବିଷୟରେ ବିତର୍କ ହେବାର ସମୟ ଉପଗତ। ଉଦାହରଣ ସ୍ୱରୂପ କୌଣସି ମନ୍ଦିର ସମ୍ପର୍କରେ ବର୍ଣ୍ଣନା ସମୟରେ ତା'କୁ କିଏ, କେବେ, କାହିଁକି ନିର୍ମାଣ କରିଥିଲେ ସେ ବିଷୟରେ ଆମେ ପଢ଼ିଥାଉ। କିନ୍ତୁ ଗଢ଼ିଥିବା କାରିଗର ସେସମୟର ସାମାଜିକ ସ୍ଥିତି, ରାଜନୈତିକ ପୃଷ୍ଠଭୂମି, ଆର୍ଥିକ ଅବସ୍ଥା ସମ୍ପର୍କିତ ଆଲୋଚନା ପ୍ରାୟତଃ ହୋଇ ନ ଥାଏ। ମନଖୋଲା ଲେଖା ଜିଜ୍ଞାସୁକୁ ପ୍ରଶ୍ନୀଳ କରିବାରେ ସାହାଯ୍ୟ କରିଥାଏ, ଯାହା ନୂତନ ତତ୍ତ୍ୱ ଓ ତଥ୍ୟ ପାଇଁ ପଥ ପ୍ରଦର୍ଶକ ହୋଇଥାଏ। ●

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ରଙ୍ଗ ଓ ମନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବିଭିନ୍ନ ରଙ୍ଗର ଆଲୋକ ଅଲଗା ଅଲଗା ତୀକ୍ଷ୍ଣଲମ୍ବଯୁକ୍ତ ରଶ୍ମି। ସୂର୍ଯ୍ୟକିରଣ ଆମକୁ ଗୋଟିଏ ରଙ୍ଗ ଭଳି ମନେ ହେଲେ ହେଁ ଏହା ପ୍ରକୃତରେ ସାତୋଟି ରଙ୍ଗର ସମାହାର। ଏହାର ବର୍ଣ୍ଣାଳୀରେ କ୍ଷୁଦ୍ରତମ ତରଙ୍ଗ ଲମ୍ବଯୁକ୍ତ ରଶ୍ମି ହେଲା ବାଇଗଣୀ ବା ଭାଓଲେଟ୍ ଏବଂ ବୃହତ୍ତମଟି ହେଲା ଲୋହିତ ବା ଲାଲ୍। ଭାଓଲେଟ୍‌ଠାରୁ କ୍ଷୁଦ୍ରତମ ତରଙ୍ଗ ଲମ୍ବ ବିଶିଷ୍ଟ ରଶ୍ମିକୁ ଆମେ ଅଲଟ୍ରାଭାଓଲେଟ୍ ବା ଅତିଘନ ବାଇଗଣୀ ଏବଂ ଲୋହିତ ବା ରେଡ୍‌ଠାରୁ ଅଧିକ ତରଙ୍ଗ ଲମ୍ବଯୁକ୍ତ ରଶ୍ମିକୁ ଇନଫ୍ରାରେଡ ବା ପାରଲୋହିତ ବୋଲି କହୁ। ଆମ ଆଖି ଏ ଦୁଇଟିକୁ ଦେଖି ପାରେ ନାହିଁ।

କୌଣସି ବସ୍ତୁ ଉପରେ ଆଲୋକ ପଡ଼ିଲେ ତାହା ସେଥିରୁ ପ୍ରତିଫଳିତ ହୁଏ। ଏଣୁ ଆମ ଆଖି ତାହା ଦେଖିପାରୁ। ବସ୍ତୁ ସୂର୍ଯ୍ୟକିରଣ ବା ଆଲୋକର ଯେଉଁ ରଙ୍ଗଟି ଶୋଷଣ କରି ନ ପାରେ ତାହା ଆମକୁ ସେ ରଙ୍ଗର ଦେଖାଯାଏ। ବିବିଧ ଗବେଷଣାରୁ ଜଣାପଡ଼ିଛି ଯେ ରଙ୍ଗମାନଙ୍କର ଆମ ମସ୍ତିଷ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବମାନ ରହିଛି। ତହିଁରୁ ଗୋଟିଏ ହେଲା ଯେ ଏହା ତାହାର 'ଫ୍ୟୁଜିଫର୍ମ ଗାଇରସ୍' କେନ୍ଦ୍ରକୁ ଉତ୍ତେଜିତ କରେ। ଅତଏବ ତହିଁରେ ସେରୋଟୋନିନ ନାମକ ରସାୟନରେ କ୍ଷରଣ ଘଟେ, ଯାହାକି ମାନସିକ ଅବସ୍ଥାକୁ ଉଦ୍ବେଳିତ କରିବା, କୌଣସି ବିଷୟ ପ୍ରତି ଧ୍ୟାନ ଦେବା ଏବଂ ବିବିଧ ଚୟାପଚୟ ପ୍ରକ୍ରିୟା ବୃଦ୍ଧି କରିବାରେ ସାହାଯ୍ୟ କରେ।

ବିଭିନ୍ନ ରଙ୍ଗର ପ୍ରଭାବ ଭିନ୍ନ ଭିନ୍ନ। ତାହା ଉପରେ ନିର୍ଭର କରି ସେଗୁଡ଼ିକୁ ବିବିଧ ଶ୍ରେଣୀଭୁକ୍ତ କରାଯାଛି। ଉଦାହରଣସ୍ୱରୂପ, ଲାଲ୍, ଗୋଲାପୀ, ହଳଦିଆ ଓ ନାରଙ୍ଗୀକୁ - 'ଉଷ୍ମ'; ନୀଳ, ସବୁଜ, ବାଇଗଣୀ ଓ ନୀଳ ଲୋହିତକୁ - 'ଶୀତଳ'; ଧୂସର, ଧଳା ଓ କଳାକୁ - 'କ୍ଲୀବ' ରୂପେ ନାମିତ କରାଯାଇଛି। ସେସବୁ ନିମ୍ନୋକ୍ତ ମତେ ଆମକୁ ପ୍ରଭାବିତ କରିଥା'ନ୍ତି।

ଉଷ୍ମ ରଙ୍ଗ: ଏଗୁଡ଼ିକ ଉଦ୍ଦୀପନା, ଶକ୍ତି ଓ ହୃତ୍ସ୍ପନ୍ଦନ ହାର ବୃଦ୍ଧି କରନ୍ତି ଏବଂ ସ୍ମରଣଶକ୍ତି ବୃଦ୍ଧି କରିଥା'ନ୍ତି। କିନ୍ତୁ ତାହା ଅଧିକ ତୀବ୍ର ହେଲେ ଦୁର୍ଦ୍ଦମ୍ୟ ଓ ବିରକ୍ତିକର ବୋଧ ହୋଇପାରେ।

ଶୀତଳ ରଙ୍ଗ: ଏହି ରଙ୍ଗ ସାଧାରଣତଃ ମନକୁ ହାଲୁକା କରି ତା'କୁ ପ୍ରଶାନ୍ତି ପ୍ରଦାନ କରେ ଏବଂ ମାନସିକ ଚାପ ହ୍ରାସ କରେ। ଏସବୁ କୌଣସି କାର୍ଯ୍ୟ ପ୍ରତି ଆମର ମନୋନିବେଶ କରିବା ଏବଂ ସେଥିପ୍ରତି ଧ୍ୟାନ ଦେବାରେ ସାହାଯ୍ୟ କରୁଥିବାରୁ ତାହା ଅଧ୍ୟୟନ କିମ୍ବା ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଲାଗି ପରିବେଶକୁ ଉତ୍ତମ କରେ। ତେବେ ତାହା ଅତ୍ୟଧିକ ହୋଇଗଲେ ଦୁଃଖଭାବ ଓ ଆଳସ୍ୟର କାରଣ ହୁଏ।

କ୍ଲୀବ ରଙ୍ଗ: ପରିସ୍ଥିତି ଉପରେ ନିର୍ଭର କରି ଏଗୁଡ଼ିକ ମନକୁ ଅଶାନ୍ତ କରିବା କିମ୍ବା ଦୁଶ୍ଚିନ୍ତାର ହ୍ରାସ ନତୁବା ରୁଚି ସଂପନ୍ନ କାର୍ଯ୍ୟରେ ନିବେଶ କରିବାକୁ ଦିଏ ଏବଂ ସନ୍ତୁଳିତ ପରିବେଶ ସୃଷ୍ଟି କରେ। କିନ୍ତୁ ତାହା ଅତ୍ୟଧିକ ହୋଇଗଲେ ନୀରସ ଭାବ ଉତ୍ପନ୍ନ ହୋଇପାରେ।

ବିଭିନ୍ନ ରଙ୍ଗ ପାଇଁ ଆମର ଆଗ୍ରହ ଆମ ସଂସ୍କୃତିକ ପୃଷ୍ଠଭୂମି ବ୍ୟକ୍ତିଗତ ଅନୁଭୂତି ଏବଂ ବ୍ୟକ୍ତିବିଶେଷଙ୍କ ସହିତ ସଂପୃକ୍ତି ଉପରେ ନିର୍ଭର କରେ। ନାନାଦି ପରିବେଶ ମଧ୍ୟରେ ନାନାଦି ରଙ୍ଗ ଆମକୁ ଭଲ ଲାଗିପାରେ। ଏହା ଆମ ମାନସିକ ଅବସ୍ଥା ଓ ନିଷ୍ପତ୍ତିକୁ ମଧ୍ୟ ପ୍ରଭାବିତ କରେ। ରଙ୍ଗକୁ ଏବେ ଭାବପ୍ରବଣତା ତଥା ବିବିଧ ମାନସିକ କିମ୍ବା ଶାରୀରିକ ରୋଗ ବ୍ୟାଧିର ଚିକିତ୍ସା କ୍ଷେତ୍ରରେ ନିୟୋଜିତ କରାଗଲାଣି। ବଜାରରେ କୌଣସି ଦ୍ରବ୍ୟ ଆଦୃତ ହେବାରେ ମଧ୍ୟ ରଙ୍ଗର ବିଶେଷ ଭୂମିକା ଥିବାର ଦେଖାଯାଉଛି। ଏଣୁ ଏହାକୁ ବିଜ୍ଞାପନ ପାଇଁ ବ୍ୟବହାର କରାଯାଉଛି।

ଏସବୁରୁ ରଙ୍ଗର ଆମ ମନସ୍ତତ୍ତ୍ୱ ସହିତ ଗଭୀର ସମ୍ପର୍କ ଥିବାର ସ୍ପଷ୍ଟ ପ୍ରମାଣିତ ହେଉଛି। ସେଥିପାଇଁ ଆଜିକାଲି କାର୍ଯ୍ୟାଳୟ, ବାସଗୃହ, ବିଦ୍ୟାଳୟ ଆଦିକୁ ଉପଯୁକ୍ତ ମନେ ହେଉଥିବା ବିଭିନ୍ନ ରଙ୍ଗରେ ରଞ୍ଜିତ କରାଯାଉଛି। ଏପରିକି କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ରଙ୍ଗର ପୋଷାକମାନ ପିନ୍ଧିବାକୁ ପ୍ରୋତ୍ସାହନ କରାଯାଉଛି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ବଡ଼ମ୍ବା ଏବଂ ବଲାଙ୍ଗିର ଚିନିକଳ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର,୨୫।୮ (ସମିସ): ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଉ। ବଡ଼ମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା ସହ ଗୋପାଳପୁରଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସମବାୟ (ରାଷ୍ଟ୍ର) ମନ୍ତ୍ରୀ ମୁରଲୀଧର ମୋହୋଲଙ୍କୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ଲୋକସେବା ଭବନରେ ଶ୍ରୀ ମୋହୋଲ୍ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପକ୍ଷରୁ ଏକାଧିକ ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି।



ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ସଂପର୍କରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ।

ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସମବାୟ କ୍ଷେତ୍ରରେ ହାସଲ ସଫଳତାଗୁଡ଼ିକ ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କ ସମବାୟ କ୍ଷେତ୍ର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ୍ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟଗୁଡ଼ିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଓଡ଼ିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ, କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଦୁଷ୍କର୍ମକାରୀଙ୍କୁ ଆଜୀବନ ଜେଲ୍

ବାରିପଦା, ୨୫।୮ (ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ପେଶାଲ ପୋକସୋ କୋର୍ଟରେ ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହି ମାମଲାରା ବିଚାର କରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୬୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ଅଢ଼େଇ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାକୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲେ, ଉଦଳା ଥାନା ଚଡଦା ଅଞ୍ଚଳର ସାମାୟ ମୁର୍ମୁ (୩୩) ଓ ମୋଟୁ ମୁର୍ମୁ (୩୩)।

ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୬ ତାରିଖରେ ଜଣେ ନାବାଳିକା ନିକଟସ୍ଥ ଖେଳ ପଡ଼ିଆକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ତାକୁ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପୀଡିତାଜଣଙ୍କ ସମ୍ପର୍କୀୟ ଖୁଡ଼ୀଙ୍କୁ ଏ ସଂପର୍କରେ ଜଣାଇବା ପରେ ଗ୍ରାମରେ ବୈଠକ ଡକାଯାଇଥିଲା। ମାତ୍ର ସେଥିରେ କୌଣସି ସମାଧାନ ନ ହେବାରୁ ପରିବାରଲୋକେ ୧୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ପରେ ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ୨୨ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ରାଜ୍ୟରେ ସାର ସଙ୍କଟ, କଳାବଜାରୀ ସକ୍ରିୟ

# ଚଢ଼ାଦରରେ ଚାଷୀ କିଣୁଛନ୍ତି ନକଲି ସାର

ଭୁବନେଶ୍ୱର,୨୫।୮ (ସମିସ): ସାର ପାଇଁ ସାରା ରାଜ୍ୟରେ ଭୟାବହ ସ୍ଥିତି ଉପୁଜଛି। ଅଧିକାଂଶ ଜିଲ୍ଲାରେ ଚାଷୀଙ୍କୁ ସାର ମିଳୁନି। ଏଣୁ ସୋସାଇଟି ସମ୍ମୁଖରେ ଚାଷୀ ଧାରଣା ଦେଲା ଭଳି ଦିନ ରାତି ବସୁଛନ୍ତି। ସୋସାଇଟି କର୍ମଚାରୀ ସାର ଦେବେ କଣ ଓଲଟା କବାଟ ବନ୍ଦ କରି ଦେଉଛନ୍ତି। ଅନୁଗୋଳ, ସମ୍ବଲପୁର, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ପ୍ରଭୃତି ଜିଲ୍ଲାରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଛି। ମାଲକାନଗିରିରେ ଚାଷୀମାନେ ହରତାଳକୁ ଓହ୍ଲାଇଛନ୍ତି । ଏହି ସମୟରେ ଫାଇଦା ଉଠାଉଛନ୍ତି କଳାବଜାରୀ। ଚୋରାରେ ଦୁଇଗୁଣା ଟଙ୍କାରେ ସାର ବିକ୍ରି କରୁଥିଲା ବେଳେ ଏହାମଧ୍ୟରୁ ଅଧିକାଂଶ ସାର ନକଲି ବୋଲି ଅଭିଯୋଗ ହୋଇଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିଥିଲା। ପ୍ରକୃତି ଚାଷୀଙ୍କ ପାଇଁ ମନ ଖୋଲା ବର୍ଷା କରାଉଥିଲା ବେଳେ ସରକାର ସାର ଯୋଗାଇବାରେ ହାତକୁ ଚାପି ଦେଲେ। ଏହାକୁ ନେଇ ଚାଷୀ ସଂଗଠନ ଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ବିଭିନ୍ନ ସୋସାଇଟି ପକ୍ଷରୁ ସାର ନେବା ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଛି। ଟୋକନ ପାଇ ଚାଷୀ ଦିନ ଦିନ ଧରି ଧାଡିରେ ଛିଡା ହେଉଛନ୍ତି। ରାତି ଅନିଦ୍ରା ହୋଇ ୪ ଦିନ ଧାଡ଼ିରେ ଛିଡା ହେବା ପରେ ବି ସାର ମିଳୁନି। ଯେଉଁଥିପାଇଁ ମାଲକାନଗିରି ମାଥିଲିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ। ଆଗକୁ ପରିଣାମ ଆହୁରି ଭୟାବହ ହେବ ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ସଂଗଠନ ଚେତାବନୀ ଦେଇଛି।

ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଥିଲା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି। କଳାବଜାରୀ ବ୍ୟବସାୟୀ ମାନେ ସାର ପାଇଁ ଚାଷୀଙ୍କ ଠାରୁ ମନଇଚ୍ଛା ଟଙ୍କା ନେଉଛନ୍ତି। ସମସ୍ତ ଜିଲ୍ଲାରେ ବ୍ୟବସାୟୀ ୟୁରିଆ, ଗ୍ରୋମର, ପଟାସ ଏବଂ ଡିଏପିର ଦାମ୍ ବୃଦ୍ଧି କରିଛନ୍ତି। ୟୁରିଆ ମୂଲ୍ୟ ୨୩୩ଟଙ୍କା ଥିବା ବେଳେ ୫୬୦ଟଙ୍କାରୁ ୭ଶହ ମଧ୍ୟରେ ବିକ୍ରି କରାଯାଉଛି। ରାଜ୍ୟ ସାରା ଏଭଳି କାରବାର ଚାଲିଥିଲା ବେଳେ ସରକାର ମାତ୍ର ୫୬ଜଣଙ୍କ ଡିଲରସିପ୍‌କୁ ରଦ୍ଦ କରିଛନ୍ତି ।

ଅନ୍ୟପକ୍ଷରେ ସାର ଅଭାବୀ ସମୟରେ ବଜାରରେ ନକଲି ସାରକୁ ନେଇ ଚାଷୀମାନେ ଭୟଭୀତ ଅଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହରରେ ନକଲି ପଟାସ ସାର ମିଳୁଛି। ବାଲିରେ ରଙ୍ଗ ମିଶାଇ ଏଭଳି ନକଲି ପଟାସ ପ୍ରସ୍ତୁତ କରାଯାଉଛି। ଏହି ସାରକୁ ବିଲରେ ପକାଇଲା ବେଳକୁ ରଙ୍ଗ ପାଣିରେ ଭାସୁଛି କେବଳ ବାଲି ରହିଯାଉଛି ବୋଲି ଅଭିଯୋଗ ହେଉଛି। ମାତ୍ର ପ୍ରଶାସନ ଏଭଳି ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# ଖୁଦ ବୋଝେଇ ଟ୍ରକ୍‌ରେ ୧ କୋଟିର ଗଞ୍ଜେଇ

ବଲାଙ୍ଗିର/ତୁଷୁରା, ୨୫।୮ (ସମିସ): ତୁଷୁରା-ଗୁଡଭେଲା ରାସ୍ତା ତେନ୍ତୁଳିଖୁଣ୍ଟି କଲେଜ ନିକଟରୁ ତୁଷୁରା ଥାନା ପୁଲିସ୍ ଆଜି ଏକ ଖୁଦ ବୋଝେଇ ଗାଡ଼ିରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଏହି ଗଞ୍ଜେଇ ବୌଦ୍ଧରୁ ଛତିଶଗଡ଼ ଚାଲାଣ ହେଉଥିଲା ବୋଲି ପୁଲିସ୍ କହିଛି। ଉକ୍ତ ଗାଡ଼ିରୁ ଶହେ ବସ୍ତା ଖୁଦ ଚାଉଳ ମଧ୍ୟ ଜବତ ହୋଇଛି।



ସୂଚନାନୁସାରେ, ଏକ ମିନିଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ତୁଷୁରା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ତେଣୁ ଗାଡ଼ିକୁ ଧରିବା ପାଇଁ ପୁଲିସର ଏକ ଟିମ୍ ତୁଷୁରା-ଗୁଡଭେଲା ରାସ୍ତାର ତେନ୍ତୁଳିଖୁଣ୍ଟି କଲେଜ ନିକଟରେ ଛକି ବସିଥିଲେ। ସେହି ସମୟରେ ଏକ ମିନିଟ୍ରକ୍‌କୁ ଦେଖି ସନ୍ଦେହ ହେବାରୁ ପୁଲିସ ତାକୁ ଅଟକାଇଥିଲା। ଯାଞ୍ଚ କରିବାରୁ ପ୍ରଥମେ ପୁଲିସ୍‌କୁ ସେମିତି କିଛି ମିଳିନଥିଲା। ଆଗରେ ଖୁଦ ବୋଝେଇ ବସ୍ତା ଥିବାରୁ ପୁଲିସ୍ ନିରାଶ ହୋଇଥିଲା। କିନ୍ତୁ କିଛି ବସ୍ତା ଖୁଦ ବାହାର କରିବା ପରେ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ ଚାଳକଜଣଙ୍କ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବାରୁ ତାହା ୧୧ କ୍ୱିଣ୍ଟାଲ ବୋଲି ଜଣାପଡ଼ିଥିଲା। ଏହାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ମନୋଜ ପଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ଲୋଇସିଂହା ପୁଲିସ ରାଜପଥରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ଉ କରି ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା।

**ବୌଦ୍ଧରୁ ଛତିଶଗଡ଼ ହେଉଥିଲା ଚାଲାଣ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ବନ୍ୟା...

ବର୍ତ୍ତମାନ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଗେଟ୍ ଓ ରାଜଘାଟଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାସହିତ ବୈତରଣୀ ମଧ୍ୟ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତର ଓଡ଼ିଶାର ଅଧିକ ଅଞ୍ଚଳରେ ବର୍ତ୍ତମାନ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯାଜପୁରଠାରୁ ଆରମ୍ଭ କରି ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଆଖୁଆପଦାରେ ବୈତରଣୀ ଓ ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ଅଛି। ଆସନ୍ତାକାଲି ବିପଦ ସଂକେତ ତଳକୁ ଖସିବାର ଆଶା କରାଯାଉଛି। ହେଲେ ଜାମସୋଲା ଘାଟରେ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢିବ। ଯାଜପୁର ଦଶରଥପୁର ନିକଟରେ କାଣୀ ନଦୀରେ ଘାଇ ହୋଇଛି। ପାଣି କମିଲେ ମରାମତି କାମ ଆରମ୍ଭ ହେବ। ହୀରାକୁଦର ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରୁ ୨.୧୧ ଲକ୍ଷ କ୍ୟୁସକ ଜଳ ପ୍ରବେଶ କରୁଥିବା ବେଳେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରେଙ୍ଗାଲିରେ ୯୩ ପ୍ରତିଶତ ପାଣି ଭରିବାରୁ ଡ୍ୟାମ ଉପରେ ନଜର ରହିଛି। ସେଠାରେ ଦୁଇଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ ରେଙ୍ଗାଲିର ଆଉ ଏକ ଗେଟ ଖୋଲା ହେବ। ମୁଣ୍ଡଳୀରେ ୧.୮୪ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି। ବୈତରଣୀ ଯୋଗୁଁ ଯାଜପୁର, ଦଶରଥପୁର ଓ ଭଦ୍ରକ ଜିଲ୍ଲାର ଧାମନଗର ପ୍ରଭାବିତ ହୋଇଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଅଗଷ୍ଟ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବ। ଏଥିପାଇଁ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ରାୟଗଡା, କନ୍ଧମାଳ,ଗଜପତି ଓ ନୟାଗଡ଼ ଜିଲ୍ଲାରେ ବର୍ଷା ପବନ ପ୍ରଭାବରେ ଫସଲକୁ କ୍ଷତି ପହଞ୍ଚାଇପାରେ। ମାଟିକାନ୍ଥ କ୍ଷତିଗ୍ରସ୍ତ ହୋଇପାରେ। ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନର ସାମାନ୍ୟ କ୍ଷତି, କଚ୍ଚା ରାସ୍ତା କ୍ଷତି ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

### କାଣୀ ନଦୀରେ...

ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ବୈତରଣୀ ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୩ଟି ଓ ଯାଜପୁର ବ୍ଲକର ୧ଟି ରିଲିଫ ସେଣ୍ଟର୍ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ସହିତ ୨ଟି ମେଡିକାଲ ଟିମ୍ ଓ ୯ଟି ଭେଟେରୀନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ୍ ଓ ଗୋଟିଏ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ବିଜେପି ନେତା ଗୌତମ ରାୟ ପ୍ରମୁଖ ପହଞ୍ଚି ବନ୍ୟା ବିପନ୍ନମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

### ନବୀନଙ୍କୁ ଭେଟିଲେ...

ଅବଗତ କରାଇଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିଲା ବୋଲି ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

### ଓଡ଼ିଶା ହେବ ଦେଶର...

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁସାରେ ଓଡ଼ିଶା ଆଇଟି ନୀତି ୨୦୨୫ ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ। ଏଥିରେ ଆଇଟି/ଆଇଟିଇଏସ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା ହୋଇଛି। ନିବେଶ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବସିଡି, ଜମି ଏବଂ ଭଡା ସହାୟତା ଏବଂ ଏସଜିଏସଟି ପୁନଃପୈଠ ଭଳି ବ୍ୟବସାୟ ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ସେହିପରି ଅତିରିକ୍ତ ସୁବିଧା ଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଉତ୍କର୍ଷ କେନ୍ଦ୍ର, କୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ପ୍ରୋତ୍ସାହନ ଆଦି ରହିଛି। ଏହି ନୀତିର କାର୍ଯ୍ୟକାରିତା ପାଇଁ ଏକ ପଲିସି ଆଡଭାଇଜରୀ ଏବଂ ଭିଜନ ଗ୍ରୁପ କାର୍ଯ୍ୟ କରିବ ।

ସେହିପରି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍) ଏହାର ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କପିବ ଏବଂ ଇ ଆଣ୍ଡ ଆଇଟି ବିଭାଗ ଏହାର ନିୟମିତ ସମୀକ୍ଷା କରିବ। ଅନ୍ୟପକ୍ଷରେ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ରେ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା (ଇସିଏମଏସ) ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ଏହାର ପ୍ରମୁଖ ଲକ୍ଷ୍ୟ । ନିବେଶକମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ପୁଞ୍ଜି ସବସିଡି କିମ୍ବା ଟର୍ଣ୍ଣଓଭର ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡି ଦ୍ୱାରା ପରିପୂରକ ସବସିଡି ମଧ୍ୟରୁ ଗୋଟିଏ ଚୟନ କରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡା ସହାୟତା, ବିଦ୍ୟୁତ୍ ଶୁଳ୍କରେ ୧୦ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯିବ, ଯାହା ପ୍ରକଳ୍ପ ନିବେଶର ୭୫ ପ୍ରତିଶତ ମଧ୍ୟରେ ସୀମିତ ରହିବ। ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଧ୍ୟ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଅପରପକ୍ଷରେ ରାଜ୍ୟ ଲୋକସେବା ଆୟୋଗରେ ୩ ଜଣ ସଦସ୍ୟ ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଓ ମନୋଜ କୁମାର ମହାନ୍ତିଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ କରିଛି।

## ସାର ଯୋଗାଇବାରେ ସରକାର ବିଫଳ

# ରାଜରାସ୍ତାରେ ଚାଷୀଙ୍କ ପ୍ରତିବାଦ

ମାଲକାନଗିରି, ୨୫।୮ (ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଚାଷୀଙ୍କ ମୁଣ୍ଡରେ ସାର ପାଇଁ ଚଡ଼କ ପଡ଼ିଛି। ଚାଷ କାର୍ଯ୍ୟ ଚାଲୁଥିବା ବେଳେ ୟୁରିୟା ସାର ପାଇଁ ଚାଷୀ ବ୍ୟାକୁଳ ହୋଇପଡ଼ିଛି। ସାର ଯୋଗାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କର ହୋଇଥିବା ବେଳେ ଚାଷୀଙ୍କୁ ସଠିକ ପରିମାଣର ସାର ମିଳୁନି। ତେଣୁ ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ସାର ମିଳୁ ନ ଥିବାରୁ ରାଜରାସ୍ତାକୁ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଚାଷୀ। ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଜିଲ୍ଲାରେ ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଚାଷୀ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆଜି ମାଲକାନଗିରି ସଦର ବ୍ଲକ୍ ଅନ୍ତର୍ଗତ ଶିଖପାଲି ଛକରେ ରାସ୍ତାରୋକ କରାଯାଇଥିଲା। ଶତାଧିକ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ହୋଇ ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ କରିବାରୁ ମାଲକାନଗିରିଠାରୁ ମୋଟୁକୁ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟାତ ବନ୍ଦ ହୋଇଯାଇଥିଲା। ସଂଗଠନର ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ଶିଖପାଲୀ, ଗୋରାଖୁଣ୍ଟା, ତଣ୍ଡାପାଲି, ମାଟାପେକା, ବଦଲି, ମାଦ୍ଧାପାଲୀ, ଚାଲାଣଗୁଡା, ତଣ୍ଡିକି ଭଳି ମୋଟ ୮ଟି ପଞ୍ଚାୟତର ୧ ହଜାରରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଏହି ବିକ୍ଷୋଭ କରିଥିଲେ। ଚାଷୀଙ୍କୁ ରିହାତି ମୂଲ୍ୟରେ ତୁରନ୍ତ ଆବଶ୍ୟକ ପରିମାଣର ସାର ଯୋଗାଇ ଦେବା ପାଇଁ ଦାବି କରି ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଷୀ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ, ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ଅନ୍ୟାନ୍ୟ ଅଧିକାରୀ ପହଞ୍ଚି ଚାଷୀମାନଙ୍କୁ ବୁଝାଇ ଆସନ୍ତା ୧୦ ଦିନ ମଧ୍ୟରେ ସାର ସମସ୍ୟାକୁ ଦୂର କରାଯିବ ଓ ସମସ୍ତ ଚାଷୀଙ୍କୁ ସାର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଭଳି ଚିତ୍ର ଜିଲ୍ଲାରେ ନିତିଦିନିଆ ହୋଇଥିବା ବେଳେ ପୂର୍ବରୁ କାଲିମେଳା, ପଡିଆ, ମାଥିଲି, କୋରକୁଣ୍ଡା, ଖଇରପୁଟ ଭଳି ବିଭିନ୍ନ ସ୍ଥାନରେ ୟୁରିଆ ସାରର ଘୋର ଅଭାବ ଯୋଗୁଁ ଚାଷୀ ହତାଶ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଲ୍ୟାମ୍ପ୍‌ସ ଓ ସାର ଦୋକାନ ସମ୍ମୁଖରେ ଶହଶହ ଚାଷୀ ସାର ପାଇଁ ଖରା ବର୍ଷାରେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି। ତେବେ ସରକାର ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନନେଲେ, ଆଗାମୀ ଦିନରେ ସ୍ଥିତି ଅଣାୟତ୍ତ ହୋଇପଡ଼ିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ଜାତୀୟ ଶିକ୍ଷକ ପୁରସ୍କାର ପାଇବେ ଓଡ଼ିଶାର ୨ ଶିକ୍ଷକ

ଭୁବନେଶ୍ୱର, ୨୫।୮ (ସମିସ): ଓଡ଼ିଶାର ଦୁଇଜଣ ଶିକ୍ଷକ 'ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫' ପାଇବା ପାଇଁ ମନୋନୀତ ହୋଇଛନ୍ତି। କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶ ଓ ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ଏହି ପୁରସ୍କାର ପାଇବେ। ଗୁରୁଦିବସ ତଥା ସେପ୍ଟେମ୍ବର ୫ ତାରିଖରେ ନୂଆଦିଲ୍ଲୀରେ ରାଷ୍ଟ୍ରପତି ସେମାନଙ୍କୁ ପୁରସ୍କୃତ କରିବେ। ଦେଶର ମୋଟ୍ ୪୫ଜଣ ଶିକ୍ଷକ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟପକ୍ଷରୁ କରାଯାଇଥିବା ଚୟନ ପ୍ରକ୍ରିୟାରେ ୫ଜଣ ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷକ ରହିଛନ୍ତି। ମନୋନୀତ ଶିକ୍ଷକଙ୍କୁ ପ୍ରମାଣପତ୍ର ସହିତ ୫୦ହଜାର ଟଙ୍କା ଏବଂ ରୌପ୍ୟ ପଦକ ପ୍ରଦାନ କରାଯିବ।

GOVT. OF ODISHA
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
O-653
e-mail ID :- eerwrairangpur@yahoo.com
" e " procurement notice for Building works
Bid Identification No- RWDRRP-07 of 2025-26

1. Name of the work : Maintenance of building & periodical maintenance for the year 2025-26
2. Estimate Cost : Rs.1.68 lakhs 8.40 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-07/2025-26 | 27.08.2025 at 11.00 A.M. | 08.09.2025 Up to 5.00 P.M. | 06.09.2025 Up to 5.00 P.M. | 09.09.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR-25107/11/0027/2526

**Notice**
**(Above 18 years of age)**
By Virtue of an Affidavite sworn before the Notary Public, Udala, Mayurbhnaj, dated 25-08-2025 I, Samita Behera, Address At-Murali, Po- Kamali, Ps- Khunta, Dist- Mayurbhanj, Pin- 757075 declare that I have changed my name Sasmita Behera to Samita Behera. Henceforth I shall be known as Samita Behera for all purposes.
Samita Behera

**AFFIDAVIT**
I, Sujit Kumar Prashad S/o Late Shiv Kumar Prasad, Resident of At-New Colony, Weigh Bridge Road, PO/PS-Barbil, Dist-Keonjhar, PIN-758035, Odisha declare by this affidavit No.4666 dtd 22.08.2025 that now onwards I shall be known as **SUJIT KUMAR PRASAD** for all future purposes

**AFFIDAVIT**
By virtue of an affidavit sworn before Smt. Suchitra Majhi, O.R.S., Executive Magistrate, Puri, dated 11.8.20 25 I AKSHAYA KUMAR NAYAK, of Vill. Khandiabandha, P.O. Gopinathpur P.S.Puri sadar, Dist. Puri, Odisha-75 200 2 declare that, I have changed my name from AKHAYA NAYAK to AKSHAYA KUMAR NAYAK. Henceforth, I shall be known as **AKSHAYA KUMAR NAYAK** for all purposes.

**AFFIDAVIT**
I, Rahul Behera, aged about 22 years, S/o.: Shri Sagar Kumar Behera, PAN-GEAPB3558C and AADHAR- 242145571804, Resident of Flat No.: B-203, Satyam Tower, Bomikhal, Bhubaneswar, Dist.: Khurda, PIN-751010 declare by this affidavit No.: 21677, dated: 02.08.2025 that now onwards I shall be known as Rahul Behera instead of **Rahul Sagar Behera** for all future purposes.

**AFFIDAVIT**
I, Akshaya Kumar Behera S/o Late Kanhu Charan Behera, Resident of At-Manalapur, PO-Dehudianandapur, Via / PS - Dhamnagar, Dist- Bhadrak, PIN-755006, Odisha declare by this affidavit No.8223 dtd 22.08.2025 that now onwards I shall be known as **AKSHAYA BEHERA** for all future purposes.

**AFFIDAVIT**
By virtue of an affidavit sworn before Smt.Suchitra Majhi 0.A.S., Executive Magistrate, Puri, dated 20.08.20 25 I, BHIMA BHARIA, At: Uttaresarapada, 2.0. Birahare krushnapur, P.S.Puri Sadar, Dist. Puri, Odisha-752002, declare that I have changed my name from INDRAMANI BHARIA to BHIMA BHARIA. Henceforth, I shall be known as **BHIMA BHARIA** for all purposes.

**AFFIDAVIT**
By virtue of an affidavit before Executive Magistrate, Khordha I Rukuni Pattanaik W/o-Amiya Kumar Pattanaik At/Po-Bankoi, PS-Bolagarh, Dist- Khordha instead of Rukmini Pattanaik vide Affidavit No. 2205/ Dt.25.08.2025. Henceforth I shall be known as **Rukuni Pattanaik** for all purposes.

**AFFIDAVIT**
By virtue of an Affidavit Sworn Before THE EXECUTIVE MAGISTRATE, Brahmagiri DIST,Puri , Dated 21/08/2025 I Sarat Jena, Address Vill-Po - Chapamanik, Ps.: Brahmagiri, Dist.: Puri, Odisha, Pin-752011 declare that I have changed my son's name from Sabyasachi Jena (old name) to Aryan Jena, (new name). Henceforth, he shall be known as ARYAN JENA (new name) for all purposes.
Sarat Jena

**AFFIDAVIT**
I, SHUSHILA BEHERA, resident of Vill. At-Rambha Bangala Road, PO /PS.- Rambha, Dist-Ganjam, State- Odisha, Pin- 761028 declare by this affidavit No- A/5, Dated 07/08/2025, that now onwards I shall be known as SUSILA BEHERA for all future purposes.

**AFFIDAVIT**
I, Gajendra Pentohi, aged about 55 years, S/o-Parshuram Penthoi, resident of At-Narasinghpur, Dist-Nayagarh, Odisha, Pin-752026 declared by this affidavit No. 1738, dtd-25/08/2025 that now onwards I shall be known as **GAJENDRA PENTHOI** for all future purposes.

**ଲିଙ୍ଗରାଜ ପ୍ରସାଦ ଗୋଷ୍ଠୀ ସଂଘର୍ଷ ଘଟଣା**

# ଗାଁ କମିଟି ସଭାପତି ହାଜତକୁ ଗଲେ

ଓଡ଼ଗାଁ,୨୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ପଞ୍ଚାୟତ ଲିଙ୍ଗରାଜ ପ୍ରସାଦ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ଗୋଟିଏ ଗୋଷ୍ଠୀର ୫ଜଣ ଆହାତ ହୋଇଥିବା ବେଳେ ଅନ୍ୟ ଗୋଷ୍ଠୀର ୧୨ ଜଣଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କ ମଧ୍ୟରୁ ଜୀବନରେ ମାରିବାକୁ ଉଦ୍ୟମ ଅଭିଯୋଗରେ ଗାଁ ପରିଚାଳନା କମିଟି ସଭାପତି ପ୍ରଫୁଲ ମହାନ୍ତିଙ୍କୁ ଓଡ଼ଗାଁ ପୁଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ଗ୍ରାମ୍ୟ ପୁଷ୍କରିଣୀ ଏବଂ ରାସ୍ତାକୁ ନେଇ ଦୀର୍ଘ ୫ବର୍ଷ ଧରି ଗ୍ରାମ୍ୟ ବିବାଦ ଲାଗିଥିବା ବେଳେ କୁରାଳ ସରପଞ୍ଚ ଏବଂ କିଛି ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ରବିବାର ଅପରାହ୍ନରେ ଗ୍ରାମର ଉଭୟ ଗୋଷ୍ଠୀଙ୍କ ଉପସ୍ଥିତିରେ ବିବାଦର ସମାଧାନ ପାଇଁ ବସିଥିଲେ। ଆଲୋଚନା ବେଳେ ଗୋଟିଏ ଗୋଷ୍ଠୀର ରମେଶ ମହାନ୍ତି, ଲୋଚନ ସିଂ ସହିତ ଉକ୍ତ ଗୋଷ୍ଠୀର ଅନ୍ୟ ୧୦ ଜଣ ହଠାତ୍ ଉତ୍ତ୍ୟକ୍ତ ହୋଇ ପଡ଼ି ସଭାସ୍ଥଳ ଛାଡି ଚାଲିଯାଇଥିଲେ। ହାତରେ ମାରଣାସ୍ତ୍ର ଧରି ଅନ୍ୟ ଗୋଷ୍ଠୀକୁ ଆକ୍ରମଣ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଫଳରେ ପଞ୍ଚାନନ ସିଂ, ତାଙ୍କ ସ୍ତ୍ରୀ ସୁନିତା ସିଂ, ସୌମ୍ୟରଞ୍ଜନ ସିଂ, ତୋଫାନ ସିଂ, ସାଧୁ ସିଂଙ୍କ ଗୋଷ୍ଠୀରୁ ୫ଜଣ ଆହତ ହୋଇଥିଲେ। ସେମାନଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ଚିକିତ୍ସା ପରେ ଗୋଟିଏ ଗୋଷ୍ଠୀ ତରଫରୁ ପଞ୍ଚାନନ ସିଂ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଅନ୍ୟ ଗୋଷ୍ଠୀ ପକ୍ଷରୁ ମଧ ଅଭିଯୋଗ ହୋଇଥିଲା। ପୁଲିସ ୨୬୧ ଏବଂ ୨୬୨/୨୦୨୫ରେ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସୂଚନା ଥାଉକି ଗୋଟିଏ ପକ୍ଷର ଅଭିଯୋଗକାରି ପଞ୍ଚାନନ ସିଂ ଦୀର୍ଘ ଦିନ ଧରି ଗାଁରୁ ବାସନ୍ଦ ରହିଛନ୍ତି।

# ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଦାୟିତ୍ୱ ନେଲେ ଶିକ୍ଷକ ଦମ୍ପତି



ଓଡ଼ଗାଁ,୨୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକର ଶିକ୍ଷକ ଦମ୍ପତି ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ, ଆରତୀ ସାହୁ ରୋହିବାଙ୍କ ପଞ୍ଚାୟତ ରୋହିବାଙ୍କ ଅଞ୍ଚଳରେ ରହି ଆସୁଥିବା ମାଟିଆ କେଳା ମଙ୍କୁ ଆଦିବାସୀ ସଂପ୍ରଦାୟର ୫ ଜଣ ପିଲାଙ୍କ ସମସ୍ତ ଶିକ୍ଷା ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି। ତେବେ ଏନେଇ ସେ କୌଣସି ସରକାରୀ ଅନୁମତି ବିନା ବର୍ଷେ କି ଦୁଇ ବର୍ଷ ନୁହେଁ ୧୮ ବର୍ଷ ହେଲା ପର୍ଯ୍ୟନ୍ତ ସେମାନଙ୍କର ସମସ୍ତ ପାଠ୍ୟ ଉପକରଣ, ପୋଷାକ, ଟ୍ୟୁସନ ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି। ଆଜି ଶିକ୍ଷକ ଦମ୍ପତି ସେମାନଙ୍କ ବାସସ୍ଥଳିକୁ ଯାଇ ଖାତା, ପେନ, ପେନ୍‌ସିଲ ସହିତ ଖାଦ୍ୟଦ୍ରବ୍ୟ ହିସାବରେ ଅଣ୍ଡା, ବିସ୍କୁଟ, ଫଳ ପ୍ରଦାନ କରି ଭଲମନ୍ଦ ପଚାରି ବୁଝିଥିଲେ। ଶିକ୍ଷକ ଦମ୍ପତିଙ୍କ ଦ୍ୱାରା ଦାୟିତ୍ୱ ଗ୍ରହଣ କରିଥିବା ପିଲାମାନେ ହେଲେ କୃଷ୍ଣ ପ୍ରଧାନ, ବର୍ଷା ପ୍ରଧାନ, ସୁମିତ୍ରା ପ୍ରଧାନ, ବାବୁ ପ୍ରଧାନ, ପୂଜା ପ୍ରଧାନ। ସୂଚନା ଥାଉକି ଥାଉକି ଏହି ପିଲାମାନଙ୍କ ପିତା ମାତା କେବଳ ପର୍ବପର୍ବାଣୀ ମାନଙ୍କରେ ମାଟି ଭିତରେ ନିଜର ମୁଣ୍ଡ ପୋତି ଦୀର୍ଘ ସମୟ ପର୍ଯ୍ୟନ୍ତ ରହି ଖେଳ ପ୍ରଦର୍ଶନ କରନ୍ତି। ଅନ୍ୟ ସମୟରେ ଜଙ୍ଗଲକୁ ଯାଇ ଓ ହାତପତେଇ କଷ୍ଟେମଷ୍ଟେ ଜୀବନ ନିର୍ବାହ କରିଥାନ୍ତି।

# ଇଟାମାଟିକୁ ଏନ୍‌ଏସି ମାନ୍ୟତା ଦାବି

ନୟାଗଡ଼,୨୫।୮ (ସମିସ): ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ଇଟାମାଟି ଏକ ବୃହତ ଗ୍ରାମ। ଏହି ଗ୍ରାମରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ନୟାଗଡ଼ ସହରଠାରୁ ମାତ୍ର ୫ଟି କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ ତଥା ଗ୍ରାମ ପଞ୍ଚାୟତ ବ୍ୟବସାୟୀକ ଦୃଷ୍ଟି କୋଣରୁ ବହୁ ଗୁରୁତ୍ୱ ବହନ କରେ। ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ପାଶ୍ୱର୍ରେ ରହିଥିବା ଏହି ସ୍ଥାନ ଏନ୍‌ଏସି ମାନ୍ୟତା ପାଇଁ ସବୁ ପ୍ରକାର ଯୋଗ୍ୟତା ବହନ କରୁଛି। ଯାହାକୁ ନେଇ ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ସଭାପତି ଓ ସମ୍ପାଦକ ଏନ୍‌ଏସି ମାନ୍ୟତା ପାଇଁ ଦାବି କରିଛନ୍ତି। ଆଶୁକବି ଉତ୍କଳଘଣ୍ଟ ଯଦୁମଣିଙ୍କ ମାଟି ଇଟାମାଟି। ନୟାଗଡ଼ ଜିଲ୍ଲା ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ। ସ୍ଥାନୀୟ ପ୍ରାୟ ୧୫ଟି ପଞ୍ଚାୟତ ବିଭିନ୍ନ ଆବଶ୍ୟକତା ପାଇଁ ଉକ୍ତ ପଞ୍ଚାୟତ ଉପରେ ନିର୍ଭରଶୀଳ। ୪ଟି ବ୍ୟାଙ୍କ ଶାଖା, ଦୁଇଟି ମହାବିଦ୍ୟାଳୟ, ୪ଟି ଉଚ୍ଚ ବିଦ୍ୟାଳୟ, ୬ଟି ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିପୁଷ୍ଟ ଏ ପଞ୍ଚାୟତ। ଦୁଇଟି ଡାକ୍ତରଖାନା ଓ ଗୋଟିଏ ଥାନା ଏଠାରେ ଅଛି। ଗମନାଗମନ ଦୃଷ୍ଟିରୁ ଜାତୀୟ ରାଜପଥ ପାଶ୍ୱର୍ରେ ଅବସ୍ଥିତ ଏକ ପଞ୍ଚାୟତ। ଦୁଃଖ ଓ ପରିତାପର ବିଷୟ ଏ ପଞ୍ଚାୟତ ଆଜି ପର୍ଯ୍ୟନ୍ତ ବିଜ୍ଞାପିତ ପରିଷଦ ଭାବେ ପରିଗଣିତ ହୋଇପାରିନାହିଁ। ଏଥିପାଇଁ ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଇଟାମାଟିକୁ ଏନଏସି କରିବା ପାଇଁ ଦାବି କରାଯାଇଛି। ଇଟାମାଟିକୁ ଏନଏସି କରିବା ପାଇଁ ସରକାରୀ ସ୍ତରରେ ସ୍ଥିର କରାଗଲେ ଜନସାଧାରଣ ଉପକୃତ ହେବେ। ଦାବି ପୂରଣ ନହେଲେ ଜନ ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ ବୋଲି ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ସଭାପତି ସାୱରମଲ୍ ଅଗ୍ରୱାଲ ଓ ସଂପାଦକ ଡ. ରଙ୍ଗନାଥ ବେହେରା ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଦଶପଲ୍ଲା,୨୫।୮ (ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଆଜି ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା ୧୨୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୬୩ଟି ରହିଥିବା ବେଳେ ଗ୍ରାମ ସମସ୍ୟା ୧୭ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ପର୍କିତ ୬ଟି ଏବଂ ୪୯ଟି ମାମଲାକୁ ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି। ଏହି ଶିବିରରେ ଆବାସ, ଭତ୍ତା ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ସମ୍ପର୍କିତ ଅନେକ ଅଭିଯୋଗ ସାମ୍ନାକୁ ଆସିଥିବା ଜଣାପଡ଼ିଛି।

**ନୟାଗଡ଼ ପୌର ପରିଷଦ**

# ଗାଈ ଫେରାଇବାକୁ ଭିତିରିଆ ବୁଝାମଣା

ନୟାଗଡ଼,୨୫।୮ (ସମିସ)

ନୟାଗଡ଼ ପୌର ପରିଷଦରେ ଘଡ଼ିକେ ଘୋଡ଼ା ଛୁଟୁଛି। ସରକାରୀ ଅର୍ଥକୁ ଅପବ୍ୟୟ କରାଯାଇ ପକେଇବା ଛେପକୁ ପୁଣି ଠୋକା ଯାଉଛି। ପୌରନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ନାଁ କର୍ମଚାରୀଙ୍କ ଭିତିରିଆ କାରବାର ଏଭଳି କାର୍ଯ୍ୟକୁ ଆଗକୁ ନେଉଛି, ତାହା ବୁଝାପଡୁନାହିଁ। ଗତ ମାସରେ ନୟାଗଡ଼ ପୌର ପରିଷଦ ପକ୍ଷରୁ ସହର ମଧ୍ୟରେ ଟ୍ରାଫିକ ଜାମ କରୁଥିବା ଅନେକ ବୁଲା ଗାଈ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଗାଈ ଗୋରୁଙ୍କୁ ଗୋଶାଳାରେ ଛଡ଼ା ଯାଇଥିଲା। ଉକ୍ତ ଗାଈ ମଧ୍ୟରୁ କିଛି ଗାଈଙ୍କୁ ଭିତିରିଆ ଗୋପାଳଙ୍କୁ ଫେରାଇ ଦିଆଯାଇଛି। ଏଥିପାଇଁ ଜୈନିକ କର୍ମଚାରୀ ଗୋପାଳଙ୍କଠାରୁ ୪୦ ହଜାର ଟଙ୍କା ନେଇଥିବା ଜୋରଦାର ଚର୍ଚ୍ଚା ହେଉଛି। ଯଦି ଜଣେ ଗୋପାଳଙ୍କୁ ଗାଈ ଫେରସ୍ତ କରାଗଲା। ତେବେ ଅନ୍ୟମାନଙ୍କୁ କାହିଁକି ଫେରସ୍ତ କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଏଠାରେ ପ୍ରକାଶ ଯୋଗ୍ୟ, ନୟାଗଡ଼ ସହରରେ ଗାଈ ଗୋରୁଙ୍କୁ ଛାଡ଼ି ଦିଆଯିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ସୋସିଆଲ ମିଡିଆଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସ୍ୱର ଉଠିବା ପରେ ପୌର ପରିଷଦ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଶିକ୍ଷିତ ଗୋପାଳକଙ୍କୁ ସହାୟତାରେ ଗୋଉଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ରାତିରେ ୧୮ରୁ ଊର୍ଦ୍ଧ୍ୱ ଗାଈଙ୍କୁ ସହରର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିଲା। ଗାଈ ଗୁଡ଼ିକୁ ନିକଟସ୍ଥ ଗୋଶାଳାରେ ରଖାଯାଇଥିଲା। ବାରମ୍ବାର ତାଗିଦ ପରେ ବି ଗାଈ ମାଲିକମାନେ ବେଫିକର ଭାବେ ସହର ମଝିକୁ ଗାଈ ଛାଡ଼ି ଦେଉଥିଲେ। ଏନେଇ ମାଇକ୍ ଯୋଗେ ପ୍ରଚାର କରାଯିବା ପରେ ବି ପରିସ୍ଥିତି ସୁଧୁରୁନଥିଲା। ନୟାଗଡ଼ରେ ଗାଈ ଗୋରୁଙ୍କ ପାଇଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନେଇ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ମଧ ଚିନ୍ତା ବ୍ୟକ୍ତ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୌର ପରିଷଦକୁ ପରାମର୍ଶ ଦେଇଥିଲେ। ଏସ୍‌ପିଙ୍କ ପରାମର୍ଶ କ୍ରମରେ ପୌର ପରିଷଦ ଗୋଉଦ୍ଧାର ଅଭିଯାନ କରାଯାଇଥିଲା। ଉଦ୍ଧାର ଗୋରୁଙ୍କ ମଧ୍ୟରୁ ୮ଟି ଗୋରୁଙ୍କୁ ପୁଣିଥରେ ଗୋପାଳଙ୍କୁ ଫେରାଇ ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଗୋପାଳକଙ୍କଠାରୁ ଗୋଶାଳା ଖର୍ଚ୍ଚ ବାବଦ ୨୦ ହଜାର ଟଙ୍କା ଏବଂ ହାତଖର୍ଚ୍ଚ ବାବଦ ୪୦ ହଜାର ଟଙ୍କା ନିଆଯାଇଥିବା ସୂଚନା ମିଳିଛି। ଏହା ସହିତ ପୁଣି ପୌର ପରିଷଦ କର୍ମଚାରୀ ଜଣଙ୍କ ୧୦ ହଜାର ଟଙ୍କା ଦାବି କରୁଥିବା ନେଇ ଆଲୋଚନା ହେଉଛି। ୮ଟି ଗାଈ ଓ ଗୋଟିଏ ବାଛୁରିକୁ ଗୋପାଳଙ୍କୁ ଫେରାଇ ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ଗାଈଗୁଡ଼ିକ କୌଣସି ପରିସ୍ଥିତିରେ ଫେରସ୍ତ କରାଯିବ ନାହିଁ ବୋଲି ପୂର୍ବରୁ କହିଥିବା ବେଳେ କିଭଳି ଜଣେ ଗୋପାଳଙ୍କୁ ଗାଈ ଫେରସ୍ତ କରାଗଲା ବୋଲି ସହରବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଆଗାମୀ ସ୍ୱାୟତ ଶାସନ ଦିବସ ଦିନ ସହରବାସୀ ଏହି ଗାଉଦ୍ଧାର କାର୍ଯ୍ୟକ୍ରମକୁ ନେଇ ସିଧାସଳଖ ପ୍ରଶ୍ନ ଉଠାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ୱାରେଣ୍ଟ ଅଫିସରଙ୍କୁ ନେଇ ସହରରେ ଅସନ୍ତୋଷ

ନୟାଗଡ଼: ନୟାଗଡ଼ ପୌର ପରିଷଦରେ କାର୍ଯ୍ୟରତ ୱାରେଣ୍ଟ ଅଫିସର ନାରାୟଣ ନାୟକଙ୍କୁ ନେଇ ସହରବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ଲାନିଂ ଆପ୍ରୁଭାଲଠାରୁ ଆରମ୍ଭ କରି ବିଭିନ୍ନ ଅନିୟମିତତା କାର୍ଯ୍ୟ ତାଙ୍କ ନେତୃତ୍ୱରେ ଚାଲିଥିବା ଅଭିଯୋଗ ହେଉଛି। କିଛି ଦଲାଲଙ୍କ ଜରିଆରେ ଅନେକ ଅନିୟମିତତା କାର୍ଯ୍ୟକୁ ସେ ଚୂଡ଼ାନ୍ତ ରୂପ ଦେବା ସହ ପୌର ପରିଷଦ ଆୟ ବୃଦ୍ଧିରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ୱାରେଣ୍ଟ ଅଫିସରଙ୍କ କାର୍ଯ୍ୟକୁ ନେଇ କିଛି କାଉନସିଲର ମଧ୍ୟ ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି। ପୌର ପରିଷଦ ଅଞ୍ଚଳରେ ବିଭିନ୍ନ ଉଠା ଦୋକାନୀକୁ ଡରାଇ ଧମକାଇ ହତୋତ୍ସାହିତ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ପୌର ନିର୍ବାହୀ ଅଧିକାରୀ ଏହା ଉପରେ ଅଙ୍କୁଷ ନଲଗାଇଲେ ଆଗାମୀ ଦିନରେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି।

# ୭ ଦିନ ହେଲା ଅନ୍ଧାରରେ ତାମରଝୋଲା

ଗଣିଆ,୨୫।୮ (ସମିସ): ୭ ଦିନ ହେବ ଗୋଟିଏ ଗ୍ରାମର ୨୦ଟି ପରିବାରର ୨ ଶହରୁ ଅଧିକ ଲୋକ ଅନ୍ଧାରରେ ବାସ କରୁଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କଲେ ନାହିଁ। ଫଳରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ତାମରଝୋଲା ଗ୍ରାମରେ ଗତ ୭ ଦିନ ହେବ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଅନଲାଇନ୍ ମାଧ୍ୟମରେ ଅଭିଯୋଗ ପଞ୍ଜିକୃତ କରିଥିଲେ ମଧ କେହି ଶୁଣୁନାହାଁନ୍ତି। ଫଳରେ ଆଜି ଗ୍ରାମବାସୀ ମାନେ ଗଣିଆରେ ଥିବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ବଣଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ ତାମରଝୋଲାରେ ବିଦ୍ୟୁତ୍ କାଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଅନେକ ସମୟରେ ଏଠାରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ତାଙ୍କ ଇଚ୍ଛାରେ ଆସି ମରାମତି କରୁଛନ୍ତି। ଏପରିକି ଅନେକ ସମୟରେ ଗ୍ରାମର ଯୁବକ ମାନଙ୍କୁ ଗଛରେ ଚଢି ଡାଳ ହାଣିବାକୁ କହୁଛନ୍ତି। ଯଦି ସେମାନଙ୍କର କିଛି ଅଘଟଣ ଘଟିବ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ୭ ଦିନ ହେବ ଉକ୍ତ ଗ୍ରାମବାସୀ ଅନ୍ଧାରରେ ଥିବା ବେଳେ ବିଭାଗୀୟ ଅଧିକାରୀ କାହିଁକି ସମସ୍ୟା ସମାଧାନ କରୁନାହାନ୍ତି। ବର୍ଷା ଦିନ ତଥା ବଣ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଅନ୍ଧାରରେ ବିଷାକ୍ତ ଜୀବଜନ୍ତୁଙ୍କ ଭୟ ଲାଗି ରହିଛି। ତେବେ ତୁରନ୍ତ ଉକ୍ତ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ନକଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି।

# ବାଘୁଆ ଛକ ଅଙ୍ଗନବାଡି କର୍ମୀ ନିଯୁକ୍ତିକୁ ବିରୋଧ

ଓଡ଼ଗାଁ,୨୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ବାଘୁଆଛକ ଅଙ୍ଗନବାଡି କେନ୍ଦ୍ରରେ କିଛିଦିନ ତଳେ ନିଯୁକ୍ତି ପାଇଥିବା ଅଙ୍ଗନବାଡି କର୍ମୀଙ୍କ ନିଯୁକ୍ତିକୁ ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଛି। ଘଟଣାରୁ ପ୍ରକାଶ ବାଘୁଆଛକ ଅଙ୍ଗନବାଡି କେନ୍ଦ୍ରରେ ସାକେରି ପଞ୍ଚାୟତର ଜଣେ ମହିଳାଙ୍କୁ କର୍ମୀ ଭାବ ନିଯୁକ୍ତିକୁ ବିରୋଧ କରି ଗ୍ରାମବାସୀଙ୍କ ତରଫରୁ ସୋମବାର ଓଡ଼ଗାଁ ବିଡିଓ, ସମ୍ମାନିତ ଶିଶୁ ବିକାଶ ଅବକାରୀ, ଓଡ଼ଗାଁଙ୍କ ସହିତ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ସେମାନେ କହିଛନ୍ତି। ସୂଚନା ଅନୁସାରେ ୮ ବର୍ଷ ପୂର୍ବେ ବାଘୁଆ ଛକରେ ଥିବା ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ସେହି ସମୟରେ ନିଯୁକ୍ତି ପାଇଥିବା ଅଙ୍ଗନବାଡି କର୍ମୀ ଇସ୍ତଫା ଦେବା ପରେ ପୁନର୍ବାର ବିଜ୍ଞାପନ ମାଧ୍ୟମରେ ଦ୍ୱିତୀୟ ନିଯୁକ୍ତି କରାଗଲା। ସ୍ୱାସ୍ଥ୍ୟଗତ କାରଣରୁ ୪୫ ଦିନପରେ ସେ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ କୌଣସି ନୋଟିଫିକେସନ ନକରି ପୂର୍ବେ ସାକେରି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିବା ମହିଳାଙ୍କୁ ବାଘୁଆ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ପଚାରିବାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିଭାଗଙ୍କ ଦ୍ୱାରା ପ୍ରକାଶ ପାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଅଙ୍ଗନବାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରୀ ଓଡ଼ଗାଁ କହିଛନ୍ତି।

**ଶୁଣିଲାନି ପ୍ରଶାସନ**

# ରାସ୍ତା ତିଆରି କଲେ ଗ୍ରାମବାସୀ



ଗଣିଆ,୨୫।୮ (ସମିସ): ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ତାମରଝୋଲା ଗ୍ରାମରେ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ଗ୍ରାମରେ ସ୍ଥାୟୀ ରାସ୍ତା ନଥିବା ବେଳେ ପାଦଚଲା ମାଟି ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି। ଲଗାଣ ବର୍ଷା ଯୋଗୁଁ ରାସ୍ତା କାଦୁଅ ପଚପଚ ହୋଇ ଯାତାୟାତ ଅସମ୍ଭବ ହୋଇପଡିଛି। ଏ ନେଇ ଗତ ଶନିବାର ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଆଜି ଗ୍ରାମର ପୁରୁଷ ଏବଂ ମହିଳା ଏକତ୍ରିତ ହୋଇ କୋଡି, ଗାଣ୍ଡୁଆ ନେଇ ରାସ୍ତା ନିର୍ମାଣ କରିଛନ୍ତି। ମହିଳାମାନେ ଗାଣ୍ଡୁଆରେ ମାଟି ବୋହି ରାସ୍ତା ସମତୁଲ କରିବା ସହିତ କାଦୁଅ ସ୍ଥାନରେ ମାଟି ପକାଇଛନ୍ତି। ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ମରାମତି କରିଛନ୍ତି ଗ୍ରାମବାସୀ। ପ୍ରଶାସନର ଅପାରଗତା ତଥା ରାସ୍ତାରେ ଯାତାୟତ କରିବା ଅସମ୍ଭବ ହୋଇପଡିବାରୁ ଗ୍ରାମର ପୁରୁଷ ଏବଂ ମହିଳା ଏକାଠି ହୋଇ ରାସ୍ତା ମରାମତି କରିବାକୁ ପଡ଼ିଲା ବୋଲି ସେମାନେ ଜଣାଇଛନ୍ତି। ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି। ତେବେ ତୁରନ୍ତ ଉକ୍ତ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋସ୍କା ହାଇସ୍କୁଲରେ ନିଶାମୁକ୍ତି ସଚେତନତା



ଖଣ୍ଡପଡ଼ା,୨୫।୮ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ କୋସ୍କା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ତରଫରୁ ସେବା, ନିଶା ପରିତ୍ୟାଗ ଓ ପୁନର୍ବସୁ ନୟାଗଡ଼ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ନୟାଗଡ଼ ଜିଲ୍ଲା ସେବା ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କାଉନସିଲର ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ନିଦ୍ୱାସା ବୃଦ୍ଧାଶ୍ରମର ପରିଚାଳକ ସନ୍ତୋଷ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟର କୁପରିଣାମ ସଂପର୍କରେ ସର୍ବସାଧାରଣଙ୍କୁ ସଚେତନ କରାଇବା, ନିଶାଦ୍ରବ୍ୟର ସେବନ ବନ୍ଦ ସହ ନିଶାଦ୍ରବ୍ୟକୁ ପୁରା ବର୍ଜନ କରି ଏକ ସୁସ୍ଥ ସମାଜ ଗଠନରେ ସହଯୋଗର ହାତ ବଢାଇବା ନେଇ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ସୁରେଶ ବେହେରା, ଶେଷଦେବ ପଣ୍ଡା, ସୌଦାମିନୀ ପଣ୍ଡା, ମନୋଜ ସାହୁ, ଟିକିନା ବେହେରା, ସନ୍ଧ୍ୟାରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଏ ସଂପର୍କରେ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଶୃଙ୍ଖଳା ବିଭାଗରେ ବଢୁଛି ବିଶୃଙ୍ଖଳା

ନୟାଗଡ଼,୨୫।୮ (ସମିସ)

ନୟାଗଡ଼ ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ ଅନେକ କର୍ମଚାରୀଙ୍କ ବିଶୃଙ୍ଖଳିତ ଆଚରଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଚିନ୍ତାରେ ପକାଉଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ କିଛି ମଦ୍ୟପ ପୁଲିସ କର୍ମଚାରୀଙ୍କ ଆଚରଣ ଓ ଉଚ୍ଚାରଣ ପୁଲିସ ବିଭାଗକୁ ମୁଣ୍ଡ ନୁଆଁଇବାକୁ ବାଧ କରାଯାଉଛି। ନୟାଗଡ଼ ଇଟାମାଟି ଥାନାରେ ଏକ ଘଟଣା ଏବେ ସାମ୍ନାକୁ ଆସିଥିବା ବେଳେ ଜିଲ୍ଲାର ଅନେକ ଥାନାରେ ସମାନ ପରସ୍ଥିତି ସୃଷ୍ଟି ହୋଇଛି। ପୁଲିସ ଅଧିକାରୀ ଓ କର୍ମଚାରୀ ଅତ୍ୟଧିକ ମଦ୍ୟପାନ କରି ପାଟୋଲିଂ କରୁଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ଅତ୍ୟଧକ ନିଶା ସେବନ ପାଇଁ ସାଧାରଣ ଲୋକଙ୍କୁ ଗାଳି ଗୁଲଜ କରୁଥିବା ଘଟଣା ମଧ ସାମ୍ନାକୁ ଆସୁଛି। ଏଭଳି ସ୍ଥିତି ସବୁଠାରୁ ଅଧିକ ନୟାଗଡ଼ ସଦରଥାନା ଅଞ୍ଚଳରେ ଦେଖିବାକୁ ମିଳୁଛି। ସଦରଥାନାରେ କାର୍ଯ୍ୟରତ କିଛି ପୁଲିସ ଅଧିକାରୀ ନିୟମିତ ମଦ୍ୟପାନ କରି ଥାନା ଓ ଥାନା ବାହାରେ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ବାରମ୍ବାର ବରିଷ୍ଠ ଅଧିକାରୀଙ୍କ ପାଖରେ ପହଞ୍ଚୁଛି। ତଥାପି ସାତ ଖୁଣ ମାଫ ନୀତି ଆପଣାଇ ଉକ୍ତ କର୍ମଚାରୀଙ୍କୁ ତାଗିଦ କରି ଛାଡ଼ି ଦିଆଯାଉଛି। ଜିଲ୍ଲାରେ ସୃଷ୍ଟି ହୋଇଥିବା ଏଭଳି ବିଚିତ୍ର ସ୍ଥିତିର କାରଣ ବୁଝା ପଡୁନଥିବା ବେଳେ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ମୁଳ କାରଣ ବୋଲି ଆଲୋଚନା ହେଉଛି। କିଛି ଅଧିକାରୀ ଆରକ୍ଷୀ ଅଧିକ୍ଷକଙ୍କୁ ଘଟୁଥିବା ଘଟଣା ଲୁଚାଉଥିବାରୁ ତଳିଆ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ବୃଦ୍ଧି ପାଉଥିବା ଆଲୋଚନା ହେଉଛି।

## ମଦ୍ୟପାନ କରି ଏଏସ୍‌ଆଇ ନିଲମ୍ବିତ

ନୟାଗଡ଼: ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ଇଟାମାଟି ଥାନାରେ କାର୍ଯ୍ୟରତ ଏଏସଆଇ ଦଣ୍ଡପାଣି ଦାସଙ୍କୁ ନିଲମ୍ବନ କରାଯାଇଛି। ଗତ ୨୩ ତାରିଖରେ ଏଏସଆଇ ଶ୍ରୀଯୁକ୍ତ ଦାସ ଥାନା ପରିସରରେ ମଦ୍ୟପାନ କରିଥିଲେ। ଜଣେ କଂଗ୍ରେସ ନେତା ଏବଂ ଅନ୍ୟ କିଛି ବ୍ୟକ୍ତିଙ୍କୁ ଧରି ଥାନାରେ ଜୋରଦାର ପାଟିତୁଣ୍ଡ କରୁଥିଲେ। ଏହି ଘଟଣା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାପଡ଼ିବା ପରେ ସେ ସମସ୍ତଙ୍କୁ ଥାନାରେ ବସାଇ ରଖିଥିଲେ। ସେମାନଙ୍କଠାରୁ ଏଭଳି ଭୁଲ ପାଇଁ ଲେଖା ରଖିବା ସହ ଛାଡ଼ିଥିଲେ। ଏନେଇ ଭାରପ୍ରାପ୍ତ ଥାନା ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଘଟଣାରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

# 'ଗୁରୁଃ ସାକ୍ଷାତ ପରଂବ୍ରହ୍ମ' କାର୍ଯ୍ୟକ୍ରମ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି



ଖଣ୍ଡପଡ଼ା,୨୫।୮ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ସୋମନାଥଦେବ କଲ୍ୟାଣ ମଣ୍ଡପ ପରିସରରେ ମୋ ମାଟି ଭାପୁର ଅନୁଷ୍ଠାନ ପକ୍ଷରୁ ସେପ୍ଟେମ୍ବର ୫ ତାରିଖରେ ଆୟୋଜିତ ହେବାକୁ ଥିବା ଚତୁର୍ଥ ବାର୍ଷିକ ଗୁରୁଃସାକ୍ଷାତ ପରବ୍ରହ୍ମ କାର୍ଯ୍ୟକ୍ରମ ନିମନ୍ତେ ଆଜି ଅପରାହ୍ନରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁଃସାକ୍ଷାତ ପରବ୍ରହ୍ମ କାର୍ଯ୍ୟକ୍ରମ ସଭାପତି ଶିକ୍ଷାବିତ ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଉକ୍ତ ବୈଠକରେ ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ବେଣୁଧର ପ୍ରଧାନ ଯୋଗ ଦେଇଥିଲେ। ପୂର୍ବରୁ ବର୍ଷ ଗୁଡ଼ିକରେ କେବଳ ଭାପୁର ବ୍ଲକ ଅବସର ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମ ହେଉଥିବା ବେଳେ ଚଳିତ ବର୍ଷ ଭାପୁର ଓ ଖଣ୍ଡପଡ଼ା ବ୍ଲକ ସମେତ ଏନ୍‌ଏସି ସମସ୍ତ ଅବସର ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁପୂଜନ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ସେହିଭଳି କାର୍ଯ୍ୟକ୍ରମକୁ ବଳିଷ୍ଠ ଓ ସରସ ସୁନ୍ଦର କରାଯିବା ସହିତ ଅନୁଷ୍ଠାନର ସଦସ୍ୟମାନେ ଗୁରୁ ଦାୟିତ୍ୱ ନେବାକୁ ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ଶ୍ରୀ ପ୍ରଧାନ କହିଥିଲେ। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମ ଦୁଇ ବ୍ଲକ ର ମଧ ଭାଗ ବନମାଳିପୁର ସୋମନାଥଦେବ ପଞ୍ଚୁଦୋଳ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବୈକୁଣ୍ଠ ଦାସ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଅଖିଳ ପଣ୍ଡା, ବିଜୟ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ସାଥୁଆ, କୃଷ୍ଣଚନ୍ଦ୍ର ସାହୁ, ସୁନୀଲ ପ୍ରଧାନ, ନାରାୟଣ ଆଚାର୍ଯ୍ୟ, ସର୍ବେଶ୍ୱର ମହାରଣା, ମହେନ୍ଦ୍ର କୁମାର ପଣ୍ଡା, ମନୋରଞ୍ଜନ ବେହେରା, ଗଙ୍ଗାଧର ପରିଡ଼ା, ଗୋପାଳ କୃଷ୍ଣ ପଣ୍ଡା, ପ୍ରମୋଦ କୁମାର ସାହୁ, ଝରିଆ ବେହେରା, ବାଳଗୋପାଳ ଷଡ଼ଙ୍ଗୀ, ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରତାପ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ, ମହେନ୍ଦ୍ର ମହାନ୍ତିଙ୍କ ସମେତ ପଚାଶରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହିଥିଲେ।

● ଛଣଗିରି ସୁନା ଦୋକାନରୁ ୧୧ କେଜି ସୁନା ଲୁଟ୍ ଘଟଣା

## ଏକାଧିକ ସନ୍ଦିଗ୍ଧଙ୍କୁ ଜେରା କରୁଛି ପୁଲିସ

ନିରାକାରପୁର,୨୫।୮ (ସମିସ): ରବିବାର ଦିନ ସାଢ଼େ ୧ଟା ସମୟରେ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ୧୧ କେଜି ସୁନା ଓ ୫ କେଜି ରୁପା ଅଳଙ୍କାର ଲୁଟ୍ ଘଟଣା ଖୋର୍ଦ୍ଧାରେ ନୂତନ କରି ଯୋଗଦେଇଥିବା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେଣୁ ସେ ନିଜେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଡକାୟତମାନଙ୍କୁ ଧରିବା ପାଇଁ ଜାଲ ବିଛାଇବାକୁ ଉଦ୍ୟମ କରୁଛନ୍ତି। ସମୁଦାୟ ୫ଟି ପୁଲିସ ଟିମ୍ ଅନୁସନ୍ଧାନ ପ୍ରକ୍ରିୟାରେ ଆପ୍ରାଣ ଉଦ୍ୟମ କରୁଛନ୍ତି। ରବିବାର ଘଟଣାସ୍ଥଳରେ ଏସ୍‌ପି ନିଜେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମସ୍ତ ଦିଗକୁ ଅନୁଧ୍ୟାନ କରୁଥିବାବେଳେ ସୋମବାର ସକାଳୁ ଜଂକିଆ ଥାନାରେ ଏସ୍‌ପି ଶ୍ରୀ ଶର୍ମା, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଏକାଧିକ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି। ସେହିପରି ସାଇ ସୋନୁ ଅଳଙ୍କାର ମାଲିକ ପୁଷ୍ପ ରଞ୍ଜନ ସାହୁ ଓ ତାଙ୍କ ସମସ୍ତ କର୍ମଚାରୀ ଏସ୍‌ପିଙ୍କୁ ଦେଖାହୋଇ ଲୁଟେରାମାନଙ୍କୁ ଧରିବା ପାଇଁ ଦାବି କରିଥିବାବେଳେ ଭୁବନେଶ୍ୱର ଅଳଙ୍କାର ବ୍ୟବସାୟୀ ସଂଘ ସଭାପତି କେ. ବଦ୍ରିନାରାୟଣ ସୁବୁଦ୍ଧି ତୁରନ୍ତ ପଦକ୍ଷେପ ନେଇ ଡକାୟତଙ୍କୁ ଧରିବା ସହିତ ଲୁଟ୍ ଅଳଙ୍କାର ଉଦ୍ଧାର କରିବା ପାଇଁ ଏକ ଦାବିପତ୍ର ଜଂକିଆ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ସେହିପରି ସେ ସମସ୍ତ ସୁନା ଅଳଙ୍କାର ବ୍ୟବସାୟୀଙ୍କୁ କୌଣସି ଲୋକଠାରୁ ଚୋରା ସୁନା ଅଳଙ୍କାର କ୍ରୟ କରି ନ ରଖିବାକୁ ଅପିଲ କରିଛନ୍ତି। ପୁଲିସ ସବୁ ଦିଗକୁ ଅନୁଧ୍ୟାନ କରି ଡକାୟତମାନଙ୍କୁ ଧରିବାକୁ ଚେଷ୍ଟା କରୁଥିବା ସୂଚନା ମିଳୁଛି।



ପ୍ରକାଶଥାଉ କି, ସୁପରିକଳ୍ପିତ ଭାବରେ ରବିବାର ୮ ଜଣ ଲୁଟେରା ୪ଟି ପଲ୍‌ସର୍ ବାଇକ୍‌ରେ ଆସି ବୋମା ଓ ଗୁଳି ଫୁଟାଇ ଦୋକାନ କର୍ମଚାରୀ, ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ପ୍ରାୟ ୧୧ କୋଟି ଟଙ୍କାର ସୁନା ଗହଣା ଲୁଟି ନେଇ ପଳାଇଛନ୍ତି। ତା’ ସହିତ ଜଣେ ଯୁବକଙ୍କୁ ଗୁଳି ଚଳାଇବାରୁ ସେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

## ଜଳିଗଲା ଲକ୍ଷାଧିକ ଟଙ୍କାର ଔଷଧ ଓ ବିଭିନ୍ନ ସାମଗ୍ରୀ

ବାଣପୁର,୨୫।୮ (ସମିସ): ବାଣପୁର ଥାନା ଅନ୍ତର୍ଗତ ଚିଆଙ୍କସାହି ଛକସ୍ଥିତ ଏକ ଔଷଧ ଦୋକାନରେ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଔଷଧ ସହ ବିଭିନ୍ନ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ବାଣପୁର ବ୍ଲକ୍ ବରଢ଼ି ଗ୍ରାମର ଶ୍ରୀଧର ନାୟକ ଦୀର୍ଘ ବର୍ଷ ହେଲା ବାଣପୁର ଚିଆଙ୍କସାହି ଛକରେ “ମାମାଲି ଆଣ୍ଡ ଗୁଡୁଲୀ’ ନାମକ ଏକ ଔଷଧ ଦୋକାନ କରିଛନ୍ତି। ରବିବାର ରାତି ୧୦ଟାରେ ଦୋକାନ ବନ୍ଦ କରି ସେ ଘରକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ରାତ୍ର ଜଗୁଆଳୀ ବାହାଦୁର ଦୋକାନ ଭିତରୁ ଧୂଆଁ ବାହାରୁଥିବାର ଦେଖି ନିକଟସ୍ଥ ଦୋକାନର ମାଲିକଙ୍କୁ ଜଣାଇ ଉକ୍ତ ଔଷଧ ଦୋକାନ ମାଲିକ ଶ୍ରୀଧରଙ୍କୁ ଫୋନ୍ ଯୋଗେ ଏ ସମ୍ପର୍କରେ ଜଣାଇଥିବା ସହ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଶ୍ରୀଧର ପହଞ୍ଚି ଦୋକାନ ବାହାର ସଟର ଖୋଲି ଦେଖିଲା ବେଳକୁ ଦୋକାନ ଭିତରେ ନିଆଁ ଲାଗିଯାଇ ହୁତୁହୁତୁ ହୋଇ ଜଳୁଛି। ବାଣପୁର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ବହୁ ଚେଷ୍ଟାକରି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନର ବହୁ ଔଷଧ ସହ ଅନେକ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ପାଣି ମାଡ଼ରେ ଅନ୍ୟ ସମସ୍ତ ଔଷଧ ନଷ୍ଟ ହୋଇ ଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଦୋକାନ ମାଲିକ ଶ୍ରୀଧର କହିଛନ୍ତି। ଦୋକାନରେ ବିଦ୍ୟୁତ୍ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଥିବା ବେଳେ ବହୁ କ୍ଷୟକ୍ଷତି ଘଟିଥିବରୁ ଦୋକାନ ମାଲିକ ଶ୍ରୀଧର ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ସହାୟତା ଲାଗି ଆସୋସିଏସନକୁ ନିବେଦନ କରିଛନ୍ତି।

## ଗ୍ରାମୀଣ ସ୍ୱାସ୍ଥ୍ୟ ତାଲିମ ଶିବିର

ଟାଙ୍ଗୀ,୨୫।୮ (ସମିସ): ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରାମୀଣ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ର ଟାଙ୍ଗୀ ଏମ୍ସ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଏକ କାର୍ଡିଓ ପଲ୍ମୋନାରୀ ରେସିଟେସନ୍ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଡାକ୍ତର ବିନିତ ଜେନା ଟିମ୍ ସହିତ ସଂଯୋଜନା କରିଥିଲେ। ଏଥି ସହିତ ଯୁକ୍ତ ୨ର ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଶତପାଥୀଙ୍କ ସହଯୋଗରେ ଉଦ୍‌ଘାଟନ କରାଯାଇଥିଲା। ଏମ୍ସର କମ୍ୟୁନିଟି ମେଡିସିନ ଅତିରିକ୍ତ ପ୍ରାଧ୍ୟାପକ ଡ. ଅରବିନ୍ଦ କୁମାର ସିଂ ଏହି ଅବସରରେ ବୁଝାଇଥିଲେ ଯେ ଏହି ପ୍ରଶିକ୍ଷଣକୁ ଆମେ କିପରି ସଠିକ୍ ସମୟରେ ସଠିକ୍ ଜାଗାରେ ସଠିକ୍ ପ୍ରଣାଳୀରେ ଉପଯୋଗ କରିପାରିବା। ଉପଯୁକ୍ତ ବ୍ୟାବହାରିକ ଜ୍ଞାନ ଓ କୌଶଳ ମାଧ୍ୟମରେ କିପରି କୌଣସି ବ୍ୟକ୍ତିକୁ ଆମେ ସୁରକ୍ଷା ଦେଇପାରିବା ତା’ର ପ୍ରଶିକ୍ଷଣ କାର୍ଯ୍ୟ ଡାକ୍ତର ସୁରଜିତ ରଏ, ଡାକ୍ତର ଆସ୍ଥା ସସ୍ମିତା ସ୍ୱାଇଁ, କ୍ରିପାଳି ମହାନ୍ତି ପ୍ରମୁଖଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ସସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ତେଜିଲା ଟାଙ୍ଗୀ ଓ ବୋଲଗଡ଼କୁ ଏନ୍‌ଏସି ଘୋଷଣା ଦାବି

# ବିଜେଡିର ଶୋଭାଯାତ୍ରା; ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଟାଙ୍ଗୀ/ଭୂଷଣ୍ଡପୁର,୨୫।୮ (ସମିସ)



ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିବା ସତ୍ତ୍ୱେ ବିଜେପି ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାକୁ କେନ୍ଦ୍ରକରି ସୋମବାର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆଠାରେ ସମବେତ ହୋଇ କର୍ମୀମାନେ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଟାଙ୍ଗୀର ମୁଖ୍ୟ ରାସ୍ତା ଦେଇ ବ୍ଲକ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଶୋଭାଯାତ୍ରା ଆରମ୍ଭ ହେବା ସମୟରେ ବିଜେଡିର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଦାବିକୁ ସମର୍ଥନ କରି ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ମାନସ ବଳିୟାରସିଂହ, ପୂର୍ବତନ ସରପଞ୍ଚ ସୁପ୍ରଭା ମହାପାତ୍ର, ଅଶୋକ ମହାପାତ୍ର, ମାଗୁଣି ନାୟକ, ଉପେନ୍ଦ୍ର ସାହୁ, କଳିଙ୍ଗ ବିଶ୍ୱାଳ, ମଣ୍ଟୁ ମହାନ୍ତି, କୁନା ନାୟକ, ଶାନ୍ତନୁ ପ୍ରଧାନ, ସୁରେନ୍ଦ୍ର ଦାସ ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୭ଶହରୁ ଅଧିକ ମହିଳା ଓ ପୁରୁଷ କର୍ମୀ ବିଜେଡି ପତାକା ଧରି ମିଛୁଆ ବିଜେପି ସରକାର ସ୍ଲୋଗାନ ଦେଇ ଟାଙ୍ଗୀକୁ ତୁରନ୍ତ ଏନ୍‌ଏସି ଘୋଷଣା ନ କଲେ ବ୍ଲକ୍ ଅଫିସକୁ ଅଚଳ କରିଦିଆଯିବ ବୋଲି ନାରାବାଜି କରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପ୍ରବେଶ ଦ୍ୱାରରେ ସମବେତ ହୋଇ ପୂର୍ବତନ ବିଧାୟକ ଶ୍ରୀ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମହାପାତ୍ର ପ୍ରମୁଖ ବିଜେଡି ସରକାର ଘୋଷଣା କରିଥିବା ଟାଙ୍ଗୀକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ଦାବି ଉପସ୍ଥାପନା କରିଥିଲେ।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ପରେ ସରକାର ବଦଳିଲା ଏବଂ ନୂଆ ସରକାର ଆସିବା ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍‌ଏସି ଘୋଷଣା ନେଇ କୌଣସି ସରକାରୀ ନଥିପତ୍ର ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ମାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୨୨୭୧୫/ ୨.୧୧.୨୦୨୪ ଅନୁସାରେ ବିଭାଗ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ୫୭ଟି ଅଞ୍ଚଳର ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଟାଙ୍ଗୀ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ନଥିପତ୍ର ନ ଥିଲା ତେବେ ସରକାର ଚିଠି କଲେ କେମିତି ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଟାଙ୍ଗୀ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରନ୍ତୁ ନଚେତ୍ ବିଜେଡି ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଏହା ପରେ ବିଡିଓ ରୁମାନା ଜାଫ୍ରିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପୁଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା।

ସୂଚନାଯୋଗ୍ୟ, ପଞ୍ଚାୟତ ପୁନର୍ଗଠନ ସମୟରେ ୨୦୧୭ରେ ଜନସଂଖ୍ୟା ଭିତିରେ ଟାଙ୍ଗୀକୁ ଦୁଇଟି ପଞ୍ଚାୟତରେ ବିଭକ୍ତ କରିବା ପାଇଁ ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟା ଶେଷ ହୋଇଥିଲା। ଏନ୍‌ଏସି କରାଯିବ କହି କେତେକ ଅପରିଣାମଦର୍ଶୀ କୁହାଳିଆ ବ୍ୟକ୍ତିଙ୍କ ଯୋଗୁଁ ପଞ୍ଚାୟତ ବିଭାଜନ ହେଲା ନାହିଁ। ଫଳରେ ପଞ୍ଚାୟତକୁ ମିଳୁଥିବା ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନରୁ ଟାଙ୍ଗୀ ବଞ୍ଚିତ ହେଲା। ଏଯାବତ୍ ଏନ୍‌ଏସି ବି ଘୋଷିତ ହେଲାନାହିଁ। ଏଥିପାଇଁ ଥିବା ସମସ୍ତ ଆନୁସଙ୍ଗିକ ଯୋଗ୍ୟତା ଟାଙ୍ଗୀର ଥିବାବେଳେ ଏହାକୁ ଅଣଦେଖା କରାଯାଉଥିବା ହେତୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଖୁବ୍‌ଶୀଘ୍ର ଟାଙ୍ଗୀ ଏନ୍‌ଏସି ମାନ୍ୟତା ପାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ବୋଲଗଡ଼ରେ ୬ ଘଣ୍ଟିଆ ଦୋକାନ ବଜାର ବନ୍ଦ

ବେଗୁନିଆ,୨୫।୮ (ସମିସ): ବୋଲଗଡ଼ ବ୍ଲକ୍‌ର ଜନସାଧାରଣ ବୋଲଗଡ଼କୁ ଏନ୍‌ଏସି କରିବା ପାଇଁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରି ଆସୁଥିଲେ। ତେବେ ଚଳିତ ମାସରେ ରାଜ୍ୟ ସରକାର ୧୨ଟି ଏନ୍‌ଏସି ଘୋଷଣା କରିଥିବାବେଳେ ବୋଲଗଡ଼ ବ୍ଲକ୍‌ଟି ବାଦ୍ ପଡ଼ିଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ବିଗତ ଦିନରେ ବିଜେଡିର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲଗଡ଼କୁ ଏନ୍‌ଏସି ଘୋଷଣା କରିଥିବାବେଳେ ବର୍ତ୍ତମାନ ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ବୈମାତୃକ ମନୋଭାବ ରଖି ବାଦ୍ ଦେଇଥିବାରୁ ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସାଧାରଣରେ ଆଲୋଚନାର ଖୋରାକ୍ ଯୋଗାଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବ୍ଲକ୍ ଅଧ୍ୟକ୍ଷା ହୁଲାସ ଦେଇ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବିଜେଡିର ବ୍ଲକ୍ ସଭାପତି ବାନାମ୍ବର ମାଝୀ, ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଆଇନଜୀବୀ ସଂଘ ଓ ଦଳୀୟ କର୍ମୀଙ୍କ ସହ ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ପୂର୍ବାହ୍ଣ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଦୋକାନ ବଜାର ସହ ଛୋଟ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ ଡକରାକୁ ସମର୍ଥନ କରି ଗୋପବନ୍ଧୁ ଛକଠାରୁ ପଦଯାତ୍ରା ବାହାରି ବ୍ଲକ୍ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଡିଓ ବିଜୟ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଥିଲେ।




● ୧୭ ଦିନରେ ଶାନ୍ତି କମିଟି ଦ୍ୱାରା ଉଭୟ ଗ୍ରାମର ବିବାଦ ସମାଧାନ

## ‘କୋଟପଲା-ଓସ୍ତପୁର’ ବଜାର ନାଁରେ ଲାଗିବ ସୂଚନାଫଳକ

ବେଗୁନିଆ,୨୫।୮ (ସମିସ): ଗତ ୭ ତାରିଖରେ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର ମୌଜାରେ ରହିଥିବା ବଜାରର ନାମ କୋଟପଲା ରହିଥିବାରୁ ଉଭୟ ଗ୍ରାମ ମଧ୍ୟରେ ନାମକରଣ ଫଳକ ଲଗାଇବାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଖବର ପାଇ ଉପଜିଲ୍ଲାପାଳ, ବେଗୁନିଆ ତହସିଲ୍‌ଦାର ତାପସ ବିଶି, ଖୋର୍ଦ୍ଧା ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏବଂ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ନାମଫଳକ ଲଗାଇବା ପାଇଁ ପହଞ୍ଚିଥିଲେ। ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ନାମଫଳକ ଲଗାଇବା କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା ଜାରି ହୋଇଥିଲା। ତେବେ ଗୁରୁବାର ଉଭୟ ଗ୍ରାମର ଲୋକମାନେ ବଜାରରେ ମୁହାଁମୁହିଁ ହୋଇଥିବାବେଳେ ଦୋକାନ ବଜାର ଭଙ୍ଗାରୁଜା ଆରମ୍ଭ କରିଥିବା ବେଳେ ଉଭୟ ପକ୍ଷରୁ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ବଜାରର ୧ କି.ମି. ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧୬୩ ଧାରା ଲାଗୁ କରିବା ସହ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏପରିକି ସେହିଦିନଠାରୁ ବିଦ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ହୋଇଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଦୀର୍ଘ ୧୭ ଦିନ ପରେ ଶାନ୍ତି କମିଟି ଗଠନ କରାଯାଇ ବେଗୁନିଆ ବ୍ଲକ୍ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଗ୍ରାମସ୍ଥିତ ହଟକେଶ୍ୱର ମନ୍ଦିର ପରିସରରେ ଉଭୟ ଗ୍ରାମର ଶାନ୍ତି, ଭାଇଚାରା ଓ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହି କମିଟି ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ ଓ ଧନେଶ୍ୱର ସାହୁଙ୍କ ଆବାହକତ୍ୱରେ ନ୍ୟାୟବିତ୍ ପ୍ରମୋଦ ପ୍ରତାପ ସିଂହଙ୍କ ଅଧ୍ୟକ୍ଷତାରେ ସଭ୍ୟ ସନ୍ତୋଷ କୁମାର ମହାରଣା, ବିଦ୍ୟାଧର ବେହେରା, ସୌରୀବନ୍ଧୁ ଜେନା, ଭ୍ରମରବର ସିଂହ, ଦାଶରଥି ପଣ୍ଡା, ଲକ୍ଷ୍ମୀଧର ଲେଙ୍କା, କରୁଣାକର ଭୋଇ, ଧନେଶ୍ୱର ପ୍ରଧାନ, ମାଗୁଣି ଚରଣ ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର, ମୁରଲୀଧର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନ୍ୟାୟବିତ୍ ଭିକାରୀ ଚରଣ ସାହୁ, ନାରାୟଣ ଜେନା, ନିରଞ୍ଜନ ସାମନ୍ତସିଂହାର, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଓ ହାଡୁବନ୍ଧୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିବାଦର ସମାଧାନ ହୋଇ “ଓସ୍ତପୁର-କୋଟପଲା’ ବଜାର ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସ୍ତାବଟି ସ୍ଥିରୀକୃତ ହୋଇ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିକଟରେ ପ୍ରଦାନ କରାଯାଇଛି।

## ବାଣପୁର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଉତ୍ସବ

ବାଣପୁର,୨୫।୮ (ସମିସ): ବାଣପୁର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ପ୍ରତିଷ୍ଠା ଉତ୍ସବ ରବିବାର ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ସଭାଗୃହରେ ସଂଘର ସଭାପତି ଚିନ୍ତାମଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ପ୍ରତିଷ୍ଠା ଦିବସରେ ଅତିଥିଭାବେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବରିଷ୍ଠ ନାଗରିକ ଦେଶ ଓ ରାଜ୍ୟ କର୍ଣ୍ଣଧାରା ସେମାନଙ୍କ ଉପଦେଶ ଓ ଦିଗ୍‌ଦର୍ଶନ ସମାଜକୁ ଉନ୍ନତ କରିଥାଏ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନ ଆମ ସମାଜକୁ ଆମ ସମସ୍ତଙ୍କ ଦାୟିତ୍ୱ ଅଟେ। ସମାଜ ଗଠନରେ ସେମାନଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ। ସେମାନଙ୍କ ସମ୍ମାନ, ସୁରକ୍ଷା ଓ ସୁସ୍ଥତା ଆମ ସମସ୍ତଙ୍କ ଯତ୍ନବାନ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ସଂଘର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, ଚିଲିକା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଭାଟପଡ଼ା ଦଳବେହେରା ମାନବେନ୍ଦ୍ର ମହାରଥା, ସଂଘ ଉପସଭାପତି ଗୋଲକ ବିହାରୀ ପରିଡ଼ା, ସଭ୍ୟ ନନ୍ଦକିଶୋର ମିଶ୍ରଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟା ଓ ତା’ର ନିରାକରଣ ଉପରେ ଆଲୋଚନା କରିଥିଲେ। ମଞ୍ଚର ସଦସ୍ୟମାନଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯାଇ ନ ଥିବାରୁ ସରକାରଙ୍କ ବିଭିନ୍ନ ସୁବିଧାସୁଯୋଗ ପାଇବାରୁ ସେମାନେ ବଞ୍ଚିତ ହୋଇ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସଦସ୍ୟମାନେ କ୍ଷୋଭପ୍ରକାଶ କରିଥିଲେ।



## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ଟାଙ୍ଗୀ,୨୫।୮ (ସମିସ): ଚାନ୍ଦପୁରସ୍ଥିତ ବୀଣାପାଣି ଶିଶୁମନ୍ଦିରଠାରେ ଟାଙ୍ଗୀ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ତରଫରୁ ୬୧ତମ ସ୍ଥାପନା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ବିଭାଗ ସମ୍ପାଦକ ବିଭୁଦେନ୍ଦ୍ର ବିଦ୍ୟାଧର ପ୍ରଦୀପ ପ୍ରଜ୍ୱଳନ କରି କିଭଳି ଭାବେ ଗୋ-ସେବା କରାଯାଏ, ପୂଜାପାଠର ପଦ୍ଧତି, ସାମାଜିକ ନିୟମ, ଦୈନନ୍ଦିନ ଜୀବନଧାରା ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବିଚାରଧାରା ଏବଂ ତାଙ୍କ ବଳିଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲ୍ଲା ସତ୍‌ସଙ୍ଗ ପ୍ରମୁଖ ସଞ୍ଜୀବ ରାୟ ସଭା ପରିଚାଳନା ତଥା ସତ୍‌ସଙ୍ଗ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ମହାପାତ୍ରଙ୍କୁ ଏବଂ ଦୁର୍ଗା ଶଙ୍କର ସିଂଦେବଙ୍କୁ ଯଥାକ୍ରମେ ବିଶ୍ୱହିନ୍ଦୁ ପରିଷଦ ଟାଙ୍ଗୀ ପ୍ରଖଣ୍ଡର ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ବିଶ୍ୱହିନ୍ଦୁ ପରିଷଦ, ଆର୍‌ଏସ୍‌ଏସ୍ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାହି ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

ବେଗୁନିଆ,୨୫।୮ (ସମିସ): ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଫାସୀଓଦା ପଞ୍ଚାୟତ ଅନ୍ତର୍ଗତ ଭୀମପଡ଼ା ହରିଜନ ସାହି ରାସ୍ତା ବର୍ଷା ଯୋଗୁଁ କାଦୁଅ ହୋଇଛି। ଯାହାକି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ସେଠାରେ ପହଞ୍ଚି ରାସ୍ତାର ଦୁରବସ୍ଥା ସମ୍ପର୍କରେ ଶୁଣିବା ସହ ମଙ୍ଗଳବାର ରାସ୍ତା କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଛାତ୍ରଛାତ୍ରୀଙ୍କ ସହ ଖେଳୁଛନ୍ତି ଆଇଟିବିପି ସ୍କୁଲ କର୍ତ୍ତୃପକ୍ଷ

# କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖାକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା,୨୫।୮ (ସମିସ)



ଖୋର୍ଦ୍ଧା ସହର ଉପକଣ୍ଠ ତରତୁଆ ଆଇଟିବିପି ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖାକୁ ନେଇ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଆଇଟିବିପି ପରିସରରେ ଥିବା ପବ୍ଲିକ୍ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଖୋଲିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖିବାରୁ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ପ୍ରତିବାଦ କରିବା ସହିତ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ନ ଖେଳି ଖୋଲା ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖିବା ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦନ କରିବାକୁ ଦାବି କରିଛନ୍ତି। ପୂର୍ବରୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୯ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଆଇଟିବିପି ବିଦ୍ୟାଳୟରେ ନାମଲେଖାକୁ ନେଇ ବିବାଦ ଘନେଇବାରେ ଲାଗିଛି।

ସୋମବାର ଆଇଟିବିପି ସ୍କୁଲ୍ ଗେଟ୍ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବରୁ ଆଟିବିପି ପରିସରରେ ଥିବା ପବ୍ଲିକ୍ ସ୍କୁଲରେ ଅଧ୍ୟୟନରତ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ନିଜର କ୍ଷୋଭପ୍ରକାଶ କରିଛନ୍ତି। ୫ମାସ ତଳେ ଆଇଟିବିପି ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାକୁ ଘୋଷଣା ପରେ ତତ୍କାଳୀନ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରିଥିଲେ। ସେ ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପବ୍ଲିକ୍ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନାମଲେଖାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପବ୍ଲିକ୍ ସ୍କୁଲରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବାକୁ ଆବଶ୍ୟକ ନଥିପତ୍ର ପ୍ରସ୍ତୁତ କରି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ବିଭିନ୍ନ ସମୟରେ ନୋଟିସ ଜାରି କରାଯାଇଥିଲା। ସ୍ପଷ୍ଟ ଭାବେ ପବ୍ଲିକ ସ୍କୁଲରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖିବାକୁ ସୁଯୋଗ ପ୍ରଦାନ କରାଯିବା ସହିତ ଏପରିକି ଯେଉଁ ଛାତ୍ରଛାତ୍ରୀଙ୍କ ବୟସ କମ୍ ଥିଲା ସେମାନେ ପୁନର୍ବାର ସେହି ଶ୍ରେଣୀରେ ପଢ଼ିବାର ସୁଯୋଗ ପାଇଁ ଆଧାର ଆଇଡି ପ୍ରସ୍ତୁତ କରାଯାଇଥିଲା। ପବ୍ଲିକ୍ ସ୍କୁଲରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବାକୁ ଆବେଦନ ନିମନ୍ତେ ନୋଟିସ ମାଧ୍ୟମରେ ସୂଚନା ଦିଆଯାଇଥିଲା। ନୋଟିସ ମୁତାବକ ପବ୍ଲିକ ସ୍କୁଲରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଏଥିସହିତ ପବ୍ଲିକ୍ ସ୍କୁଲରେ ପଢୁ ନ ଥିବା ବାହାର ଛାତ୍ରଛାତ୍ରୀମାନେ ମଧ୍ୟ ଆବେଦନ କରିଥିଲେ। ପରେ କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ଲଟେରୀ କରାଯାଇ ଯୋଗ୍ୟ ତାଲିକା ପ୍ରକାଶିତ ହୋଇଥିଲା। ତାଲିକା ମୁତାବକ ପୂର୍ବରୁ ପବ୍ଲିକ ସ୍କୁଲରେ ପଢୁଥିବା ବହୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ିବାର ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଯାହା ବର୍ତ୍ତମାନ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## ବାଣପୁରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ବାଲୁଗାଁ/ବାଣପୁର,୨୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ପଞ୍ଚାୟତ ସମିତିଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ପରିସରରେ ସୋମବାର ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଣପୁର ବ୍ଲକ୍ ଅନ୍ତର୍ଗତ ୧୭ଟି ପଞ୍ଚାୟତ ଓ ଏନ୍‌ଏସିର ବିଭିନ୍ନ ସ୍ଥାନରୁ ସମୁଦାୟ ୧୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୮ଟି ବିଭିନ୍ନ ଗ୍ରାମର ସାମୂହିକ ଅଭିଯୋଗ ଥିଲା। ସ୍ଥଳବିଶେଷରେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣ ଆବେଦନକାରୀଙ୍କୁ ୧୫ ହଜାର ଓ ୨୦ ହଜାର ଟଙ୍କା ଏବଂ ରେଡ୍‌କ୍ରସ ପାଣ୍ଠିରୁ ଜଣକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଓ ଏସ୍‌ପି ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଷ୍ଟଲ୍‌ଗୁଡ଼ିକୁ ପରିଦର୍ଶନ କରିଥିଲେ। ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ କସ୍ତୁରୀବାଳା ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ ମହାନ୍ତି, ତହସିଲ୍‌ଦାର ଟି. ପଦ୍ମନାଭ ଦୋରାଙ୍କ ସମେତ ସ୍ଥାନୀୟ ନରେନ୍ଦ୍ରପୁର ସରପଞ୍ଚ ସବିତା ଦାସ ପ୍ରମୁଖ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୮ ● ପାଉଣ୍ଡ ୧୧୮.୦୫
- ୟୁରୋ ୧୦୨.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୦୫୦ (ଭୁବନେଶ୍ୱର)
- ରୁପା : ୧,୨୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୬୩୫.୦୦
- ନିଫ୍ଟି ୨୪,୯୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅଧିକ ଟିକସ, ସୁବିଧା କମ୍

## ହେନ୍‌ଲେ ଏଣ୍ଡ ପାର୍ଟନର୍ସ ରିପୋର୍ଟରେ ଖୁଲାସା

# ଦେଶ ଛାଡୁଛନ୍ତି ଅରବପତି

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)



ଦେଶ ଛାଡୁଛନ୍ତି ଅତି ଧନୀ ବା ଅରବପତି। ଏହି ଅରବପତିମାନେ ଭାରତ ଛାଡି ଅନ୍ୟ ଦେଶରେ ବସବାସ କରୁଛନ୍ତି। ଏଥିପାଇଁ ବର୍ଷ ୨୦୨୪ରେ ହିଁ ୨.୦୬ ଲକ୍ଷରୁ ଅଧିକ ଭାରତୀୟ ଅରବପତି ସେମାନଙ୍କର ନାଗରିକତା ତ୍ୟାଗ କରିଛନ୍ତି। ଏପରି ଦେଶ ଛାଡି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ହେନ୍‌ଲେ ଆଣ୍ଡ ପାର୍ଟନର୍ସର ଏକ ରିପୋର୍ଟ ଅନୁଯାୟୀ ୨୦୨୫ ମସିହାରେ ପ୍ରାୟ ୩୫୦୦ ଅତିଧନୀ ଦେଶ ଛାଡିପାରନ୍ତି। ସେମାନଙ୍କର ମୋଟ ସମ୍ପତ୍ତି ୨୬.୨ ବିଲିୟନ ଡଲାର। ଗତ ବର୍ଷ ମଧ୍ୟ ୪୩୦୦ କୋଟିପତି ଦେଶ ଛାଡିଛନ୍ତି। ୨୦୧୧ ମସିହାଠାରୁ ୧୭.୫ ଲକ୍ଷ ଭାରତୀୟ ସେମାନଙ୍କର ପାସପୋର୍ଟ ପରିତ୍ୟାଗ କରିଛନ୍ତି।

ତେବେ ରିପୋର୍ଟ ଅନୁଯାୟୀ, ଦେଶରେ ଅତ୍ୟଧିକ ଟିକସ ଏବଂ ସୁବିଧା କମ୍ ରହିଥିବାରୁ ଅରବପତିମାନେ ଦେଶ ଛାଡି ଚାଲିଯାଉଛନ୍ତି।

ବିଭିନ୍ନ ରିପୋର୍ଟ ଦର୍ଶାଉଛି ଯେ ୨୦୧୮ରୁ ୨୦୨୩ ମଧ୍ୟରେ ୩.୨ ଲକ୍ଷରୁ ଅଧିକ ଭାରତୀୟ ଆମେରିକାରେ, ୧.୬ ଲକ୍ଷ କାନାଡାରେ ଏବଂ ୧.୩ ଲକ୍ଷ ଅଷ୍ଟ୍ରେଲିଆରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁବାଇ, ସିଙ୍ଗାପୁର, ପର୍ତ୍ତୁଗାଲ ଏବଂ ମାଲ୍ଟା ଭଳି ଦେଶ ମଧ୍ୟ ଧନୀ ଭାରତୀୟଙ୍କୁ ଆକର୍ଷିତ କରୁଛନ୍ତି। ଏହି ଦେଶଗୁଡ଼ିକ ନିବେଶ ଉପରେ ବାସସ୍ଥାନ କିମ୍ବା ନାଗରିକତା ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ ଚଳାଇଛନ୍ତି। ହେନ୍‌ଲେ ଆଣ୍ଡ ପାର୍ଟନର୍ସ ରିପୋର୍ଟରେ କୁହାଯାଇଛି ଯେ, ଏହି ଅତି ଧନୀ ଲୋକମାନେ ଉନ୍ନତ ଜୀବନ, ଭଲ ସ୍ୱାସ୍ଥ୍ୟ ସେବା, କାମ ଏବଂ ବ୍ୟବସାୟ ସୁଯୋଗ, କମ୍ ଟିକସ ଏବଂ ସୁରକ୍ଷା ଭଳି କାରଣ ପାଇଁ ଅନ୍ୟ ଦେଶକୁ ଯାଉଛନ୍ତି। ଆମେରିକା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆରେ ବିଶ୍ୱର ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ ରହିଛି। ଏହି ଦେଶଗୁଡ଼ିକର ନାଗରିକତା ଥିଲେ ସେଠାରେ ପିଲାମାନଙ୍କ ପାଠ ପଢ଼ିବା ଏବଂ କାମ କରିବା ସହଜ ହେଉଛି। ଅନ୍ୟପକ୍ଷରେ ଭାରତରେ ଟିକସ ନିୟମ ବହୁତ ଜଟିଳ ଏବଂ ଅନେକ ପ୍ରକାରର ସମସ୍ୟା ରହିଛି। ସେଥିପାଇଁ କମ୍ ଟିକସ ଏବଂ ଅଧିକ ସୁବିଧା ଥିବା ଦୁବାଇ ଏବଂ ସିଙ୍ଗାପୁର ଭଳି ଦେଶ ଏବେ ଅରବପତିମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଭାରତୀୟ ପାସପୋର୍ଟ

- ୨୦୨୪ରେ ନାଗରିକତା ଛାଡିଛନ୍ତି ୨ ଲକ୍ଷରୁ ଅଧିକ ଭାରତୀୟ
- ୪୩୦୦ କୋଟିପତି ଦେଶ ଛାଡିଦେଲେ
- ୨୦୧୧ରୁ ୧୭.୫ ଲକ୍ଷ ଭାରତୀୟ ପାସପୋର୍ଟ ପରିତ୍ୟାଗ କରିଛନ୍ତି

ଅନେକ ଧନୀ ଭାରତୀୟଙ୍କ ପାଇଁ ଏକ ବନ୍ଧ ପରି। ହେନଲି ପାସପୋର୍ଟ ସୂଚକାଙ୍କରେ ଭାରତୀୟ ପାସପୋର୍ଟ ୭୬ ନମ୍ବରରେ ଅଛି। ଏହାସହିତ ଜଣେ କେବଳ ୫୮ଟି ଦେଶକୁ ଭିସା ବିନା ଯାତ୍ରା କରିପାରିବେ। ଅନ୍ୟପକ୍ଷରେ, ଆମେରିକୀୟ ପାସପୋର୍ଟ ସହିତ, ଜଣେ ବ୍ୟକ୍ତି ୧୯୩ଟି ଦେଶକୁ, କାନାଡାର ପାସପୋର୍ଟ ସହିତ ୧୮୬ଟି ଦେଶକୁ ଏବଂ ସିଙ୍ଗାପୁର ପାସପୋର୍ଟ ସହିତ ୧୯୨ଟି ଦେଶକୁ ବିନା ଭିସାରେ ଯାତ୍ରା କରିପାରିବେ।

ୱିଜଡମ୍ ହାଚ୍‌ର ପ୍ରତିଷ୍ଠାତା ଅକ୍ଷତ ଶ୍ରୀବାସ୍ତବ କୁହନ୍ତି ୟୁଏଇ ଭଳି ଦେଶରେ ବ୍ୟକ୍ତିଗତ ଆୟକର ଶୂନ୍। ସେଠାରେ କର୍ପୋରେଟ୍ ଆୟକର ୯%। ଭାରତରେ ଏହା ବିପରୀତ। ଏଠାରେ ବ୍ୟକ୍ତିଗତ ଆୟକର କର୍ପୋରେଟ୍ ଆୟକର ଅପେକ୍ଷା ଅଧିକ। ସେଥିପାଇଁ ଲୋକମାନେ ବିଦେଶରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। ତଥ୍ୟ ଦର୍ଶାଉଛି ଯେ କୋଟିପତିଙ୍କ ଦେଶ ଛାଡିଚାଲିଯିବା ଦୃଷ୍ଟିରୁ ଭାରତ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ସେ ଭାରତୀୟ ବ୍ୟବସ୍ଥାରେ ଦୁର୍ନୀତିକୁ ଏକ ବଡ଼ ସମସ୍ୟା ଭାବରେ ମଧ୍ୟ ବର୍ଣ୍ଣନା କରିଛନ୍ତି, ଯେଉଁଥିଯୋଗୁଁ ଲୋକମାନେ ଧନୀ ହୋଇପାରୁନାହାଁନ୍ତି।

## ରେଖା ଝୁନ୍ ଝୁନ୍‌ୱାଲାଙ୍କ ଉପରେ ଇନ୍‌ସାଇଡର ଟ୍ରେଡିଂ ଅଭିଯୋଗ

# ଗେମିଂ ବିଲ୍ ଆସିବା ପୂର୍ବରୁ ନଜାରାରୁ ସବୁ ଅଂଶଧନ ବିକି ଦେଇଥିଲେ

ମୁମ୍ବଇ,୨୫।୮ (ଏଜେନ୍ସି): ପ୍ରଖ୍ୟାତ ନିବେଶକ ରାକେଶ ଝୁନଝୁନୱାଲାଙ୍କ ପତ୍ନୀ ରେଖା ଝୁନଝୁନୱାଲାଙ୍କ ବିରୋଧରେ ଆସିଛି ଇନସାଇଡର ଟ୍ରେଡିଂ ଅଭିଯୋଗ। ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏହି ଅଭିଯୋଗ ଆଣିଛନ୍ତି। ଅନଲାଇନ୍ ଗେମିଂ ବିଲ୍ ଅନୁମୋଦନ ହେବାର ୨ ମାସ ପୂର୍ବରୁ ରେଖା ଗେମିଂ କମ୍ପାନୀ ନଜରାରେ ତାଙ୍କର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଥିବାରୁ ଏହି ଅଭିଯୋଗ କରାଯାଉଛି। ଅନେକ ଲୋକ ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଉଛନ୍ତି ଯେ ରେଖା ଝୁନଝୁନୱାଲା ପୂର୍ବରୁ ସୂଚନା ପାଇଥିଲେ କି ଗେମିଂ ବିଲ୍ ମଞ୍ଜୁରୀ ଲାଭ




### ମହୁଆ ମୋଇତ୍ର ଉଠାଇଲେ ପ୍ରସଙ୍ଗ

କରିବାକୁ ଯାଉଛି। ୨୦୧୭ରେ ରେଖା ନଜରାରେ ୧୮୦ କୋଟି ଟଙ୍କା ନିବେଶ କରିଥିଲେ। ସେ କମ୍ପାନୀର ଆଇପିଓ ଆସିବା ପୂର୍ବରୁ ୨୦୧୭ରେ ନଜରାରେ ଏହି ନିବେଶ କରିଥିଲେ। ଏହାର ଆଇପିଓ ୨୦୨୧ରେ ଆସିଥିଲା। ୨୦୨୫ ମାର୍ଚ୍ଚ ସୁଦ୍ଧା ରେଖା ଝୁନଝୁନୱାଲାଙ୍କ ପାଖରେ ନଜରାର ୬୧.୮ ଲକ୍ଷ ଅଂଶଧନ ଥିଲା। ଅର୍ଥାତ୍ ତାଙ୍କର ମୋଟ ଅଂଶଧନ ୭.୦୬% ରହିଥିଲା। ଜୁନ୍ ୧୩ସୁଦ୍ଧା ସେ ତାଙ୍କର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଥିଲେ। ସେ ପ୍ରାୟ ୧୨୨୫ ଟଙ୍କା ହାରାହାରି ମୂଲ୍ୟରେ ତାଙ୍କର ଅଂଶଧନ ବିକ୍ରି କରିଛନ୍ତି। ଅର୍ଥାତ୍ ରେଖା ପ୍ରାୟ ୭୦୦ କୋଟି ଟଙ୍କାରେ ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଛନ୍ତି।

ସୂଚନାଯୋଗ୍ୟ ଯେ, ନଜାରା ଟେକ୍ନୋଲୋଜିସ୍ ହେଉଛି ଏକ ଅନଲାଇନ୍ ଗେମିଂ ଏବଂ ଇ-ସ୍ପୋର୍ଟ୍ସ କମ୍ପାନୀ। ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏହାକୁ ଇନସାଇଡର୍ ଟ୍ରେଡିଂର ଏକ ମାମଲା ବୋଲି କହିଥିଲେ। ଯଦି ଏହା ଆମେରିକାରେ ହୋଇଥାନ୍ତା, ତେବେ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ ଏହାର ତଦନ୍ତ କରିଥାନ୍ତେ।

# ରାୟଗଡ଼ାରେ ବେଦାନ୍ତ ଆଲୁମିନିୟମର ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର, ୨୫।୮ (ସମିସ)

ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ




ସହିତ ମିଶି ରାୟଗଡ଼ାର କାଶୀପୁର ବ୍ଲକର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠି ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଶିବିରରେ ମୋତିଆବିନ୍ଦୁ ଏବଂ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଉପରେ ଧ୍ୟାନ ଦିଆଯାଇଥିଲା। ଯାହାଦ୍ୱାରା ସମୟୋଚିତ ଚିକିତ୍ସା ସମ୍ଭବ ହୋଇପାରିବ ଏବଂ ଗ୍ରାମାଞ୍ଚଳରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରାଯାଇପାରିବ। କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ, କାଶୀପୁରର ସିଏଚସି ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଏହାକୁ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ। ଚକ୍ଷୁ ଶିବିର ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଅତ୍ୟାବଶ୍ୟକ ଚିକିତ୍ସା ସେବାକୁ ସେହି ସମ୍ପ୍ରଦାୟଗୁଡ଼ିକ ନିକଟକୁ ଆଣିବାକୁ ଚେଷ୍ଟା କରୁଛୁ ଯେଉଁମାନଙ୍କୁ ସେମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି।

# ଲକ୍ଷେ ୨୨ ହଜାର ଟପିଲା ରୁପା

## ବୈଶ୍ୱିକ ଉତ୍ତେଜନାରେ ବଢ଼ିଲା ଦର
## ଚଳିତବର୍ଷ ୩୦,୧୧୬ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)

ଘରୋଇ ବଜାରରେ ସୁନା ତୁଳନାରେ ରୁପା ଦର ହୁ ହୁ ହୋଇ ବଢ଼ିଚାଲିଛି। ସୋମବାର ରୁପା ମୂଲ୍ୟ ଏହାର ସବୁ ରେକର୍ଡ ଭାଙ୍ଗିଛି। କିଲୋ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବ।

ଆଗାମୀ ଦିନରେ ରୁପା ମୂଲ୍ୟରେ ୩୪% ବୃଦ୍ଧି ଦେଖାଦେଇପାରେ, ଯାହା ଏହାର ମୂଲ୍ୟକୁ ପ୍ରତି କିଲୋ ୧,୪୬,୦୦୦ ଟଙ୍କାରେ ପହଞ୍ଚାଇପାରେ। ବଜାର

### ୨୦୨୫ ଶେଷ ସୁଦ୍ଧା ରୁପା ଦେଢ଼ ଲକ୍ଷ ଛୁଇଁବ



ଆଜି ବଜାରରେ କିଲୋଗ୍ରାମ ପିଛା ରୁପାର ମୂଲ୍ୟ ୨,୨୨୭ ଟଙ୍କା ମହଙ୍ଗା ହୋଇ ସର୍ବକାଳୀନ ରେକର୍ଡ ୧ ଲକ୍ଷ ୨୨ ହଜାର ଟଙ୍କା ଅତିକ୍ରମ କରିଛି। ଚଳିତବର୍ଷ ରୁପା ୩୦,୧୧୬ ଟଙ୍କା ମହଙ୍ଗା ହୋଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୧,୧୩୦ ଟଙ୍କା ବୃଦ୍ଧି ପାଇ ୧,୦୦,୪୮୮ ଟଙ୍କାରେ ପହଞ୍ଚିଛି। ତେବେ ଚଳିତବର୍ଷ ଶେଷ ସୁଦ୍ଧା ୨୦୨୫ ଶେଷ ସୁଦ୍ଧା ରୁପା ମୂଲ୍ୟ ବିଶେଷଜ୍ଞ କେଡିଆ କମୋଡିଟିଙ୍କ ଅନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଏକ କିଲୋ ରୂପାର ମୂଲ୍ୟ ୧.୩୦ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିପାରେ। ଅପରପକ୍ଷେ ସିଟିଗ୍ରୁପର ରିପୋର୍ଟରେ ଦର୍ଶାଯାଇଛି ଯେ, ରୁପା ମୂଲ୍ୟ କିଲୋପିଛା ୧,୨୦,୦୦୦ରୁ ୧,୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି।

ଏହା ସୁନାକୁ ସମର୍ଥନ କରୁଛି। ଯାହା ଫଳରେ ଏହି ଅଳଦିଆ ଧାତୁର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ଚଳିତ ବର୍ଷ ସୁନା ପ୍ରତି ୧୦ ଗ୍ରାମ ପିଛା ୧ ଲକ୍ଷ ୪ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ୨୦୨୫ରେ ବର୍ଷ ରୂପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଆଜି ନୂଆଦିଲ୍ଲୀ ବଜାରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧,୦୧,୭୬୦ ଟଙ୍କା ଏବଂ ୨୨ କ୍ୟାରେଟ୍‌ର ମୂଲ୍ୟ ୯୩,୧୪୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୧,୧୯,୦୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧,୦୧,୫୧୦ ଟଙ୍କା ଏବଂ ୨୨ କ୍ୟାରେଟ୍‌ର ମୂଲ୍ୟ ୯୩,୦୫୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୧,୨୨,୦୦୦ ଟଙ୍କାରେ ପହଞ୍ଚିଛି।

# ନୂଆ ଜିଏସ୍‌ଟି ହାର ସେପ୍ଟେମ୍ବର ୨୨ରୁ ଲାଗୁ ହୋଇପାରେ

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): କେନ୍ଦ୍ର ସରକାର ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି)ର ନୂତନ ହାର ଲାଗୁ କରିପାରନ୍ତି। ନବରାତ୍ରି ଏବଂ ପାର୍ବଣ ସମୟରେ ଅନେକ କ୍ଷେତ୍ରରେ ଚାହିଦା ଏବଂ ବିକ୍ରୟକୁ ପ୍ରୋତ୍ସାହିତ କରିବା ସରକାରଙ୍କ ଲକ୍ଷ୍ୟ। ସେହି ସମୟରେ

## ଜିଏସ୍‌ଟି ପରିଷଦ ବୈଠକରେ ହେବ ନିଷ୍ପତ୍ତି
## ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଶସ୍ତା ହେବ




ସରକାର ଜିଏସ୍‌ଟି ପରିଷଦକୁ ତୁରନ୍ତ ପ୍ରଭାବରୁ ହାରରେ ପରିବର୍ତ୍ତନକୁ ଅନୁମୋଦନ କରିବାକୁ ଅନୁରୋଧ କରିଛନ୍ତି। ପ୍ରକୃତରେ, ସରକାର ଅନେକ ପ୍ରମୁଖ କ୍ଷେତ୍ରରେ ବିକ୍ରିହ୍ରାସ ପାଇବାର ସମ୍ଭାବନାକୁ ନେଇ ଚିନ୍ତିତ। ଏଥିପାଇଁ ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତି ସମ୍ବନ୍ଧୀୟ ଚିନ୍ତାକୁ ଦୂର କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ଜିଏସ୍‌ଟି ପରିଷଦର ୫୬ତମ ବୈଠକ ୩ରୁ ୪ ସେପ୍ଟେମ୍ବର ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଯେଉଁଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି ହାର ପ୍ରସ୍ତାବ ଉପରେ ଆଲୋଚନା କରାଯିବ। କେନ୍ଦ୍ର ସରକାର ଜିଏସଟିର ବିଦ୍ୟମାନ ଢାଞ୍ଚାକୁ ସରଳ କରିବା ପାଇଁ ୫% ଏବଂ ୧୮% ଦୁଇଟି ସ୍ଲାବ୍ ଲାଗୁ କରିବାକୁ ପ୍ରସ୍ତାବ ଦେଉଛନ୍ତି। ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ୪୦% ପରିସରଭୁକ୍ତ ହେବ। ବର୍ତ୍ତମାନ, ଜିଏସ୍‌ଟିରେ ୪ ଟି ସ୍ଲାବ୍ ଅଛି – ୫%, ୧୨%, ୧୮% ଏବଂ ୨୮%। ରିପୋର୍ଟ ଅନୁଯାୟୀ, ନୂତନ ଟିକସ ହାର ସେପ୍ଟେମ୍ବର ୨୨ ରୁ ଲାଗୁ ହୋଇପାରେ। ଜିଏସ୍‌ଟି ପରିଷଦର ନିଷ୍ପତ୍ତି ପରେ, ୫ ରୁ ୭ ଦିନ ମଧ୍ୟରେ ସରକାରୀ ବିଜ୍ଞପ୍ତି ଜାରି ହେବାର ଆଶା କରାଯାଉଛି।

ଗତ ସପ୍ତାହରେ, ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) କେନ୍ଦ୍ର ସରକାରଙ୍କ ଦୁଇ ସ୍ଲାବ୍ ପ୍ରସ୍ତାବକୁ ଗ୍ରହଣ କରିଥିଲା। ନୂତନ ଜିଏସ୍‌ଟି ହାରରେ ଉପଭୋକ୍ତା ସାମଗ୍ରୀର ମୂଲ୍ୟ ହ୍ରାସ ହେବାର ସମ୍ଭାବନା ଥାଏ। ଯାହା ପର୍ବପର୍ବାଣୀ ସମୟରେ କିଣାବିକାକୁ ବୃଦ୍ଧି କରିପାରିବ। ତଥାପି, ରାଜ୍ୟଗୁଡ଼ିକ ରାଜସ୍ୱ ହ୍ରାସକୁ ନେଇ ଚିନ୍ତିତ, ଯାହାକୁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି।

# କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୫।୮ (ସମିସ) : କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତରଞ୍ଜନ ମିଶ୍ର ଓ ଖଲିକୋଟ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଭିପ୍ରେରଣା ବକ୍ତବ୍ୟ ଶୃଙ୍ଖଳର ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଆଲୋଚନାରେ ଡଃ. ମିଶ୍ର ପିଲାମାନଙ୍କୁ ଶୃଙ୍ଖଳିତ ଜୀବନ ତଥା ଗୁରୁ ଗୁରୁଜନଙ୍କୁ ଭକ୍ତି, ନମ୍ରତା ଓ ସମର୍ପଣ ଭାବ ରହିଲେ ନିଶ୍ଚିତ ଭାବରେ ଜଣେ ଉତ୍ତମ ନାଗରିକ ଭାବେ ଚରିତ୍ରଗଠନ, ଦେଶ ଗଠନ ଓ ଜାତି ଗଠନରେ ସହାୟକ ହେବ ବୋଲି ନିଜର ମତ ରଖିଥିଲେ। ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




## ■ ଆମେରିକା ଉପରାଷ୍ଟ୍ରପତିଙ୍କ ବୟାନ୍

# ପୁଟିନ୍‌ଙ୍କ ଉପରେ ଚାପ ପାଇଁ ଭାରତ ଉପରେ ଶୁଳ୍କ ମାଡ଼



ୱାଶିଂଟନ୍, ୨୫।୮ (ଏଜେନ୍ସି): ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ ବନ୍ଦ କରିବାକୁ ରୁଷକୁ ବାଧ୍ୟ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଭଳି ଆକ୍ରମଣାତ୍ମକ ଆର୍ଥିକ ଚାପ ବ୍ୟବହାର କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଏହି ପଦକ୍ଷେପ ରୁଷକୁ ଏହାର ତୈଳ ଅର୍ଥନୀତିରୁ ଧନୀ ହେବା କଷ୍ଟକର କରିଦେବ। ଟ୍ରମ୍ପ ପ୍ରଶାସନ ଭାରତକୁ ରିଆତି ହାରରେ ରୁଷରୁ ଅଶୋଧିତ ତେଲ କିଣିବା ପାଇଁ ସମାଲୋଚନା କରିଆସୁଛି। ଆଶ୍ଚର୍ଯ୍ୟଜନକ ଭାବରେ, ୱାଶିଂଟନ ରୁଷର ଅଶୋଧିତ ତେଲର ସବୁଠାରୁ ବଡ଼ ଆମଦାନୀକାରୀ ଚୀନ୍‌କୁ ଦୋଷ ଦେଉନାହିଁ। ସେହି ସମୟରେ, ଭାରତ କହିଛି ଯେ ରୁଷରୁ ଶକ୍ତି କ୍ରୟ ଜାତୀୟ ସ୍ୱାର୍ଥ ଦ୍ୱାରା ପ୍ରେରିତ।

ଭାନ୍ସ କହିଛନ୍ତି ଯେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପଙ୍କ ସାକ୍ଷାତ ପରେ ଆଶା କରାଯାଉଛି ଯେ ସେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବାରେ ମଧ୍ୟସ୍ଥତା କରିପାରିବେ। ସେ କହିଛନ୍ତି ଯେ ଯଦି ରୁଷ ୟୁକ୍ରେନ୍‌ରେ ଲୋକଙ୍କୁ ହତ୍ୟା କରିବା ବନ୍ଦ କରେ, ତେବେ ଏହାକୁ ବିଶ୍ୱ ଅର୍ଥନୀତିରେ ପୁନଃ ଅନ୍ତର୍ଭୁକ୍ତ କରାଯାଇପାରିବ। ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରି ୫୦ ପ୍ରତିଶତ କରିଛନ୍ତି। ଏଥିରେ ରୁଷ ଅଶୋଧିତ ତେଲ କ୍ରୟ ଯୋଗୁଁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ମଧ୍ୟ ଅନ୍ତର୍ଭୁକ୍ତ।

## କାମ ଦବନି ଟ୍ରମ୍ପଙ୍କ ଟାରିଫ୍ ବୋମା

# ଆଜି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବଡ଼ ବୈଠକ

ନୂଆଦିଲ୍ଲୀ,୨୫।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମାକୁ ନିଷ୍କ୍ରିୟ କରିବା ପାଇଁ ଭାରତ କରୁଛି ବଡ଼ ଯୋଜନା। ଯୋଜନାନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ହେବ ଉଚ୍ଚ ସ୍ତରୀୟ ବୈଠକ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ବର୍ଦ୍ଧିତ ଶୁଳ୍କ ପ୍ରଭାବର ସମ୍ମୁଖୀନ ହେଉଥିବା ଭାରତୀୟ ରପ୍ତାନିକାରୀଙ୍କ ନିମନ୍ତେ ବୈଠକରେ ସରକାର ଗ୍ରହଣ କରୁଥିବା ପଦକ୍ଷେପର ସମୀକ୍ଷା କରିବା ପାଇଁ ଆସନ୍ତାକାଲି ଏକ ଉଚ୍ଚସ୍ତରୀୟ ବୈଠକ ବସିବ। ଏହି ବୈଠକ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ଆଶା କରାଯାଉଛି। ସୂଚନାନୁଯାୟୀ, ବୁଧବାରଠାରୁ ଆମେରିକା ବଜାରରେ ପ୍ରବେଶ

- ରପ୍ତାନିକାରୀଙ୍କ ପାଇଁ ପଦକ୍ଷେପର ହେବ ସମୀକ୍ଷା
- ବୁଧବାରଠାରୁ ଲାଗୁ ହେବ ୫୦% ଶୁଳ୍କ




କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଶୁଳ୍କ ଲାଗୁ ହେବ। କାରଣ ୱାଶିଂଟନ୍ ଭାରତ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରିଛି, ଯାହା ରପ୍ତାନିକାରୀଙ୍କ ଉପରେ ଚାପ ବୃଦ୍ଧି କରୁଛି।

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ୨୫% ଶୁଳ୍କର ପ୍ରଭାବ ଅନୁଧ୍ୟାନ କରିବା ପାଇଁ ରପ୍ତାନିକାରୀ ଏବଂ ରପ୍ତାନିକାରୀ ପରିଷଦ ସହିତ ପରାମର୍ଶ କରୁଛି। ରପ୍ତାନିକାରୀମାନେ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ଯୋଜନା (ଇସିଏଲଜିଏସ୍) ପାଇଁ ଅନୁରୋଧ କରିଥିଲେ, ଯାହା ସରକାର-ସମର୍ଥିତସମାନ୍ତରାଳ ପୁଞ୍ଜି ପ୍ରଦାନ କରିପାରିବ। ଅଧିକାରୀମାନଙ୍କର କହିବା ହେଉଛି କ୍ଷେତ୍ରର ହସ୍ତକ୍ଷେପ ଅଧିକ ପ୍ରଭାବଶାଳୀ ହୋଇପାରେ। ଅଧିକାରୀମାନେ କହିଛନ୍ତି ଯେ ରପ୍ତାନି-ମୁଖୀ ୟୁନିଟ୍ ଏବଂ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)କୁ ସୁରକ୍ଷା ଦେବା ସରକାରଙ୍କ ରଣନୀତିର ଏକ କେନ୍ଦ୍ରବିନ୍ଦୁ ରହିଛି କାରଣ ସେମାନେ ବାହ୍ୟ ଆଘାତର ସମ୍ମୁଖୀନ ହେଉଛନ୍ତି। ରପ୍ତାନିକାରୀମାନେ ଶୁଳ୍କ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଥିବାରୁ ମଙ୍ଗଳବାର ବୈଠକରେ ଭାରତ ପକ୍ଷରୁ ରୂପରେଖ ଚୂଡ଼ାନ୍ତ ହେବ ବୋଲି ଆଶା କରାଯାଉଛି।

୫୦% ଆମେରିକା ଶୁଳ୍କ ଭାରତୀୟ ରପ୍ତାନିକାରୀଙ୍କ ଲାଭାଂଶ ଉପରେ ଆହୁରି ଚାପ ପକାଇପାରେ। ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ ଏବଂ ବୟନଶିଳ୍ପ ଏବଂ ଚମଡା ଠାରୁ ଇଞ୍ଜିନିୟରିଂ ସାମଗ୍ରୀ ଏବଂ ସ୍ୱତନ୍ତ୍ର ରାସାୟନିକ ପଦାର୍ଥ ପର୍ଯ୍ୟନ୍ତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରତିଯୋଗିତାକୁ କ୍ଷତି ପହଞ୍ଚାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୩୦୩- ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଚିତୋରଗଡ଼ ଦୁର୍ଗ ଦଖଲ କଲେ।
- ୧୯୨୦- ଆମେରିକାରେ ମହିଳାମାନଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୮୨- ନାସା ଟେଲିସେଟ୍ ଏଫ୍‌ର ପ୍ରକ୍ଷେପଣ କଲା।
- ୨୦୧୨- ହିନ୍ଦୀ ଫିଲ୍ମ ଅଭିନେତା ଏ.କେ ହଙ୍ଗଲଙ୍କ ପରଲୋକ।
- ୨୦୧୫- ଆମେରିକାର ଭର୍ଜିନିଆରେ ଦୁଇଜଣ ସାମ୍ବାଦିକଙ୍କୁ ଗୁଳିକରି ହତ୍ୟା।



# ମହିଳା ସମାନତା ଦିବସ

ନାରୀ ସୃଷ୍ଟି ସଂରଚନାର ସ୍ରଷ୍ଟା। ନାରୀ ବିନା ସଂସାରର ପରିକଳ୍ପନା ଅସମ୍ଭବ । ଦୟା, କ୍ଷମା, ପ୍ରେମ ଓ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ ନାରୀ । ମାଟିରୁ ଆକାଶ ସବୁଠି ନାରୀର ଛାପ । ଘରର ଚାରି କାନ୍ଥରୁ ବାହାରି ସମାଜରେ ସେ ତା'ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ହେଲେ ଆମ ସମାଜରେ ପୁରୁଷମାନଙ୍କୁ ସବୁବେଳେ ଅଧିକ ପ୍ରାଧାନ୍ୟ ଦିଆଯାଇ ଆସୁଛି। ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଦାବିରେ ପ୍ରତିବର୍ଷ ୨୬ ଅଗଷ୍ଟକୁ 'ମହିଳା ସମାନତା ଦିବସ' ଭାବରେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ମହିଳାଙ୍କ ସ୍ଥିତିକୁ ମଜଭୁତ କରିବା ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ପରି ସେମାନଙ୍କୁ ସମାନ ଅଧିକାର ତଥା ସମ୍ମାନ ପ୍ରଦାନ କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। ମହିଳା ସମାନତା ଦିବସ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଅବସରରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଯାଏ। ଏହି ଦିବସ ପ୍ରଥମେ ଆମେରିକାରେ ପାଳନ କରାଯାଇଥିଲା। ୧୯୨୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଊନବିଂଶତମ ସଂଶୋଧନ କରି ମହିଳାଙ୍କୁ ମତଦାନର ଅଧିକାର ପ୍ରଦାନ କରାଯାଇଥିଲା। ଏଥି ସହିତ ନାରୀ ଅଧିକାର ଓ ଲିଙ୍ଗଗତ ସମାନତାର ସଂଘର୍ଷର ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଥିଲା। ଏହି ଘଟଣାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକାରେ ସମାନତା ସମର୍ଥନରେ ଏକ ଜାତୀୟ ବନ୍ଦ ପାଳନ କରାଯାଇଥିଲା। ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ୧୯୭୩ରେ ଆମେରିକାରେ ପ୍ରଥମ ମହିଳା ସମାନତା ଦିବସ ପାଳିତ ହୋଇଥିଲା। ମହିଳାମାନେ କାର୍ଯ୍ୟକ୍ଷେତ୍ର, ଶିକ୍ଷାନୁଷ୍ଠାନ, ରାଜନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଉତ୍‌ଥାପନ କରିବା ଲାଗି ଏହି ଦିବସ ଏକ ଉତ୍କୃଷ୍ଟ ଅବସର। ଏହି ଦିନ ଆମେରିକା ସମେତ ସମଗ୍ର ବିଶ୍ୱରେ ମହିଳା ଅଧିକାରକୁ ନେଇ ଆଲୋଚନା କରାଯାଏ। ବିଭିନ୍ନ ସ୍ଥାନରେ ସଭା-ସମିତି ଏବଂ ସେମିନାରର ଆୟୋଜନ କରାଯାଏ। ମହିଳା ସଂଗଠନଗୁଡ଼ିକ ଜନସମାଜରେ ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଚଳାନ୍ତି।

# 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ





ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରୁ ଆରମ୍ଭ ହୋଇଛି। ଏହି ଫିଲ୍ମ ୨୦୨୦ରେ ଗଲୱାନ୍ ଘାଟିରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଇତିମଧ୍ୟରେ ସୁଟିଂ ସେଟ୍‌ର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାଇରାଲ ହୋଇଥିବା ଫଟୋରେ ସଲମାନ୍ ନୀଳ ରଙ୍ଗର ସାର୍ଟ ସହ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାର ଦେଖାଯାଇଛନ୍ତି। ଅବଶ୍ୟ ତାଙ୍କ ଚେହେରା ଦେଖାଯାଉ ନାହିଁ। ଏହି ଫଟୋ ସାମ୍ନାକୁ ଆସିବା ପରେ ସଲମାନ୍‌ଙ୍କ ପ୍ରଶଂସକମାନଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ସେପ୍ଟେମ୍ବର ୩ ଯାଏଁ ଲଦାଖରେ ସୁଟିଂ ହେବ ବୋଲି ଜଣାପଡ଼ିଛି। ସଲମାନ୍ ଏଥିରେ କର୍ଣ୍ଣେଲ ବି. ସନ୍ତୋଷ ବାବୁ ଭୂମିକାରେ ଦେଖାଯିବେ। ଅପୂର୍ବ ଲାଖିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସଲମାନ୍‌ଙ୍କ ସହ ଚିତ୍ରାଙ୍ଗଦା ସିଂହ, ଅଙ୍କୁର ଭାଟିଆ, ହର୍ଷିଲ ଶାହ ପ୍ରମୁଖ ନଜର ଆସିବେ। ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ନଜର ଆସିଥିଲେ।


# ପଗଡ଼ି ରଙ୍ଗର ରୋଲ୍ସ ରୟସ୍



ବ୍ରିଟେନରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରୁବେନ ସିଂହ ୧୫ଟି ରୋଲ୍ସ ରୟସ୍ କାର୍ ସହିତ ଅନେକ ଦାମୀ ସୁପର୍‌କାର୍‌ର ମାଲିକ। ୧୯୭୦ ମସିହାରେ ତାଙ୍କ ପରିବାର ଭାରତ ଛାଡ଼ି ବ୍ରିଟେନ୍ ଆସିଥିଲେ। ତେବେ ତାଙ୍କର ବିଶେଷତ୍ୱ ହେଉଛି, ସେ ତାଙ୍କ ରୋଲ୍ସ ରୟସ୍ କାର୍‌ର ରଙ୍ଗ ଅନୁସାରେ, ପ୍ରତିଦିନ ପଗଡ଼ି ପିନ୍ଧିଥାନ୍ତି। ସରଳ ଭାଷାରେ କହିଲେ, ଯେଉଁ ରଙ୍ଗର ରୋଲ୍ସ ରୟସ୍ ସେ ଚଳାନ୍ତି, ସେହି ରଙ୍ଗର ପଗଡ଼ି ପିନ୍ଧିଥାନ୍ତି। ରୁବେନ 'ବ୍ରିଟିଶ ବିଲ ଗେଟ୍ସ' ନାମକ କମ୍ପାନିର ପ୍ରତିଷ୍ଠାତା। ସେ ବିଦେଶରେ ନିଜର ବ୍ୟବସାୟିକ ସାମ୍ରାଜ୍ୟକୁ ଠିଆ କରି ସଫଳ ହୋଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ଫଟୋ ସେୟାର୍ କରିବା ପରେ ଚର୍ଚ୍ଚାକୁ ଆସିଥିଲେ। ଏଥିରେ ସେ ସାତ ଦିନ ଅଲଗା ଅଲଗା ରଙ୍ଗର ପଗଡ଼ି ସହିତ ମ୍ୟାଚିଂ ରୋଲ୍ସ ରୟସ୍‌ର ଫଟୋ ସେୟାର୍ କରିଥିଲେ। ତାଙ୍କର ଏହି ନିଆରା ଷ୍ଟାଇଲ ହିଁ ତାଙ୍କୁ ଚର୍ଚ୍ଚାକୁ ନେଇ ଆସିଥିଲା। ରୁବେନଙ୍କ ପାଇଁ ପଗଡ଼ି ପିନ୍ଧିବା କେବଳ ଏକ ପରମ୍ପରା ନୁହେଁ, ବରଂ ଶକ୍ତି, ଗର୍ବ ଏବଂ ବ୍ୟକ୍ତିତ୍ୱର ପ୍ରତୀକ ବୋଲି ସେ କହନ୍ତି।

## ସୁବର୍ଣ୍ଣା

# ଛେଳି ମଡ଼କ



**ଆମ ରାଜ୍ୟରେ ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ଆର୍ଥିକ ଦୃଷ୍ଟି କୋଣରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଛେଳି ପାଳନ ଏକ ଭଲ ବ୍ୟବସାୟ। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଚରେଇଲେ ଛେଳିଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ମୃତ୍ୟୁର କାରଣ ପାଲଟିଯାଏ। ନିକଟରେ ଆମ ରାଜ୍ୟର କିଛି ସ୍ଥାନରେ ଅଚାନକ ଏକାଧିକ ଛେଳିଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଏହାକୁ ଛେଳି ମଡ଼କ କୁହାଯାଉଛି। ଏହି ଅଜଣା ରୋଗର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଚରାବୁଲା କରିବା ଦ୍ୱାରା ଛେଳିମାନଙ୍କ ଶରୀରରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଅନ୍ୟପଟେ ବର୍ଷା ପାଣିରେ ଛେଳି ଲଗାତାର ଓଦା ହେବା ଦ୍ୱାରା ସେମାନଙ୍କୁ ଥଣ୍ଡା ଜ୍ୱର ହୋଇଥାଏ। ହଠାତ୍ ଜ୍ୱର ଆସିଥାଏ। ଛେଳି ଖାଇବା ପିଇବା କମାଇ ଦିଅନ୍ତି। ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଦୁର୍ବଳ ହୋଇଥାନ୍ତି। ଶେଷରେ ଛେଳିଙ୍କର ମୃତ୍ୟୁ ହୁଏ। ପ୍ରାୟତଃ ସବୁ ବୟସର ଛେଳିଙ୍କ କ୍ଷେତ୍ରରେ ଏହା ଘଟିଥାଏ। ତେଣୁ ଏହା ପ୍ରତି ଛେଳିପାଳକଙ୍କୁ ବିଶେଷ ଧ୍ୟାନ ଦେବା ଦରକାର।

ଏହାର ପ୍ରତିକାର ସ୍ୱରୂପ ବର୍ଷା ଦିନ ପୂର୍ବରୁ ଛେଳିଙ୍କୁ କୃମି ଔଷଧ ଓ ଟିକାକରଣ ଜରୁରି। ଭିଟାମିନ୍ ଓ ମିନେରାଲ ଦେଇ ଛେଳିଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ପାରିବେ। ବର୍ଷାଦିନେ କାଦୁଅ , ମାଟି ଲାଗିଥିବା ଘାସ ଜମିକୁ ଛେଳିଙ୍କୁ ଚରିବାକୁ ଛାଡିବା ଅନୁଚିତ। ଏଥିପାଇଁ ଘରେ ଘାସ କିମ୍ବା ଡାଳପତ୍ର କାଟି ଆଣି ଦେଇ ପାରିବେ। ଘରେ ଥିବା ଜିନିଷକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ଦାନା ପ୍ରସ୍ତୁତ କରିପାରିବେ। ବିଶେଷ ଯତ୍ନ ନେବା ଦ୍ୱାରା ଛେଳି ମଡ଼କ ଆଶଙ୍କା ହ୍ରାସ ପାଏ।

# ଆର୍ଦ୍ରତା ମାପି ଜଳ ଯୋଗାଇବ ଉପକରଣ

ଫସଲରେ ନିର୍ଦ୍ଦିଷ୍ଟ ସମୟରେ ଉଚିତ ମାତ୍ରା ଜଳ ସିଞ୍ଚନ କରିବା ଆହ୍ୱାନ ପୂର୍ଣ୍ଣ । ଏନେଇ କେରଳ, ଏସଏନ୍‌ଜିଆଇଟିଏସ୍‌ର ବିଟେକ୍ (ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେସନ୍)ର ବିଦ୍ୟାର୍ଥୀ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଏହା ମାଟିର ଆର୍ଦ୍ରତାସ୍ତରକୁ ମାପି ସଠିକ୍ ସମୟରେ କେଉଁ ଗଛକୁ କେତେ ପାଣି ଦିଆଯିବ ବତାଇବ। ଏହା ଦ୍ୱାରା ଜମିରେ ୩୦% ପାଣି ସଞ୍ଚୟ କରିପାରିବ। ଏହି ପ୍ରୋଜେକ୍ଟର ମେଣ୍ଟର ଏବଂ କଲେଜ୍ ପ୍ରଫେସର ଡା. ସୁଭିତା ଶର୍ମାଙ୍କ କହିବାନୁସାରେ, ବର୍ତ୍ତମାନ ଜଳସଙ୍କଟ ବଢୁଥିବାବେଳେ ଏହି ଉପକରଣଟି ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ଏହାକୁ ଭାରତୀୟ କୃଷି ପ୍ରଣାଳୀକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏଥିରେ ଲାଗିଥିବା ସେନ୍ସର ଲଗାତାର ମାଟିର ଆର୍ଦ୍ରତାକୁ ମାପିଥାଏ। ମାଟିର ଆର୍ଦ୍ରତା କମ୍ ଥିଲେ କମ୍ପ୍ୟୁଟର କିମ୍ବା ମୋବାଇଲ ଆପ୍‌କୁ ସୂଚନା ପଠାଇଥାଏ। ଉପକରଣ ବନାଇବାରେ ଆଇଓଟି (ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ) କୌଶଳ ବ୍ୟବହାର କରାଯାଇଛି। ଏଥିରେ ମାଇକ୍ରୋକଣ୍ଟ୍ରୋଲର, ସେନ୍ସର, ୱାଇଫାଇ ମଡ୍ୟୁଲ ଏବଂ କୋଡିଂ ସାହାଯ୍ୟରେ ବନାଯାଇଥିବାରୁ ଏହା ସ୍ୱୟଂଚାଳିତ ଭାବେ କାମ କରିଥାଏ। ଏହି ଉପକରଣଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ବ୍ୟବହାର କରିପାରିବେ। ଏହାର ମୂଲ୍ୟ ବହୁତ କମ୍। ଏହାକୁ ସ୍ମାର୍ଟଫୋନ୍‌ରେ ସଂଯୋଗ କରାଯାଇପାରିବ। ତେବେ ସରକାର ଏବଂ କୃଷି ସଂସ୍ଥାନଙ୍କ ସହଯୋଗ ମିଳିଲେ ଦେଶର ବହୁ ଚାଷୀ ଲାଭାନ୍ୱିତ ହୋଇପାରିବେ। ଏହା କେବଳ ଫସଲ ବୃଦ୍ଧି କରିବ ତାହା ନୁହେଁ, ଜଳ ଅପଚୟ ରୋକିବ।



# ଫୁଲର ଗାଁ



**ପୂଜା ପର୍ବ, ବିବାହ ବ୍ରତ ଆଦି ସବୁଠି ଫୁଲର ଆଦର ରହିଛି। ଫୁଲ ଚାଷରେ ଲାଭ ଅଧିକ । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ' ରହିଛି ଯେଉଁଠି ୯୦% ଚାଷୀ ଫୁଲ ଚାଷ ଉପରେ ନିର୍ଭରଶୀଳ। ଝାରଖଣ୍ଡ, ଦେଓଘର, ମୋହନପୁର ଅନ୍ତର୍ଗତ ମଲହରା ଗାଁ। ଏହି ଗାଁ'ଟି 'ଫୁଲ ଗାଁ' ଭାବେ ପରିଚିତ। ଏଠାରେ ସମସ୍ତେ ଗେଣ୍ଡୁଫୁଲ, ମନ୍ଦାରଫୁଲ, ଟଗର, ଜର୍‌ବେରା ଆଦି ଫୁଲଚାଷରୁ ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**

ଦେଓଘର ଜିଲ୍ଲା ମୁଖ୍ୟାଳୟରୁ ଏହି ଗାଁ'ଟି ମାତ୍ର ୭ କିମି ଦୂରରେ ଅବସ୍ଥିତ। ଗାଁ'ର ଜନସଂଖ୍ୟା ପାଖାପାଖି ୩,୦୦୦। ବାବା ବୈଦନାଥ ଓ ବାସୁକିଧାମ ଧାମର ପୂଜା ପାଇଁ ଫୁଲର ଗୁରୁତ୍ୱ ଅଧିକ ଥାଏ। ତେଣୁ ଏ ଦୃଷ୍ଟିରୁ ଏହି ଗାଁ'ର ପିଢ଼ି ପରେ ପିଢ଼ି ଗେଣ୍ଡୁ, ମନ୍ଦାର ଆଦି ଫୁଲ ଚାଷ କରି ଆସୁଛନ୍ତି। ଚାଷ ପାଇଁ ସ୍ଥାନୀୟ ଚାଷୀ କୋଲକାତାରୁ ଗେଣ୍ଡୁ ମଞ୍ଜି ମଗାନ୍ତି। ଏହାର ଦରଦାମ ଅଧିକ। ଏକ ଏକର ଜମିରେ ଫୁଲ ଚାଷ ପାଇଁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୁଏ। ଉପଯୁକ୍ତ ମାଟି ପରିଚାଳନା କରି ଗଛର ଯତ୍ନ ନେବା ଦ୍ୱାରା ଫୁଲ ପରିମାଣ ଅଧିକ ହୁଏ। ଅମଳ ଫୁଲକୁ ସ୍ଥାନୀୟ ଲୋକ ଦେଓଘର ବଜାର, ମନ୍ଦିର ଏବଂ ବିଶେଷ ରୂପେ ବାବା ମନ୍ଦିର ଏବଂ ବାସୁକିନାଥ ଧାମରେ ବିକ୍ରି କରିଥାନ୍ତି। ବର୍ଷସାରା ଗେଣ୍ଡୁ ଓ ମନ୍ଦାର ଫୁଲର ଚାହିଦା ଥିବାବେଳେ, ବିବାହ ଋତୁରେ ଗ୍ଲାଡିଓଲସ୍ ଓ ଜରବେରାର ଚାହିଦା ଅଧିକ ରୁହେ। ସେହିପରି ଶ୍ରାବଣମାସରେ ଦେଶ ବିଦେଶରୁ ଶ୍ରଦ୍ଧାଳୁ ବାବା ବୈଦନାଥଙ୍କ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। ଏହି ସମୟେ ଫୁଲର ଚାହିଦା ଏତେ ବଢ଼ିଯାଏ ଯେ, ଯୋଗାଇବାକୁ ସମସ୍ୟା ହୁଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଯଦି ସରକାର ମଞ୍ଜି, କୌଶଳ, ବଜାର ପାଇଁ ସୁବିଧା କରାଇବା ସହିତ ଚାଷ ପାଇଁ କିଛି ସହାୟତା କଲେ , ସେମାନେ ଆଗକୁ ବଢ଼ି ପାରିବେ। ଅଧିକ ମାତ୍ରାର ଫୁଲ ଚାଷ କରି ପାରନ୍ତେ ବୋଲି କୁହନ୍ତି।

# ବୋତଲରେ ଟମାଟୋ ଚାଷ



ପ୍ଲାଷ୍ଟିକ୍ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ଏକ ବଡ଼ ସମସ୍ୟା ହୋଇଛି। ତେଣୁ ଦୈନନ୍ଦିନ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲକୁ ଏଣେ ତେଣେ ନ ଫିଙ୍ଗି ଏଥିରେ ଟମାଟୋ ଚାଷ କରିପାରିବେ। ଟମାଟୋ କୁଣ୍ଡ କିମ୍ବା ଗ୍ରୋ ବ୍ୟାଗ୍‌ରେ ସହଜରେ ବଢ଼ିଥାଏ। ହେଲେ ପ୍ଲାଷ୍ଟିକ୍ ବୋତଲକୁ ସମାନ୍ତରାଳରେ କାଟି ଦେଲେ ବୋତଲର ତଳ ପାର୍ଶ୍ୱ କୁଣ୍ଡ ପରି କାମ କରିଥାଏ। ଏଥିପାଇଁ ବୋତଲର ତଳପାର୍ଶ୍ୱକୁ ଛୋଟ ଛୋଟ କଣା କରି ସେଥିରେ ଖତ ମିଶା ମାଟି ଭର୍ତ୍ତି କରି ଦିଅନ୍ତୁ। ସେଥିରେ ଟମାଟୋ ଚାରା ଲଗାଇ ପ୍ରତିଦିନ ହାଲୁକା ପାଣି ସିଞ୍ଚନ ଦ୍ୱାରା ମାଟି ଆର୍ଦ୍ରତା ଠିକ୍ ରୁହେ। ଉକ୍ତ ବୋତଲକୁ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିପାରିବେ। ୧୫ ଦିନ ଅନ୍ତରରେ ତରଳ ଜୈବିକ ସାର ଦେବା ଗଛ ବଢ଼ିଥାଏ। ଗଛକୁ ରଶିରେ ବାନ୍ଧି ସାହାରା ଦେଲେ ଫୁଲ ଓ ଫଳ ଧରିବାରେ ସହଜ ହୋଇଥାଏ।


## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକର ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ।
- ଶସ୍ୟଜାତୀୟ ଫସଲ ମକା, ଚିନାବାଦାମ ଓ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଝୋଟ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ, ଏହା ଫାଇବର ତନ୍ତୁର ଗୁଣ ଉପରେ ପ୍ରଭାବ ପକାଇଥାଏ।
- ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳ ପଚା ରୋଗ ଲାଗିବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ୨ ଗ୍ରାମ କିମ୍ବା କପର ଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତିଲିଟର ପାଣିରେ ୩ଗ୍ରାମ ସି.ଓ.ସି ମିଶାଇ ସିଞ୍ଚନ କରନ୍ତୁ।
- ଚିଆଁମାନଙ୍କ ପାଇଁ ବ୍ୟବହୃତ ଚଷୁ ବା ନଡ଼ାକୁ ଓଦା ନ କରି ଶୁଖିଲା ରଖନ୍ତୁ। କୁକୁଡ଼ା ଦାନାରେ ଯେମିତି ବର୍ଷା ପାଣି ନ ପଡ଼େ ସେଥିପାଇଁ ଧ୍ୟାନ ଦେବା ଉଚିତ।

## ଛେତ୍ରୀଙ୍କ ବିନା ନେସନ୍ସ କପ୍ ଖେଳିବ ଭାରତ


ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି): ଆଗାମୀ ସେଣ୍ଟ୍ରାଲ ଏସିଆନ ଫୁଟବଲ୍ ଆସୋସିଏସନ (କାଫା) ନେସନ୍ସ କପ୍ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲ ଘୋଷଣା କରିଥିବା



୨୩ ଜଣିଆ ଜାତୀୟ ସିନିଅର ଫୁଟବଲ୍ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ। ପୂର୍ବରୁ ଜମିଲ ଘୋଷଣା କରିଥିବା ସମ୍ଭାବ୍ୟ ଦଳରେ ମଧ୍ୟ ଛେତ୍ରୀଙ୍କୁ ନିଆଯାଇ ନ ଥିଲା। ଛେତ୍ରୀଙ୍କୁ ବାଦ୍ ଦିଆଯିବାକୁ ନେଇ ଜମିଲ କହିଛନ୍ତି, 'ଆଗାମୀ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ନେସନ୍ସ କପ୍ ଏକ ପ୍ରସ୍ତୁତି ସଦୃଶ ଟୁର୍ଣ୍ଣାମେଣ୍ଟ। ତେଣୁ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଅକ୍ଟୋବର ୯ ଓ ୧୪ରେ ସିଙ୍ଗାପୁର ବିପକ୍ଷରେ ଖେଳାଯିବାକୁ ଥିବା ମୁକାବିଲାରେ ଛେତ୍ରୀଙ୍କୁ ନିଶ୍ଚିତ ଖେଳାଯିବ।' ପ୍ରକାଶଯୋଗ୍ୟ, ଭାରତୀୟ ସିନିଅର ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହେବାପରେ ନେସନ୍ସ କପ୍ ଜମିଲଙ୍କ ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ନେସନ୍ସ କପ୍ ଏଥର ଅଗଷ୍ଟ ୨୯ରୁ ତାଜିକସ୍ତାନ ଓ ଉଜବେକିସ୍ତାନରେ ମିଳିତ ଭାବେ ଆୟୋଜିତ ହେବ। ଭାରତ ଗ୍ରୁପ୍-ବି'ରେ ଆୟୋଜକ ତାଜିକସ୍ତାନ, ଆଫଗାନିସ୍ତାନ ଓ ଇରାନ ସହ ସ୍ଥାନ ପାଇଛି। ଭାରତ ଅଗଷ୍ଟ ୨୯ରେ ତାଜିକସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଫାତିମାଙ୍କୁ ପାକିସ୍ତାନ ବିଶ୍ୱକପ୍ ଦଳର ନେତୃତ୍ୱ

କରାଚି, ୨୫।୮ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଆଗାମୀ ୧୩ତମ ସଂସ୍କରଣ ଲାଗି ସୋମବାର ପାକିସ୍ତାନ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଫାତିମା ସାନାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସାନା ବିଶ୍ୱକପ୍‌ର ଗତ ସଂସ୍କରଣ ଖେଳିଥିବାବେଳେ ଏଥର ନେତୃତ୍ୱ ଭାର ପାଇଛନ୍ତି। ଦଳର ୬ଜଣ ଖେଳାଳି ନାତାଲିଆ ପରଭେଜ, ରମୀନ ଶାମିମ, ସଦାଫ ଶମାସ୍, ସାଦିଆ ଇକବାଲ, ଶୱାଲ ଜୁଲଫିକର ଓ ସଇଦ ଆରୁବ ଶାହଙ୍କ ଏହା ପ୍ରଥମ ବିଶ୍ୱକପ୍ ହେବ। ମହିଳା ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଭାରତରେ ଆୟୋଜିତ ହେବ। ପାକିସ୍ତାନ କିନ୍ତୁ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଯଦି ପାକିସ୍ତାନ ସେମିଫାଇନାଲ ଓ ଫାଇନାଲକୁ ପ୍ରବେଶ କରେ ତେବେ ମଧ୍ୟ ଏହି ମ୍ୟାଚ୍ ଗୁଡ଼ିକ କଲମ୍ବୋରେ ଖେଳାଯିବ।



### ୟୁଏସ୍ ଓପନ୍ ଆରମ୍ଭରୁ ବିପର୍ଯ୍ୟୟ


## ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମେଦଭେଦେଭ୍



ନ୍ୟୁୟର୍କ, ୨୫।୮ (ଏଜେନ୍ସି)

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍‌ଓପନ୍‌ର ୧୪୫ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦୨୧ ଚାମ୍ପିଅନ ରୁଷିଆର ଡାନିଲ ମେଦଭେଦେଭ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ମେଦଭେଦେଭ ୩-୬, ୫-୭, ୭-୬(୫), ୬-୦, ୪-୬ ସେଟ୍‌ରେ ଫ୍ରାନ୍ସର ଅଣସିଡେଡ୍ ଖେଳାଳି ବେଞ୍ଜାମିନ ବୋନଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ତେବେ ଏହି ମ୍ୟାଚ ଅବସରରେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିକୁ ବିରୋଧ କରି ୨୯ ବର୍ଷୀୟ ମେଦଭେଦେଭ ଚେୟାରରେ ବସି କିଛି ସମୟ ପ୍ରତିବାଦ କରିଥିଲେ। ଯାହାକି ପ୍ରଥମ ଦିବସର ସବୁଠୁ ଚର୍ଚ୍ଚିତ ବିଷୟ ଥିଲା। ତୃତୀୟ ସେଟ୍ ମଝିରେ ଜଣେ ଫଟୋଗ୍ରାଫରଙ୍କ ଲାଗି ଖେଳରେ ବାଧା ପହଞ୍ଚିଥିଲା। ଯେଉଁଥି ପାଇଁ ଅମ୍ପାୟର ବେଞ୍ଜାମିନଙ୍କୁ ପୁଣିଥରେ ଆରମ୍ଭରୁ ସର୍ଭ କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି ନିଷ୍ପତ୍ତିକୁ ଡାନିଲ ବିରୋଧ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ସର୍ବିଆ ତାରକା ନୋଭାକ ଜୋକୋଭିଚ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ବେନ୍ ସେଲଟନ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଥିବା ୭ମ ସିଡ୍ ଜୋକୋଭିଚ୍ ୬-୧, ୭-୬ (୭/୩), ୬-୨ ସେଟ୍‌ରେ ଆମେରିକାର ଲର୍ନର ତିଏନଙ୍କୁ ହରାଇଥିଲେ।

### ପରାଜୟ ପରେ ଅବସର ନେଲେ କ୍ୱିଟୋଭା



ଆରିନା ସାବାଲେଙ୍କା

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଆରିନା ସାବାଲେଙ୍କା, ଇଟାଲୀର ଜସ୍ମିନ ପାଓଲିନ, ସୁଇଜରଲାଣ୍ଡର ବେଲିଣ୍ଡା ବେନିକ, ଆମେରିକାର ଜେସିକା ପେଗୁଲା ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସାବାଲେଙ୍କା ୭-୫, ୬-୧ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ରେବେକା ମାସାରୋଭାଙ୍କୁ ହରାଇଥିଲେ।



ସେହିଭଳି ଫିଲିପାଇନ୍ସର ମହିଳା ଖେଳାଳି ଆଲେକ୍ସଜାଣ୍ଡ୍ରା ଇଲା ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଇଲା ୬-୩, ୨-୬, ୭-୬ (୧୩/୧୧) ସେଟ୍‌ରେ ୧୪ତମ ସିଡ୍ ଡେନମାର୍କର କ୍ଲାରା ତୌସନଙ୍କୁ ପରାସ୍ତ କରିଛନ୍ତି। ଏଥିସହ ଓପନ ଏରାରେ ଇଲା ଫିଲିପାଇନ୍ସର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରେ ବିଜୟୀ ହେବାର ରେକର୍ଡ କରିଛନ୍ତି। ତେବେ ଦୁଇଥରର ୱିମ୍ବଲଡନ ଚାମ୍ପିଅନ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ପ୍ରଥମ ରାଉଣ୍ଡରେ ପରାଜୟ ପରେ ଭାଙ୍ଗିପଡ଼ି ଟେନିସରୁ ଅବସର ନେଇଛନ୍ତି। ୩୫ ବର୍ଷୀୟା କ୍ୱିଟୋଭା ତାଙ୍କ କ୍ୟାରିୟରରେ ୩୧ ଡବ୍ଲ୍ୟୁଟିଏ ଟାଇଟଲ୍ ବିଜୟୀ ହୋଇଛନ୍ତି।

## ଡ୍ରିମ୍ସ ୧୧ ସହ ଜର୍ସି ଚୁକ୍ତି ବାତିଲ କଲା ବିସିସିଆଇ

ମୁମ୍ବଇ,୨୫।୮ (ଏଜେନ୍ସି): କେନ୍ଦ୍ରସରକାର ଆଣିଥିବା ଅନ୍‌ଲାଇନ୍ ଗେମିଂ ବିଲ-୨୦୨୫ର ପ୍ରଭାବ ପଡ଼ିଛି ଦେଶର ସର୍ବୋଚ୍ଚ ବିତ୍ତଶାଳୀ ସଂଗଠନ ବିସିସିଆଇ ଉପରେ। ସରକାର ଅନ୍‌ଲାଇନ୍ ଗେମ୍‌କୁ ନିଷିଦ୍ଧ

**୩ ବର୍ଷ ପାଇଁ ୩୫୮ କୋଟି ଟଙ୍କାର ରାଜିନାମା**

କରିବା ପରେ ଡ୍ରିମ୍ ୧୧ ସହ ହୋଇଥିବା ୩୫୮ କୋଟି ଟଙ୍କାର ଜର୍ସି ପ୍ରାୟୋଜକ ଚୁକ୍ତିକୁ ବାତିଲ କରିଛି ବିସିସିଆଇ। ଡ୍ରିମ୍ ୧୧ ଅନ୍‌ଲାଇନ୍ ଗେମ୍‌ରେ ଦେଶରେ ଖୁବ୍ ଲୋକପ୍ରିୟ ଥିଲା। ଏହା ବାତିଲ ହୋଇ ନ ଥିଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଏହି ରାଜିନାମା ବେଆଇନ୍ ଘୋଷିତ ହୋଇଥାନ୍ତା। ଡ୍ରିମ୍-୧୧ ସହ ଚୁକ୍ତି ବାତିଲ କରିବା ପରେ ଏଭଳି ସଂଗଠନ ସହ ଭବିଷ୍ୟତରେ ବିସିସିଆଇ କୌଣସି ସମ୍ପର୍କ ରଖିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି। କିନ୍ତୁ ଡ୍ରିମ୍-୧୧ ପକ୍ଷରୁ



କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ୨୦୨୩ରେ ଡ୍ରିମ୍‌୧୧ ୩ ବର୍ଷ ଲାଗି ଜର୍ସି ପ୍ରାୟୋଜକ ଚୁକ୍ତିରେ ସ୍ୱାକ୍ଷର କରିଥିଲା। କିନ୍ତୁ ନୂଆ ଆଇନ୍ ବଳରେ ଡ୍ରିମ୍‌୧୧କୁ ବିଦା କରିବା ଛଡ଼ା ବିସିସିଆଇ ନିକଟରେ ଆଉ କୌଣସି ଉପାୟ ନ ଥିଲା। ସେପ୍ଟେମ୍ବର ୯ରୁ ଦୁବାଇ ଓ ଆବୁଧାବିରେ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତକୁ ନୂଆ ଜର୍ସି ପ୍ରାୟୋଜକ ଖୋଜିବାକୁ ପଡ଼ିବ। ଡ୍ରିମ୍‌୧୧ର ଅବଧି ଶେଷ ହୋଇଆସୁଥିବାରୁ ଏହି ଚୁକ୍ତି ବାତିଲ ହେବା ଫଳରେ ବିସିସିଆଇର ବିଶେଷ କ୍ଷତି ହେବ ନାହିଁ ବୋଲି ଆଶା କରାଯାଉଛି।

## ୫୦୦ ୱିକେଟ୍ କ୍ଲବ୍‌ରେ ଶାକିବ



ଆଣ୍ଟିଗୁଆ, ୨୫।୮ (ଏଜେନ୍ସି): ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୫ମ ବୋଲର ଭାବେ ଶାକିବ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୫୦୦ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଚଳିତ କାରିବିୟାନ ପ୍ରିମିଅର ଲିଗ୍ (ସିପିଏଲ୍) ରେ ଆଣ୍ଟିଗୁଆ ଫାଲ୍‌କନ ପକ୍ଷରୁ ଖେଳୁଥିବା ଶାକିବ ସେଣ୍ଟ୍ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ଦଳର ମହମ୍ମଦ ରିଜୱାନଙ୍କୁ ଆଉଟ୍ କରି ୫୦୦ତମ ୱିକେଟ୍ ପୂରଣ କରିଥିଲେ। ଶାକିବ ବର୍ତ୍ତମାନ ଓଭରଅଲ୍ ଟି-୨୦ରେ ୪୫୭ଟି ମ୍ୟାଚ୍ ଖେଳି ୬.୭୮ ଇକୋନୋମୀରେ ୫୦୨ଟି ୱିକେଟ୍ ନେଇଛନ୍ତି। ସେ ମୋଟ୍ ୯,୫୦୭ଟି ବଲ୍ ବୋଲିଂ କରିଛନ୍ତି। ଶାକିବଙ୍କ ପୂର୍ବରୁ ରଶିଦ ଖାନ (୬୬୦ ୱିକେଟ), ଡ୍ୱେନ ବ୍ରାଭୋ (୬୩୧), ସୁନିଲ ନାରାୟଣ (୫୯୦) ଓ ଇମ୍ରାନ ତାହିର (୫୫୪) ଏହି କ୍ଲବରେ ସାମିଲ ହୋଇସାରିଛନ୍ତି। ଶାକିବ ଆଇପିଏଲ୍ ସମେତ ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଆଦିରେ ହେଉଥିବା ଲିଗ୍‌ରେ ବିଭିନ୍ନ ଦଳରୁ ଅଂଶଗ୍ରହଣ କରିଛନ୍ତି।

## ଜାତୀୟ ଅସିଚାଳନା ଲାଗି ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର,ବଲାଙ୍ଗିର,୨୫।୮ (ସମିସ): ଉତ୍ତରାଖଣ୍ଡର ହଲଦିୱାନିଠାରେ ୨୦ତମ ଜାତୀୟ ୧୭ ବର୍ଷରୁ କମ୍ ଅସିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାରୁ ୩୦ଜଣ ଅସିଚାଳକ ମନୋନୀତ ହୋଇଛନ୍ତି। ବଲାଙ୍ଗୀର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆଜିଠାରୁ ୧୦ ଦିନ ଧରି ହେବାକୁ ଥିବା ଏହି ଶିବିର ଶେଷରେ ବାଳକ ଓ ବାଳିକା ବିଭାଗରେ ୧୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଚୂଡ଼ାନ୍ତ ଚୟନ କରାଯିବ ବୋଲି ଓଡ଼ିଶା ଅସିଚାଳନ ମହାସଂଘର ଯୁଗ୍ମ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

### ଏସିଆନ ସୁଟିଂରେ ମାନୁ ଚତୁର୍ଥ

## ନୀରୁ ଧାଣ୍ଡାଙ୍କୁ ଡବଲ ସ୍ୱର୍ଣ୍ଣ



ନୂଆଦିଲ୍ଲୀ,୨୫।୮ (ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତିଥିବା ମାନୁ ଭାକର କାଜାଖସ୍ଥାନରେ ଚାଲିଥିବା ଏସିଆନ୍ ସୁଟିଂ ଚାମ୍ପିଅନସିପ୍‌ରେ ଭାରତକୁ ନିରାଶ କରିଛନ୍ତି। ଆଜି ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମାନୁ ଚତୁର୍ଥ ଓ ତାଙ୍କ ସାଥି ଇଶା ସିଂ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ମାନୁ ଓ ଇଶା ବିଫଳ ହୋଇଥିଲେ ମଧ୍ୟ ଭାରତକୁ ଆଜି ଅନୁଷ୍ଠିତ ଇଭେଣ୍ଟରେ ଏକାଧିକ ପଦକ ମିଳିଛି। ଜାତୀୟ ଚାମ୍ପିଅନ ନୀରୁ ଧାଣ୍ଡା ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ସ୍ୱର୍ଣ୍ଣ ବିଜୟୀ କରାଇଛନ୍ତି। ଏହି ଇଭେଣ୍ଟରେ ଆଉ ଜଣେ ଭାରତୀୟ ଅସୀମା ଆଲୱତ କାଂସ୍ୟ ପଦକ ହାସଲ କରିଛନ୍ତି। ନୀରୁ ୪୩ ଓ ଅସୀମା ୨୯ ପଏଣ୍ଟ ପାଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଚୀନ୍ ଓ କୁଏତକୁ ପଛରେ ପକାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି। ମହିଳା ଟ୍ରାପ୍‌ରେ ନୀରୁ, ଅସୀମା ଓ ପ୍ରୀତି ରଜାକ୍ ୩୧୯ ପଏଣ୍ଟ ସ୍କୋର କରି ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତକୁ ତୃତୀୟ ପଦକ ମିଳିଛି ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ। ବ୍ୟକ୍ତିଗତ ବିଭାଗରେ ଭାରତ କୌଣସି ପଦକ ଜିତି ନ ଥିଲେ ମଧ୍ୟ ଦଳଗତ ବିଭାଗରେ ମାନୁ, ଇଶା ଓ ସିମରନପ୍ରୀତ୍ କୌର ବ୍ରାର କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

### ■ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ପ୍ରଥମରୁ ହାରିଲେ ରତ୍ନପର୍ଣ୍ଣା-ଶ୍ୱେତପର୍ଣ୍ଣା

ପ୍ୟାରିସ, ୨୫।୮ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିଁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ତାରକା ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଲକ୍ଷ୍ୟ ୧୭-୨୧, ୧୯-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନାର ସି ୟୁକ୍ୱିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଦୁଇ ଓଡ଼ିଆ ଭଗିନୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ମଧ୍ୟ ପ୍ରଥମ ରାଉଣ୍ଡରେ ହାରିଯାଇଛନ୍ତି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ୧୨-୨୧, ୧୧-୨୧ ଗେମ୍‌ରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲା ଓ ଷ୍ଟିଫାନି ଷ୍ଟୋଏଭାଙ୍କ ନିକଟରୁ ପରାସ୍ତ ହୋଇଥିଲେ।

### ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ପ୍ରୀତିସ୍ମିତାଙ୍କ ରେକର୍ଡ



ଭୁବନେଶ୍ୱର,୨୫।୮ (ସମିସ)

ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ ୩ଟି ରେକର୍ଡ ସହ ଅହମ୍ମଦାବାଦରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ପ୍ରତିଯୋଗିତାର ପ୍ରଥମ ଦିନରେ ରାଜ୍ୟକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ଢେଙ୍କାନାଳ ସବ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରୀତିସ୍ମିତା ୪୪ କିଲୋଗ୍ରାମ୍ କାଟାଗୋରୀରେ ଏହି ସଫଳତା ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୬୩ କିଲୋଗ୍ରାମ୍, କ୍ଲିନ୍ ଆଣ୍ଡ ଜର୍କରେ ୮୭ କିଲୋଗ୍ରାମ୍ ଓ ମୋଟରେ ୧୫୦ କିଲୋଗ୍ରାମ୍ ଓଜନ ଉଠାଇ ସମସ୍ତ ବିଭାଗରେ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଛନ୍ତି। ସ୍ୱର୍ଣ୍ଣରୁ ପଦକ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶାର ଏହି ତାରକା ଭାରୋତ୍ତୋଳନ ଢେଙ୍କାନାଳରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ଏବେ ଉତ୍ତରପ୍ରଦେଶର ମୋଦି ନଗରରେ ଥିବା କୋର୍ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସାନଭଉଣୀ ବିଦୁସ୍ମିତା ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

### ସ୍ୱର୍ଣ୍ଣ ସହ ଫେରିଲେ ମୀରାବାଇ ଚାନୁ



**ଅହମ୍ମଦାବାଦ୍** : ଷ୍ଟାର ଭାରୋତ୍ତୋଳକ ମୀରାବାଇ ଚାନୁ ମହିଳା ୪୮ କିଲୋଗ୍ରାମ୍ ଶ୍ରେଣୀରେ ୩ଟି ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୯ ଓ ମୋଟରେ ୧୯୩ କେଜି ଓଜନ ଉଠାଇ ୩ଟି ରେକର୍ଡ କରିଥିଲେ। ଆଘାତ ସମସ୍ୟା ଯୋଗୁ ସେ ଦୀର୍ଘ ୧ ବର୍ଷ ହେଲା କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ।

### ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

## ସେମିରେ ଓଡିଏମ୍, ଡିଏଭି ପୋଖରୀପୁଟ

ଭୁବନେଶ୍ୱର,୨୫।୮ (ସମିସ): ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ଏଠାରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ୪-୧ ପେନାଲ୍ଟି ଗୋଲରେ ୟୁନିଟ୍-୧ ସରକାରୀ ହାଇସ୍କୁଲକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପୋଖରୀପୁଟର ଅପ୍ରମିତ ପ୍ରଧାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଗୌରୀ ପ୍ରହରାଜ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ମଧୁସୂଦନ ରେଡ୍ଡୀ ଓଡ଼ିଏମ୍‌ର ଶ୍ରୀଜଲ କିସ୍କୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ କିସ ବନାମ ବିଜେଇଏମ୍‌ଓ ଦ୍ୱିତୀୟ ମ୍ୟାଚ୍‌ରେ ମଦର୍ସ ପବ୍ଲିକ୍ ସ୍କୁଲ ସହ ବିକାଶ ରେସିଡେନ୍‌ସିଆଲ ସ୍କୁଲର ମୁକାବିଲା ହେବ।



ଶ୍ରୀଜଲ କିସ୍କୁ



ଅପ୍ରମିତ ପ୍ରଧାନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS